ବର୍ଷ-୨୫, ସଂଖ୍ୟା-୯୭
ଭୁବନେଶ୍ୱର
୦୯, ଏପ୍ରିଲ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 97
Bhubaneswar
09, April, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ପ୍ରିୟାନ୍ସଙ୍କ ବିସ୍ଫୋରକ ଶତକ

# ନିବେଶକ ସମ୍ମିଳନୀରୁ ୧.୩ ଲକ୍ଷ କୋଟି ପୁଞ୍ଜିନିବେଶ

## ୧୩ ଚୁକ୍ତିନାମା ସ୍ୱାକ୍ଷରିତ, ୧୫ ନିବେଶ ପ୍ରସ୍ତାବ

## ୯୫,୯୧୫ ନିଯୁକ୍ତି ସୁଯୋଗ

## ଆଇଓସିଏଲ୍ ସହ ଐତିହାସିକ ଚୁକ୍ତିନାମା

## ଓଡିଶାରେ ନିବେଶ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ



ନୂଆଦିଲ୍ଲୀ,୮।୪(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ଅନେକ ବିଶିଷ୍ଟ ଶିଳ୍ପପତିଙ୍କ ସହିତ ଆଲୋଚନା କରିବା ସହିତ ଓଡିଶାରେ ନିବେଶ କରିବାକୁ ଆମନ୍ତ୍ରଣ କରିଛନ୍ତି। ତାଜ୍ ପ୍ୟାଲେସ୍ ଠାରେ ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୩ଟି ଚୁକ୍ତିନାମା ସ୍ୱାକ୍ଷରିତ ହେବା ସହିତ ୧୫ଟି ନିବେଶ ପ୍ରସ୍ତାବ ଆସିଛି। ଏହି ୧୩ଟି ଚୁକ୍ତିନାମା ଜରିଆରେ ଓଡିଶାକୁ ୯୮,୮୮୦ କୋଟି ଟଙ୍କାର ପୁଞ୍ଜି ଆସିବା ସହିତ ୬୭,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ସହିତ ୧୫ଟି ନିବେଶ ପ୍ରସ୍ତାବ ମଧ୍ୟ ଆସିଛି। ଏହାଦ୍ୱାରା ସମୁଦାୟ ୧,୦୩,୦୯୦ କୋଟି ଟଙ୍କାର ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି ହୋଇଥିବା ବେଳେ ୯୫,୯୧୫ଟି ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି।

ଏହି ଚୁକ୍ତିନାମା ଗୁଡିକ ମଧ୍ୟରେ ଆଇ.ଓ.ସି.ଏଲ୍ ସହିତ ଚୁକ୍ତି ଖୁବ୍ ଗୁରୁତ୍ୱପୂର୍ଣ୍ଣ ଓଡିଶାରେ ଏକ ଡୁଆଲ୍-ଫିଡ୍ ନାଫ୍ଥା କ୍ରାକର ପ୍ରକଳ୍ପ କରିବା ପାଇଁ ଏହି ଚୁକ୍ତି କରାଯାଇଛି। ଏହାଦ୍ୱାରା ଆଇ.ଓ.ସି.ଏଲ୍ ଓଡିଶାରେ ୫୮,୦୪୨ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ଏବଂ ୨୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ପେଟ୍ରୋକେମିକାଲ ଓ କେମିକାଲ କ୍ଷେତ୍ରରେ ଆଉ ଦୁଇଟି ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। ଗୋଟିଏ ଚୁକ୍ତିନାମା ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିଅମ୍ ରିଜର୍ଭସ ଲିମିଟେଡ୍ ସହିତ ହୋଇଥିବା ବେଳେ ଅନ୍ୟ ଚୁକ୍ତିନାମାଟି ପେଟ୍ରୋନେଟ୍ ଏଲ୍.ଏନ୍.ଜି ସହିତ କରାଯାଇଛି। ପେଟ୍ରୋକେମିକାଲ କ୍ଷେତ୍ରରେ ଏହି ଚୁକ୍ତିନାମା ଗୁଡିକ ଓଡିଶାର ଶିଳ୍ପବିକାଶକୁ ତ୍ୱରାନ୍ୱିତ କରିବା ସହିତ ଏ କ୍ଷେତ୍ରରେ ଦେଶର ଆମଦାନୀକୁ ହ୍ରାସ କରିବ ଏବଂ ଏକ ସୁଦୃଢ ସପ୍ଲାଇ ଚେନ୍ ମଧ୍ୟ ପ୍ରତିଷ୍ଠା କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ଆଇ.ଓ.ସି.ଏଲ୍ ସହିତ ଚୁକ୍ତିନାମା ଓଡିଶାର ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଏକ ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନୂଆ ଦିଲ୍ଲୀ ଗସ୍ତ ଓ ଶିଳ୍ପପତି ମାନଙ୍କ ସହିତ ଆଲୋଚନା ଦ୍ୱାରା ଶିଳ୍ପ ଜଗତରେ ଓଡିଶା ପ୍ରତି ଏକ ସକରାତ୍ମକ ମନୋଭାବ ସୃଷ୍ଟି ହୋଇଛି। ଓଡିଶାରେ ପୁଞ୍ଜିବିନିଯୋଗ କରିବା ପାଇଁ ଶିଳ୍ପପତି ମାନଙ୍କୁ ଆକୃଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଶ୍ଚିମ ଭାରତରେ ଗୁଜୁରାଟର ଦାହେଜ ବନ୍ଦର ଯେପରି ପେଟ୍ରୋକେମିକାଲ କ୍ଷେତ୍ରରେ ଏକ ଅଗ୍ରଣୀ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇପାରିଛି, ପାରାଦୀପ ମଧ୍ୟ ପୂର୍ବ ଭାରତରେ ସେହିପରି ଭାବେ ବିକଶିତ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଶିଳ୍ପକ୍ଷେତ୍ର ସହିତ ଓଡିଶାର ଉଜ୍ଜଳ ଭବିଷ୍ୟତ ପାଇଁ ଆପଣମାନେ ଓଡିଶାରେ ନିବେଶ କରନ୍ତୁ। ନିବେଶ କରିବା ପାଇଁ ଏହି ସମୟ ହିଁ, ପ୍ରକୃତ ସମୟ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିଅମ୍ ଓ ନେଚୁରାଲ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ଏବଂ ଓଡିଶାର ଶିଳ୍ପ, ସ୍କିଲ ଡେଭଲପ୍‌ମେଣ୍ଟ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ନିଜର ଅଭିଭାଷଣ ରଖି ଶିଳ୍ପକ୍ଷେତ୍ରରେ ବିକାଶ ପାଇଁ ଓଡିଶାର ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ।

## ଟ୍ରମ୍ପଙ୍କ ଟାରିଫ୍ ନିଆଁ

ୱାଶିଂଟନ,୮।୪(ମହାଭାରତ): ଆମେରିକାର ୩୪% ପାରସ୍ପରିକ ଶୁଳ୍କ ଜବାବରେ ଚୀନ ସମାନ ପରିମାଣର ଜବାବୀ ଶୁଳ୍କ ଲଗାଇଥିଲା। ବେଜିଂ ଏହି ଟାରିଫ୍ ଘୋଷଣା କରିବାର ୨୪ ଘଣ୍ଟା ନ ପୂରୁଣୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚୀନ ସାମଗ୍ରୀ ଉପରେ ଅତିରିକ୍ତ ୫୦% ଶୁଳ୍କ ଲଗାଯିବା ନେଇ ସୋମବାର ଘୋଷଣା କରିଛନ୍ତି। ୨ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଜୋର୍ଦାର ହୋଇଥିବାବେଳେ ଚୀନ ସାମଗ୍ରୀ ଉପରେ ୱାଶିଂଟନ ମୋଟ ୮୪% ଟାରିଫ୍ ଲଗାଇବାକୁ ଯାଉଛି।

ବିଶ୍ୱବ୍ୟାପୀ ସବୁ ଦେଶ ଉପରେ ହ୍ୱାଇଟ୍ ହାଉସ୍ ୧୦% ଶୁଳ୍କ ଲଗାଇଥିବାବେଳେ ଏହାକୁ ମିଶାଇ ଚୀନ ସାମଗ୍ରୀ ଉପରେ ମୋଟ ୯୪% ଟାରିଫ୍ ଲାଗୁ ହେବାକୁ ଯାଉଛି। ଚୀନକୁ ପୂର୍ବରୁ ଚେତାବନୀ ଦେଇଥିବା ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଛନ୍ତି। ଚୀନ ଆମେରିକୀୟ ସାମଗ୍ରୀ ଉପରେ ଯଥେଷ୍ଟ ଅଧିକ ଶୁଳ୍କ ଲଗାଇଥିବାବେଳେ ପୁଣି ୩୪% ଜବାବୀ ଟିକସ ଘୋଷଣା କରିଥିଲା।

# ଗଣମାଧ୍ୟମରେ ମତ ନ ରଖିବାକୁ ନବୀନଙ୍କ ପରାମର୍ଶ



**ଭୁବନେଶ୍ୱର,୮।୪(ମହାଭାରତ):** ୱାକଫ ବିଲ୍ ପ୍ରସଙ୍ଗରେ ଗତ ୫ ଦିନ ଧରି ତୁମ୍ବିତୋଫାନ ପରେ ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଛନ୍ତି। ଗଣମାଧ୍ୟମରେ ବକ୍ତବ୍ୟ ନ ରଖିବାକୁ ନେତାଙ୍କୁ ଅନୁରୋଧ କରିଛନ୍ତି ନବୀନ।

ଆଜି ନବୀନଙ୍କୁ ଭେଟିବାକୁ କେତେକ ବରିଷ୍ଠ ନେତା ନବୀନ ନିବସରେ ପହଞ୍ଚି ଆଲୋଚନା କରିଛନ୍ତି। ପ୍ରାୟ ଦେଢ ଘଣ୍ଟା ଧରି ଦଳୀୟ ନେତାଙ୍କ ସହିତ ଆଲୋଚନା କରିଛନ୍ତି ନବୀନ। ଦଳରେ ଶୃଙ୍ଖଳା ବଜାୟ ରଖିବାକୁ ନେତାମାନଙ୍କୁ ନବୀନ ପଟ୍ଟନାୟକ ପରାମର୍ଶ ଦେଇଥିବା ଜଣାଯାଇଛି। ଏପରିକି ଗଣମାଧ୍ୟମରେ ବକ୍ତବ୍ୟ ନ ରଖିବାକୁ ନେତାଙ୍କୁ ବି ସେ ଅନୁରୋଧ କରିଛନ୍ତି। ନବୀନ ନିବାସରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ମିଶ୍ର, ପ୍ରତାପ ଦେବ, ଅନଙ୍ଗ ଉଦୟ ସିଂହଦେଓ, କଳିକେଶ ସିଂହଦେଓ ଓ ବବି ଦାସ ପ୍ରମୁଖ ବିଜେଡି ସଭାପତିଙ୍କ ସହ ଆଲୋଚନା କରି ବାହାରିଛନ୍ତି। ସେପଟେ ଶଙ୍ଖ ଭବନରେ ଏକାଠି ହୋଇଥିଲେ ସସ୍ମିତ ରାଉତରାୟ ଓ ପ୍ରଣବ ବଳବନ୍ତରାୟଙ୍କ ସମେତ ଅନ୍ୟ କିଛି ପୂର୍ବତନ ଯୁବ ବିଧାୟକ। ରାଜ୍ୟସଭାରେ ୱାକଫ୍ ବିଲ ପ୍ରସଙ୍ଗରେ ଲୋକଙ୍କ ପାଖରେ ଦଳ ବିଶ୍ୱାସନୀୟତା ହରାଉଛି ଓ ନେତାମାନେ ପରସ୍ପର ବିରୋଧୀ ମନ୍ତବ୍ୟ ଦେବା ଦଳକୁ ଭାରି ପଡୁଛି। ବିଶୃଙ୍ଖଳା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ଦାବି କରି ସେମାନେ ବିଜେଡି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦଳର ସମନ୍ୱୟ କମିଟି ଆବାହକ ଦେବୀ ମିଶ୍ରଙ୍କୁ ପ୍ରଦାନ କରିବେ ବୋଲି ଜଣାଯାଇଛି।

# ଓଡ଼ିଶା ବିଶ୍ୱ ପାଇଁ ପ୍ରମୁଖ ଶକ୍ତି କେନ୍ଦ୍ର ହେବ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର,୮।୪(ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀ ଠାରେ ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ବୈଠକରେ ଓଡ଼ିଶା ସରକାର ଏବଂ ଉର୍ଜା କ୍ଷେତ୍ରରେ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଥିବା ବେଳେ ଏହି ବୁଝାମଣା ଦ୍ୱାରା ଓଡ଼ିଶା ବିଶ୍ୱ ପାଇଁ ପ୍ରମୁଖ ଶକ୍ତି କେନ୍ଦ୍ରରେ ପରିଣତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ପାରାଦୀପ ଠାରେ ୫୮,୦୪୨ କୋଟି ଟଙ୍କାର ମେଗା ଡୁଆଲ ଫିଡ୍ କ୍ରାକର(ଡିଏଫସି) ଏବଂ ଏହାର ଡାଉନଷ୍ଟ୍ରିମ ୟୁନିଟ୍ ପାଇଁ ଓଡ଼ିଶା ସରକାର ଏବଂ ଆଇଓସିଏଲ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ଯାଜପୁର ଚଣ୍ଡିଖୋଲ ଠାରେ ୮,୭୪୩ କୋଟି ଟଙ୍କା ବ୍ୟୟରେ କ୍ରୁଡ ଅଏଲ ଷ୍ଟୋରେଜ୍ ଫାସିଲିଟି ପାଇଁ ଓଡ଼ିଶା ସରକାର ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍ ଏବଂ ଗୋପାଳପୁର ଠାରେ ୨୩୦୬ କୋଟି ଟଙ୍କା ବ୍ୟୟରେ ଏଲଏନଜି ଟର୍ମିନାଲ ପାଇଁ ଓଡ଼ିଶା ଏବଂ ପେଟ୍ରୋନେଟ୍ ଏଲଏନଜି ଟର୍ମିନାଲ ସହ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ଇଣ୍ଡିଆନ ଅଏଲର ପାରାଦୀପ ତୈଳ ବିଶୋଧନାଗାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଓଡ଼ିଶା ପାଇଁ ଅବଦାନ। ଏହାକୁ ବାଜପେୟୀଜୀ ଶୁଭ ଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ। ସେହି ସମୟରେ ଏଠାରେ ପେଟ୍ରୋଲିୟମ ଉତ୍ପାଦ ସହ ପେଟ୍ରୋକେମିକାଲ ଉତ୍ପାଦ ବାହାର କରିବା ପାଇଁ ଯୋଜନା ହୋଇଥିଲା। ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟିରେ ଏକ ନୂଆ ଆଶା ଓ ଦିଗ ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାର ସମ୍ଭାବନା ବିଷୟରେ ସ୍ପଷ୍ଟ ଭାବେ ଅବଗତ ଅଛନ୍ତି ଏବଂ ଏହି ସମ୍ଭାବନାକୁ ଉପଲବ୍ଧ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏକ ବହୁ-ଅଂଶୀଦାର ସମବାୟ ଆଭିମୁଖ୍ୟ ଓଡ଼ିଶାର ବିକାଶକୁ ନୂଆ ଶିଖରରେ ପହଞ୍ଚାଇବ।

ଆଜିର ଏମଓୟୁ ନେଇ ଶ୍ରୀ ପ୍ରଧାନ କହିଛନ୍ତି, ଯୋଜନା କରାଯାଇଥିବା ମେଗା ପୁଞ୍ଜିନିବେଶ ଓଡ଼ିଶାର ଅଭିବୃଦ୍ଧି ଯାତ୍ରାରେ ଏକ ନୂଆ ଯୁଗର ଶୁଭାରମ୍ଭ କରିବ। ଓଡ଼ିଶା ବିଶ୍ୱ ପାଇଁ ଏକ ପ୍ରମୁଖ ଶକ୍ତି କେନ୍ଦ୍ରରେ ପରିଣତ ହେବ। ଏହି ନୂତନ ପୁଞ୍ଜିନିବେଶ ରାଜ୍ୟର ଉଦ୍ୟୋଗୀ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବ ଏବଂ ଅଧିକରୁ ଅଧିକ ଓଡ଼ିଆ ଯୁବକ ଉଦ୍ୟୋଗୀ ହେବାରେ ସକ୍ଷମ ହେବେ। ଏସବୁ ପଦକ୍ଷେପ ଡବଲ ଇଞ୍ଜିନ ସରକାରର ଇସ୍ତାହାରର ଏକ ସ୍ପଷ୍ଟ ପ୍ରତିଫଳନ। ମେଗା ଡୁଆଲ ଫିଡ୍ କ୍ରାକର ଏବଂ ଏହାର ଡାଉନଷ୍ଟ୍ରିମ ୟୁନିଟ୍ ପେଟ୍ରୋକେମିକାଲ୍ସର ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ ଏବଂ ଭାରତର ପେଟ୍ରୋକେମିକାଲ୍ସ ଉଦ୍ୟୋଗକୁ ସୁଦୃଢ କରିବ। ଏହି ପ୍ରକଳ୍ପ ପାରାଦୀପ ପେଟ୍ରୋଲିୟମ, କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ ନିବେଶ କ୍ଷେତ୍ରର ପ୍ରଗତିକୁ ତ୍ୱରାନ୍ୱିତ କରିବ। ବର୍ତ୍ତମାନ ୫.୩୩ ଏମଏମଟି (ମିଲିୟନ ମେଟ୍ରିକ୍ ଟନ୍) କ୍ଷମତା ବିଶିଷ୍ଟ ଏସପିଆର ସହିତ ଆମେ ଭାରତର ୯.୫ ଦିନର ଅଶୋଧିତ ତୈଳ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ। ଚଣ୍ଡିଖୋଲ ଠାରେ ୪ ଏମଏମଟି ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ପ୍ରତିଷ୍ଠା ହେଲେ ଦେଶର ଅଶୋଧିତ ତୈଳ ଆବଶ୍ୟକତା ଅତିରିକ୍ତ ୭ ଦିନ ବୃଦ୍ଧି ପାଇବ। ଫଳରେ ଭାରତରେ ମୋଟ ପ୍ରାୟ ୧୭ ଦିନର କ୍ରୁଡ୍ ଅଏଲ୍ ଆବଶ୍ୟକତା ପୂରଣ କରିବ। ସେହିପରି ବର୍ତ୍ତମାନ ଭାରତରେ ୭ଟି କାର୍ଯ୍ୟକ୍ଷମ ଏଲଏନଜି ଟର୍ମିନାଲ ରହିଛି, ଯାହାର କାର୍ଯ୍ୟକ୍ଷମ ପୁନଃ ଗ୍ୟାସିଫିକେସନ୍ କ୍ଷମତା ପ୍ରାୟ ୪୭.୭ ଏମଏମଟିପିଏ ରହିଛି। ପୂର୍ବ ଉପକୂଳରେ ତାମିଲନାଡୁ ଏନ୍ନୋର ପରେ ଓଡ଼ିଶାର ଧାମରା ଏବଂ ଏବେ ଗୋପାଳପୁର ତୃତୀୟ ଏଲଏନଜି ଟର୍ମିନାଲ ହେବ। ଏଲଏନଜି ଟର୍ମିନାଲ ପ୍ରତିଷ୍ଠା ସମଗ୍ର ପୂର୍ବ ଭାରତକୁ ଶକ୍ତି ଉପଲବ୍ଧତା ପାଇଁ ସେବା ଯୋଗାଇବ ଏବଂ ଶକ୍ତି ନିରାପତ୍ତା ବୃଦ୍ଧି କରିବ।

# ଦେଶରେ ଲାଗୁ ହେଲା ୱାକଫ୍ ଆଇନ୍

**ନୂଆଦିଲ୍ଲୀ,୮।୪(ଏଜେନ୍ସି):** ୱାକଫ୍ (ସଂଶୋଧନ) ଆଇନ-୨୦୨୫ ଆଜିଠୁ କାର୍ଯ୍ୟକାରୀ ହୋଇଛି। ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି ମନ୍ତ୍ରଣାଳୟ କହିଛି ଯେ ୱକଫ (ସଂଶୋଧନ) ଆଇନ (୨୦୨୫ର ୧୪)ର ଧାରା ୧ର ଉପ-ଧାରା (୨) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି କେନ୍ଦ୍ର ସରକାର ୮ ଏପ୍ରିଲ, ୨୦୨୫ ଠାରୁ ଆଇନର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି। ସଂସଦର ଉଭୟ ଗୃହରେ ୱାକଫ୍ ସଂଶୋଧନ ବିଲ୍ ଗୃହୀତ ହେବା ପରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର (୫ ଏପ୍ରିଲ) ଏହାକୁ ଅନୁମୋଦନ କରିଥିଲେ। ଦେଶର ଅନେକ ରାଜ୍ୟରେ ନୂତନ ୱାକଫ ଆଇନ ବିରୋଧରେ ପ୍ରତିବାଦ ଚାଲିଥିବା ବେଳେ, କଂଗ୍ରେସ, ଏଆଇଏମଆଇଏମ ଏବଂ ଆମ ଆଦମୀ ପାର୍ଟି (ଆପ) ପୃଥକ ପୃଥକ ଆବେଦନ ସହିତ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

ହେଲେ ୱକଫ (ସଂଶୋଧନ) ଆଇନ-୨୦୨୫ ସମ୍ପର୍କରେ, କେନ୍ଦ୍ର ସରକାର ଦାବି କରିଛନ୍ତି ଯେ ଏହା ୱକଫ ପ୍ରଶାସନରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବ ଏହା ସହିତ ଯେଉଁ ଗରିବ ମୁସଲମାନମାନେ ସେମାନଙ୍କର ଅଧିକାରରୁ ବଞ୍ଚିତ ଥିଲେ, ସେମାନେ ଏବେ ସେମାନଙ୍କର ଅଧିକାର ପାଇବେ ଏହା ଦେଶର ମୁସଲମାନମାନଙ୍କ ସାମାଜିକ-ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ବିଜେଡି ନେତା ବାକ୍ ଯୁଦ୍ଧ ଜାରି

ଭୁବନେଶ୍ୱର,୮।୪(ମହାଭାରତ): ଗତ ୫ ଦିନ ହେଲା ବିଜେଡିର ଆଭ୍ୟନ୍ତରୀଣ କନ୍ଦଳ ଓ ବିଭାଜନକୁ ନେଇ ଶଙ୍ଖ ଭବନ ଠାରୁ ଆରମ୍ଭ କରି ନବୀନ ନିବାସ ପର୍ଯ୍ୟନ୍ତ ଧାଁ ଧଉଡ ଲାଗିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ୱକଫ ବିଲ୍‌କୁ ନେଇ ବିଜେଡିର ଆଭିମୁଖ୍ୟ ପରିବର୍ତ୍ତନ ପାଇଁ କିଏ ଦାୟୀ ତାହା ସ୍ପଷ୍ଟ ହୋଇ ପାରୁ ନାହିଁ।

ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ରାଜ୍ୟସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ମତାମତକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇବା ବିଜେଡି ରାଜନୀତିରେ ବିସ୍ମୟ ସୃଷ୍ଟି କରିଛି। ପାଣ୍ଡିଆନଙ୍କ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ପାଣ୍ଡିଆନ କିଏ ମୁଁ ଜାଣି ନାହିଁ। ସେ ସନ୍ୟାସ ନେଇ ସାରିଛନ୍ତି। ସେ ବର୍ତ୍ତମାନ ଦଳ ପାଇଁ ଅତୀତ। କିନ୍ତୁ ଦେବାଶିଷ ସାମନ୍ତରାୟ ବିଜେଡିର ଜଣେ ପ୍ରତିଷ୍ଠାତା ସଭ୍ୟ ହୋଇଥିବାରୁ ସେ ପାଣ୍ଡିଆନଙ୍କ ସମ୍ପର୍କରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାକୁ ସେ ସ୍ୱାଗତ କରିଛନ୍ତି। ଦେବାଶିଷ ସାମନ୍ତରାୟ ଯାହା କହିଛନ୍ତି ତା ଠାରୁ ଅଧିକ ସେ ଆଉ କିଛି କହି ପାରିବେ ନାହିଁ। ସେ କହିଛନ୍ତି ଯେ, ଦଳରେ କଣ ଚାଲିଛି ସେ ବିଷୟରେ ନବୀନ ବାବୁ ସବୁ ଜାଣନ୍ତି। ଦଳରେ ସେ ହିଁ ସର୍ବମୟ କର୍ତ୍ତା। ସେ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରିବେ। ବିଭିନ୍ନ ପ୍ରକାର ବିବୃତ୍ତି ଦେବା ପୂର୍ବରୁ ଭାବିଚିନ୍ତି ଦେବା ପାଇଁ ସେ ଅନୁରୋଧ କରିବା ସହିତ ନବୀନ ବାବୁଙ୍କ ଛବି ମଳିନ କରିବା ପାଇଁ ଉଦ୍ୟମ ନ ହେଉ ବୋଲି ସେ କହିଛନ୍ତି।





ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଆଜି ଏ ସମ୍ପର୍କରେ ମୁହଁ ଖୋଲି କହିଛନ୍ତି ଯେ, ବର୍ତ୍ତମାନ ବିଜେଡିରେ ଯାହା ଚାଲିଛି ତାହା ଦଳ ପାଇଁ କ୍ଷତିକାରକ। ଏହାର ଜବନିକା ପଡ଼ିବା ଉଚିତ୍। ଦଳର ସଭାପତି ଏହା ଉପରେ ପୂର୍ଣ୍ଣଚ୍ଛେଦ ପକାଇବା ଆବଶ୍ୟକ। ପାଣ୍ଡିଆନଙ୍କ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ସେ ରାଜନୀତିରୁ ସନ୍ୟାସ ନେଇଛନ୍ତି। କିନ୍ତୁ ତାଙ୍କ ବିଷୟରେ ଚର୍ଚ୍ଚା କରି ଦଳର କ୍ଷତି କରାଯିବା ଘଟଣାକୁ ସେ ନାପସନ୍ଦ କରିଛନ୍ତି।

ବିଜୁ ଯୁବ ଜନତା ଦଳ ନେତା ନୀଳ ମାଧବ ମହାନ୍ତି ବିଲ୍ ସମର୍ଥନ ପଛରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ବଡ଼ ଡିଲ୍ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ତେଣୁ ବିଜୁ ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ମାନସ ମଙ୍ଗରାଜ ଏବଂ ସସ୍ମିତ ପାତ୍ରଙ୍କୁ ଜୋରଦାର ବିରୋଧ କରାଯିବ ବୋଲି ସେ କହିଛନ୍ତି। ଶ୍ରୀ ମହାନ୍ତି ଆହୁରି କହିଛନ୍ତି ଯେ, ସେ ସସ୍ମିତ ପାତ୍ରଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ବିବେକ ଅନୁଯାୟୀ ଭୋଟ ଦେବାକୁ ମାନସ ମଙ୍ଗରାଜ ସସ୍ମିତଙ୍କୁ କହିଥିଲେ ବୋଲି ସେ ଫୋନରେ କହିଥିଲେ।

ଏହି ଘଟଣାରେ ମାନସ ମଙ୍ଗରାଜ ଦୃଢ଼ ପ୍ରତିବାଦ କରିବା ସହିତ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ନୀଳ ମାଧବ ମହାନ୍ତି ନାମକ ବିଜୁ ଯୁବ ଜନତା ଦଳର ନେତା କିଏ ଅଛନ୍ତି ମୁଁ ସେଭଳି ବ୍ୟକ୍ତିଙ୍କୁ ଚିହ୍ନି ନାହିଁ କିମ୍ବା ଜାଣି ନାହିଁ। ସେ ମୋ ସମ୍ପର୍କରେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ସଂପୂର୍ଣ୍ଣ ନିରାଧାର।

ପୂର୍ବତନ ମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁଙ୍କୁ ବିଜେଡିର ପରିସ୍ଥିତି ସମ୍ପର୍କରେ ପ୍ରଶ୍ନ କରିବାରୁ ସେ କହିଛନ୍ତି ଯେ, ବିଜେଡିରେ ସେଭଳି କୌଣସି ଗଣ୍ଡଗୋଳିଆ ପରିସ୍ଥିତି ସେ ଦେଖିପାରୁ ନାହାଁନ୍ତି କିମ୍ବା ଦଳରେ ସେଭଳି କୌଣସି ସରଗରମ ପରିସ୍ଥିତି ସୃଷ୍ଟି ମଧ୍ୟ ହୋଇ ନାହିଁ। ଆମେ ଆମ ଘର ସଜାଡିବା ପାଇଁ ଲାଗିଛୁ। ଯେମିତି ପ୍ରତ୍ୟେକ ଲୋକ ସବୁ ଦିନ ତାଙ୍କ ନିଜ ଘର ସଜାଡନ୍ତି, ଆମେ ମଧ୍ୟ ସେହିଭଳି ଆମ ଘର ସଜାଡିବାକୁ ଲାଗିଛୁ। ଏଥିରେ କିଛି ଅସ୍ୱାଭାବିକତା ନାହିଁ।

## ମେ ପ୍ରଥମ ଭାଗରେ ମାଟ୍ରିକ୍ ଫଳ

କଟକ,୮।୪(ମହାଭାରତ):: ମେ ପ୍ରଥମ ଭାଗରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା (ମାଟ୍ରିକ୍) ପରୀକ୍ଷାଫଳ ବାହାରିବ। ଏନେଇ ଆଜି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ବିଜ୍ଞାନ ପ୍ରଶ୍ନପତ୍ରରେ ୪ ମାର୍କ କମ୍ ପାଇଁ କିଛି ଅସୁବିଧା ନାହିଁ। ଗ୍ରେସ୍ ମାର୍କ ନେଇ ପରିଚାଳନା କମିଟି ନିଷ୍ପତ୍ତି ନେବ। ଆଉ ଦୁଇଦିନ ମଧ୍ୟରେ ଖାତା ଦେଖା ସରିବ। ଏଆଇ ଓ କ୍ୟୁଆର କୋଡ୍ ଦ୍ୱାରା ପରୀକ୍ଷା ପରିଚାଳନା ସଫଳ ହୋଇଛି।

ସୂଚନାଯୋଗ୍ୟ, ଫେବ୍ରୁଆରି ୨୧ ତାରିଖରୁ ଆରମ୍ଭ ହୋଇଥିବା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା (ମାଟ୍ରିକ୍), ମଧ୍ୟମା, ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା (ଓପନ୍ ସ୍କୁଲ) ମାର୍ଚ୍ଚ ୬ ତାରିଖରେ ଶେଷ ହୋଇଛି। ବୋର୍ଡ ପକ୍ଷରୁ ପ୍ରଥମ ଥର ପାଇଁ ପ୍ରଶ୍ନପତ୍ରରେ କ୍ୟୁଆର୍ କୋଡ୍ ବ୍ୟବସ୍ଥା ହୋଇଥିବାରୁ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ୍କୁ ସଂପୂର୍ଣ୍ଣ ରୂପେ ରୋକାଯାଇ ପାରିଛି। ସେହିପରି ବୋର୍ଡ ପକ୍ଷରୁ ସମସ୍ତ କେନ୍ଦ୍ରରେ ସିସି କ୍ୟାମେରା ବ୍ୟବସ୍ଥା ଓ ୪ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ପାଇଁ କପିକୁ ମଧ୍ୟ ଆଶାନୁରୂପ ଭାବେ ରୋକାଯାଇପାରିଛି। ଗତ ମାସ ୧୯ ତାରିଖରୁ ଖାତା ମୂଲ୍ୟାୟନ ଆରମ୍ଭ ହୋଇଥିଲା। ସବଜେକ୍ଟିଭ୍ ଖାତା ଏହି ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ଓ ଅବଜେକ୍ଟିଭର ଓଏମ୍ଆର୍ ଉତ୍ତରଫର୍ଦ୍ଦ ରାଜ୍ୟ ବାହାରେ ମୂଲ୍ୟାୟନ କରାଯିବ। ଆସନ୍ତା ମେ' ପ୍ରଥମ ସପ୍ତାହରେ ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ଫଳାଫଳ ପ୍ରକାଶ କରାଯିବ ବୋଲି ଶ୍ରୀ ତରାଇ ସୂଚନା ଦେଇଥିଲେ।

# ବେଆଇନ ଖଣି ଉପରେ ମିଳିତ ଚଢ଼ାଉ



ସୁନ୍ଦରଗଡ,୮।୪(ମହାଭାରତ): ପୁଣି ଆକ୍ସନ ମୁଡରେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ। ଆଜି ପୁଣି ବେଆଇନ କୋଇଲା ଖଣି ଉପରେ ମିଳିତ ଚଢଉ ଚାଲିଛି। ଗୋପାଳପୁର ପଞ୍ଚାୟତ ରତନସରାରେ ଉପଜିଲାପାଳ, ପୁଲିସ ଓ ତହସିଲ ଟିମ ମିଳିତ ଭାବରେ ଚଢଉ ଜାରି ରଖିଛନ୍ତି। ରତନସରାରେ ବି ୧୦ରୁ ଅଧିକ ବେଆଇନ କୋଇଲା ଖଣି ଠାବ ହୋଇଛି। ଜିଲ୍ଲାପାଳଙ୍କ କଡ଼ା ନିର୍ଦ୍ଦେଶ ପରେ ସେଠାରେ ଚଢଉ କରାଯାଇଛି। ବିପୁଳ ମାତ୍ରାରେ କୋଇଲା ଉତ୍ତୋଳନ ପରେ ଗଚ୍ଛିତ ରଖାଯାଇଛି। ବିପୁଳ ମାତ୍ରାରେ କୋଇଲା ଉତ୍ତୋଳନ ପରେ ଗଚ୍ଛିତ ରଖାଯାଇଛି। ନାଳ କଡ଼ରେ, ରାୟତି ଜମିରେ ମଧ୍ୟ ଖୋଳାଯାଇଛି। ଖଣି ଚୋରି ମାମଲାରେ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଚୋରା କୋଇଲା ଖଣିରୁ କୋଲ ୱାସେରିକୁ ଯାଉଥିଲା କି କୋଇଲା।

ସୁନ୍ଦରଗଡ଼ ଜିଲ୍ଲାପାଳ ସୁନ୍ଦରଗଡ଼ ଉପଜିଲାପାଳ, ଖଣି ଉପନିର୍ଦ୍ଦେଶକ ଓ ହେମଗିରି ତହସିଲଦାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତିନି ଦିନ ମଧ୍ୟରେ ତଦନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଲେନଡ଼ିହିର ବିଶାଳ ଚୋରା ଖଣିରୁ କୋଇଲା ଚାଲାଣ ହେଉଥିଲା। କୋଲ ୱାସେରି ଓ କୋଲ ଡିପୋମାନଙ୍କୁ ଚୋରା କୋଇଲା ଯାଉଥିବା ସନ୍ଦେହ ଉପୁଜିଛି। ଅଞ୍ଚଳର ସମସ୍ତ କୋଲ ୱାସେରି ଓ କୋଲ ଡିପୋକୁ ଯାଞ୍ଚ କରିବା ସହ ଷ୍ଟକର ହିସାବ ନେବା ପାଇଁ ସୁନ୍ଦରଗଡ଼ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯଦି ହିସାବରୁ ଅଧିକ କୋଇଲା ବାହାରିଲା, ତାହାଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁନ୍ଦରଗଡ଼ ଜିଲ୍ଲାପାଳ।

## ଶପଥ ନେଲେ ଓଇଆରସି ଅଧ୍ୟକ୍ଷ

**ଭୁବନେଶ୍ୱର,୮।୪(ମହାଭାରତ):** ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓ.ଇ.ଆର.ସି)ର ଅଧ୍ୟକ୍ଷ ଭାବେ ପ୍ରଦୀପ କୁମାର ଜେନାଙ୍କୁ ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି। ଆଜି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ ଶପଥ ପାଠ ଉତ୍ସବରେ ରାଜ୍ୟପାଳ ଡ. କମ୍ଭମ୍ପାଟି ଶ୍ରୀ ଜେନାଙ୍କୁ ଓ.ଇ.ଆର.ସି.ର ଅଧ୍ୟକ୍ଷ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଇଲେକ୍‌ଟ୍ରିସିଟି ଆକ୍ଟ -୨୦୦୩ ଅନୁଯାୟୀ ଓଡ଼ିଶା ସରକାରଙ୍କ ପକ୍ଷରୁ ଗତ ମାର୍ଚ୍ଚ ୨୮ ତାରିଖରେ ଶ୍ରୀ ପ୍ରଦୀପ କୁମାର ଜେନା, ଆଇଏଏସ୍ (ଅବସରପ୍ରାପ୍ତ)ଙ୍କୁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ସଂପର୍କିତ ବିଜ୍ଞପ୍ତି ଜାରି କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଶ୍ରୀ ଜେନା ପୂର୍ବରୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ତଥା ମୁଖ୍ୟ ଶାସନ ସଚିବ ଭାବେ ଦକ୍ଷତାର ସହ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଏହି ଶପଥ ପାଠ ଗ୍ରହଣ ସମାରୋହରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ଶାସନ ସଚିବ ତଥା ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଝୁଲି ପଡ଼ିଲେ ମହିଳା କନଷ୍ଟେବଲ

**ବାଲେଶ୍ୱର,୮।୪(ମହାଭାରତ):** ପୋଲିସ ବାରାକରେ ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବାଲେଶ୍ୱର ପୋଲିସ ବାରାକରେ ଏହି ଘଟଣା ଘଟିଛି। ଆଜି ବାରାକରେ ମହିଳା କନଷ୍ଟେବଲ ଯଶୋଦା ଦାସଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଅନ୍ୟ ସହଯୋଗୀମାନେ ଉଦ୍ଧାର କରି ତୁରନ୍ତ ବାଲେଶ୍ୱର ଜିଲ୍ଲା ମୁଖ୍ୟ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ଯଶୋଦାଙ୍କ ଘର ରେମୁଣା ଥାନା ମନ୍ଦାରପୁର ଅଞ୍ଚଳରେ ବୋଲି ଜଣାପଡିଛି। ତେବେ ପ୍ରେମ ଜନିତ କାରଣରୁ ଯଶୋଦା ଜୀବନ ହାରିଥିବା ଅଭିଯୋଗ ହୋଇଛି। ବ୍ୟକ୍ତିଗତ କାରଣରୁ କନଷ୍ଟେବଲ ଯଶୋଦା ଏହି ପଦକ୍ଷେପ ନେଇଥିବା ପ୍ରାଥମିକ ଯାଞ୍ଚରୁ ଅନୁମାନ କରାଯାଉଛି। ଏବେ ତଦନ୍ତ ଚାଲୁଛି, ତଦନ୍ତ ଶେଷ ହେଲେ ଜଣାପଡ଼ିବ କଣ ହୋଇଛି ବୋଲି କହିଛନ୍ତି ବାଲେଶ୍ୱର ଏସପି।

## ଦହି ପୋଦିନା ମାଛ

**ଆବଶ୍ୟକ ସାମଗ୍ରୀ:**ରୋହି ମାଛ-୧ କିଲୋ, ଦହି-୧ କପ୍, ସୋରିଷ ବଟା-୧ କପ୍,୧/୨ ଚାମଚ ହଳଦି ଗୁଣ୍ଡ, ପୋଦିନା ବଟା- ୧କପ୍, ୨ ଚାମଚ କଟା ପିଆଜ, କଞ୍ଚା ଲଙ୍କା ୩ରୁ ୪ଟି, ଖୁଖିଲା ଲଙ୍କା-୩ରୁ ୪ଟି, ସ୍ୱାଦ ଅନୁଯାୟୀ ଲୁଣ ଓ କିଛି ଫୁଟଣ। ପୋଦିନା ପତ୍ର, କଞ୍ଚା ଲଙ୍କା, ଦହି ଓ ରଷୁଣ ମିଶାଇ ପୋଦିନା ପେଷ୍ଟ ତିଆରି କରନ୍ତୁ। ସେହିପରି ସୋରିଷ, ରଷୁଣ ଓ କଞ୍ଚାଲଙ୍କା ମିଶାଇ ସୋରିଷ ବଟା ତିଆରି କରନ୍ତୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ସେଥିରେ ଦହି, ସୋରିଷ ବଟା, ହଳଦି ଗୁଣ୍ଡ, ପୋଦିନା ବଟା, କଟା ପିଆଜ, କଞ୍ଚା ଲଙ୍କା, ୨ରୁ ୩ ଚାମଚ ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଅନ୍ କରି କଡେଇ ବସାନ୍ତୁ। ସେଥିରେ ୩ରୁ ୪ ଚାମଚ ତେଲ ପକାନ୍ତୁ। ତେଣ ଗରମ ହେବା ପରେ ସେଥିରେ ଫୁଟଣ ପକାନ୍ତୁ ଓ ତା'ପରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ ମାଛର ମିଶ୍ରଣକୁ ସେଥିରେ ପକାଇ ଅଳ୍ପ ଗୋଳାଇ ଢ଼ାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ପ୍ଲେଟକୁ କାଢ଼ି ଗରମ ଗରମ ପରଷନ୍ତୁ ଦହି ପୋଦିନା ମାଛ।



### ଖବର

## ଆସିଲା 'ରେଡ୍ ୨'ର ଦମ୍‌ଦାର୍ ଟ୍ରେଲର; ଚକ୍ରବ୍ୟୂହରେ ଫସିଛନ୍ତି ଅଜୟ



ସାମ୍ନାକୁ ଆସିଲା 'ରେଡ୍ ୨'ର ଦମ୍‌ଦାର୍ ଟ୍ରେଲର୍ । ଅଜୟ ଦେବଗନ ଏବଂ ରିତେଶ ଦେଶମୁଖଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ରେଡ୍ ୨'ର ଟ୍ରେଲର ରିଲିଜ୍ ହୋଇଛି। ଅଜୟ ଦେବଗନ ଏବଂ ରିତେଶ ଦେଶମୁଖଙ୍କ ଫିଲ୍ମ 'ରେଡ୍ ୨' ଅନେକ ଦିନରୁ ଚର୍ଚ୍ଚାରେ ରହି ଆସିଛି। ପ୍ରଶଂସକଙ୍କ ଉତ୍କଣ୍ଠା ବଢାଇବା ପାଇଁ ଫିଲ୍ମର ଚମତ୍କାର ଟ୍ରେଲର ରିଲିଜ୍ ହୋଇଛି। ଯେଉଁଥିରେ ଅଜୟଙ୍କ ଆଉ ଏକ ଦମ୍‌ଦାର୍ 'ରେଡ୍' ଦେଖିବାକୁ ମିଳିଛି ।ଫିଲ୍ମରେ ବାଣୀ କପୁର ଅଭିନେତା ଅଜୟ ଦେବଗନଙ୍କ ପତ୍ନୀ ଭୂମିକାରେ ନଜର ଆସିଛନ୍ତି। ଉଭୟଙ୍କର ଏକ ଝିଅ ମଧ ଅଛି ଏବଂ ଏଥର ମଧ ଅଜୟଙ୍କୁ ତାଙ୍କ ସଚ୍ଚୋଟତା ଯୋଗୁଁ ପୁଣି ଅନ୍ୟ ସ୍ଥାନକୁ ପଠାଯାଇଛି । ସେ ଅନ୍ୟ ଏକ ସହରକୁ ଯାଇ ଆଉ ଏକ 'ରେଡ୍' କରିବାକୁ ପ୍ରସ୍ତୁତ ହେଉଛନ୍ତି । ଟ୍ରେଲରଟିରେ ଜଣେ ସଚ୍ଚୋଟ ଅଧିକାରୀ (ଅଜୟ) ଏବଂ ଜଣେ ଦୁର୍ନୀତିଗ୍ରସ୍ତ ରାଜନେତା (ରିତେଶ)ଙ୍କ ମଧ୍ୟରେ ବଢୁଥିବା ଉତ୍ତେଜନା ଦେଖାଯାଉଛି । ସେହି ସମୟରେ ଟ୍ରେଲରରେ କିଛି ସେକେଣ୍ଡ ପାଇଁ ତମନ୍ନା ଭାଟିଆଙ୍କ ଡ୍ୟାନ୍ସର ଏକ ଝଲକ ମଧ ଦେଖାଯାଇଥିଲା। ଟ୍ରେଲରଟି ଏକ ଦମ୍‌ଦାର୍ ଦୃଶ୍ୟ ସହିତ ଆରମ୍ଭ ହେଉଛି। ଏଥିରେ ଦେଖାଯାଉଛି, ଅଜୟ ଏକ ପ୍ରାସାଦର ଦ୍ୱାର ଠକ୍ ଠକ୍ କରୁଛନ୍ତି । ଯେତେବେଳେ ରିତେଶଙ୍କ ମାଆ ପଚାରନ୍ତି ଯେ ସେ କିଏ, ରିତେଶ ତାଙ୍କୁ ମନେ ପକାଇ ଦିଅନ୍ତି ଯେ ଏହି ସେହି ଅଧିକାରୀ ଯିଏ ସାତ ବର୍ଷ ପୂର୍ବେ ତାଉଜି (ସୌରଭ ଶୁକ୍ଳା)ଙ୍କ ଘରେ ଚଢାଉ କରିଥିଲେ।ଫିଲ୍ମର କାହାଣୀ କେବଳ ରେଡ୍ ପର୍ଯ୍ୟନ୍ତ ସୀମିତ ନୁହେଁ । ଏଥିରେ ଅଜୟ ଦେବଗନଙ୍କ ବାଜି ପୂର୍ବ ଅପେକ୍ଷା ଅଧିକ ବିପଦପୂର୍ଣ୍ଣ ହେବାକୁ ଯାଉଛି। ଟ୍ରେଲରରେ ଅଜୟଙ୍କୁ ରିତେଶଙ୍କ ଚକ୍ରବ୍ୟୁହରେ ଫସି ଯାଉଥିବା ଦେଖାଯାଇଛି । ମାତ୍ର ସେ ହାର ମାନିନାହାଁନ୍ତି ଏବଂ ତାଙ୍କର ୭୫ତମ ରେଡ୍ ଶେଷ କରି ରାଜନେତାଙ୍କୁ ପରାସ୍ତ କରନ୍ତି। ଶେଷରେ ସେ କହିଲେ ଯେ ଏବେ ସେ ଚକ୍ରବ୍ୟୁହ ସୃଷ୍ଟି କରିବେ, ସେ ନିଜେ ସମ୍ପୂର୍ଣ୍ଣ ମହାଭାରତୟରାଜ କୁମାର ଗୁପ୍ତାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ମେ' ୧ ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ରାଜ ପ୍ରଥମ ଫିଲ୍ମ 'ରେଡ୍'ର ମଧ ନିର୍ଦ୍ଦେଶନା ଦେଇଥିଲେ। 'ରେଡ୍ ୨' ପାନୋରାମା ଷ୍ଟୁଡିଓ ଦ୍ୱାରା ପ୍ରଯୋଜିତ, ଯେଉଁଥିରେ ରଜତ କପୁର, ସୁପ୍ରିୟା ପାଠକ ଏବଂ ଅମିତ ସିଆଲ ମଧ ଅଭିନୟ କରିଛନ୍ତି। 'ରେଡ୍ ୨'ଭୂଷଣ କୁମାର, କୁମାର ମଙ୍ଗତ ପଠକ, ଅଭିଷେକ ପଠକ ଏବଂ କୃଷ୍ଣ କୁମାରଙ୍କ ଦ୍ୱାରା ନିର୍ମିତ। ଏହାକୁ ଟି-ସିରିଜ୍ ଦ୍ୱାରା ପ୍ରସ୍ତୁତ କରାଯାଉଛି। ପୂର୍ବରୁ ଏହି ଫିଲ୍ମଟି ୧୫ ନଭେମ୍ବର ୨୦୨୪ରେ ମୁକ୍ତିଲାଭ କରିବାର ଯୋଜନା ଥିଲା, କିନ୍ତୁ ପୋଷ୍ଟ-ପ୍ରଡକ୍ସନ କାମ ଯୋଗୁଁ ଫିଲ୍ମର ମୁକ୍ତିଲାଭ ବିଳମ୍ବ ହୋଇଥିଲା। ଇଲିଆନାଙ୍କ ମୁଖ୍ୟ ଭୂମିକାରେ ଅଭିନୀତ ପ୍ରଥମ ଚଳଚ୍ଚିତ୍ର 'ରେଡ୍' ୧୯୮୦ ଦଶକରେ ହୋଇଥିବା ଏକ ବାସ୍ତବ ଜୀବନର ଆୟକର ଚଢାଉ ଉପରେ ଆଧାରିତ ଥିଲା।

## ପ୍ରତିଦିନ କେତେ ପ୍ରୋଟିନ୍ ଖାଇବା ଉଚିତ

ଉତ୍ତମ ସ୍ୱାସ୍ଥ୍ୟ ପାଇଁ, କେବଳ ପୁଷ୍ଟିକର ଖାଦ୍ୟ ନୁହେଁ, ଆମକୁ ଏହା ସହିତ ପ୍ରୋଟିନ୍ ମଧ ନେବାକୁ ପଡିବ। ଆମ ଶରୀର ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀରର ମାଂସପେଶୀ ସହିତ କୋଷର ବିକାଶ ପାଇଁ ପ୍ରୋଟିନ୍ ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହାକୁ ସଠିକ୍ ପରିମାଣରେ ନେବା ଆବଶ୍ୟକ କାରଣ କିଛି ଲୋକ ଏହାକୁ ବହୁ ପରିମାଣରେ ଖାଇଥା'ନ୍ତି । ଯାହା ଆମ ଶରୀର ପାଇଁ କ୍ଷତିକାରକ । ତେବେ ଚାଲନ୍ତୁ ଜାଣିବା ଗୋଟିଏ ଦିନରେ କେତେ ପ୍ରୋଟିନ୍ ଖାଇବା ଉଚିତ:



- ବିଶେଷଜ୍ଞଙ୍କ ଅନୁଯାୟୀ, ଶରୀରରେ ଥିବା ପ୍ରୋଟିନ୍ ଆମର ନୂତନ କୋଷଗୁଡ଼ିକର ବୃଦ୍ଧିରେ ସାହାଯ୍ୟ କରେ। ତେଣୁ, ଯେଉଁମାନେ କଠିନ ପରିଶ୍ରମ କରନ୍ତି ନାହିଁ, ସେମାନେ ନିଜ ଶରୀରର ପ୍ରତ୍ୟେକ କିଲୋ ଓଜନ ପାଇଁ ପ୍ରତିଦିନ ୦.୭୫ ଗ୍ରାମ ପ୍ରୋଟିନ୍ ନେବା ଉଚିତ।
- ପ୍ରତିଦିନ ଜଣେ ପୁରୁଷକୁ ଅତି କମରେ ୫୫ ଗ୍ରାମ୍ ଏବଂ ମହିଳାକୁ ୪୫ ଗ୍ରାମ ପ୍ରୋଟିନ୍ ନିଜ ଖାଦ୍ୟରେ ସାମିଲ କରିବା ଉଚିତ।
- ଜଣେ ବ୍ୟକ୍ତିର ଗୋଟିଏ ଦିନରେ ମୋଟ କ୍ୟାଲୋରୀର ୨୦ ରୁ ୩୫ ପ୍ରତିଶତ ପ୍ରୋଟିନ୍ ରହିବା ଉଚିତ।
- ବୃଦ୍ଧମାନଙ୍କୁ ଅଧିକ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ, କାରଣ ମଣିଷ ଶରୀରର ମାଂସପେଶୀ ବୃଦ୍ଧ ହେବା ସହିତ ଦୁର୍ବଳ ହେବାକୁ ଲାଗିଥାଏ। ଅନୁସନ୍ଧାନ ଅନୁଯାୟୀ, ବୃଦ୍ଧମାନଙ୍କୁ ଶରୀରର ଓଜନ ଅନୁଯାୟୀ କିଲୋଗ୍ରାମ ପ୍ରତି ୧.୨ ଗ୍ରାମ ପ୍ରୋଟିନ୍ ଗ୍ରହଣ କରିବା ଉଚିତ।

ପ୍ରୋଟିନ୍ କମ୍ ହେବାର ଲକ୍ଷଣ :ଯେତେବେଳେ ଶରୀରରେ ପ୍ରୋଟିନ୍ କମ୍ ହୋଇଥାଏ, ସେତେବେଳେ ଆମେ ଏନର୍ଜୀ କମ୍ ଅନୁଭବ କରିଥାଉ। ଆମେ ଶୀଘ୍ର କ୍ଳାନ୍ତ ଅନୁଭବ କରିଥାଉ । ଏହି ସମୟ ମଧ୍ୟରେ ମଣିଷର କେଶ ମଧ ଝଡିବା ଆରମ୍ଭ କରେ। ଏହା ବ୍ୟତୀତ ନଖ ଦୁର୍ବଳ ହେବା, ଓଜନ ହ୍ରାସ, ଦୁର୍ବଳତା ଏବଂ ମୁଣ୍ଡବିନ୍ଧା ଭଳି ସମସ୍ୟା ହୋଇଥାଏ।

## ସୁସ୍ଥ ରହିବା ପାଇଁ ସକାଳୁ ପିଅନ୍ତୁ ପୁଦିନା ସରବତ

ଏକ ଭଲ ଦିନର ଆରମ୍ଭ ଏକ ଭଲ ସକାଳରୁ ହିଁ ହୋଇଥାଏ। ଆପଣ ସକାଳ ସମୟରେ କ'ଣ ଖାଉଛନ୍ତି ଓ କ'ଣ ପିଉଛନ୍ତି ତାହା ଆପଣଙ୍କ ଶରୀର ଉପରେ ବିଶେଷ ଭାବେ ପ୍ରଭାବ ପକାଇଥାଏ। ରାତିରେ ଆମେ ଦୀର୍ଘ ସମୟ ଧରି ଶୋଇ ରହୁଥିବା କାରଣରୁ ଶରୀରକୁ ଖାଦ୍ୟ, ପାନୀୟ ଠିକ୍ ଭାବେ ମିଳିପାରେ ନାହିଁ। ସକାଳୁ ଉଠିବା ପରେ ଆମ ଦେହ ଶୁଷ୍କ ହୋଇ ଯାଇଥାଏ। ଶରୀରରେ ଜଳୀୟ ଅଂଶ କମ୍ ହୋଇଥାଏ। ଏହି କାରଣରୁ ଆମକୁ ସକାଳ ପାନୀୟ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ, ଚାଲନ୍ତୁ ଜାଣିବା ନିଜକୁ ସୁସ୍ଥ ରଖିବା ପାଇଁ ଆମକୁ କ'ଣ କ'ଣ କରିବାକୁ ପଡ଼ିଥାଏ। ଖରାଦିନେ ବିଭିନ୍ନ ସ୍ଥାନରେ ଆଖୁ ରସ ବିକ୍ରି ହେଉଥାଏ। ସକାଳ ସମୟରେ ଯଦି ପାରୁଛନ୍ତି ଆଖୁ ରସରୁ ଗୋଟାଏ ଗ୍ଲାସ ପିଅନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ। କେବଳ ଆଖୁ ରସ ନୁହେଁ, ଆପଣ ପଇଡ଼ ମଧ ପିଇପାରିବେ। ଆପଣ ଭାବିପାରନ୍ତି ଯେ ପଇଡ଼ ହେଉଛି ସକାଳ ସମୟର ସବୁଠାରୁ ଭଲ ପାନୀୟ। ସକାଳ ସମୟରେ ଲେମ୍ବୁ ପାଣି ପିଇବା ଖୁବ୍ ଉପକାରୀ ହୋଇଥାଏ। ମାତ୍ର ମନେ ରଖନ୍ତୁ କେବେ ବି ଲେମ୍ବୁ ପାଣି ଖାଲି ପେଟରେ ପିଇବେ ନାହିଁ। ଲେମ୍ବୁ ପାଣି ପିଇବା ପୂର୍ବରୁ ଆପଣ ସକାଳ ଜଳଖିଆ କରି ସାରିଥିବା ଆବଶ୍ୟକ। ଏହାବ୍ୟତୀତ ବିଟ୍, ଗାଜର, ପୋଦିନା ଓ କଲରା ଆଦିର ରସ ମଧ ସକାଳୁ ପିଇବା ଅତ୍ୟନ୍ତ ଭଲ ହୋଇଥାଏ।



## ହୃଦଘାତର ଆଶଙ୍କା କମାଏ ଆଭୋକାଡୋ, ଡାଏଟରେ କରିପାରିବେ ସାମିଲ୍



ସୁସ୍ଥ ରହିବା ପାଇଁ ସନ୍ତୁଳିତ ଆହାର ଜରୁରି । ସେଥିପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାରର ଫଳ ଓ ପନିପରିବାକୁ ସାମିଲ୍ କରିବାକୁ କୁହାଯାଇଥାଏ । ପ୍ରତ୍ୟେକ ଫଳର କିଛି ନା କିଛି ବିଶେଷତ୍ୱ ରହିଥାଏ, ଯଦ୍ୱାରା ଏହା ଲୋକମାନେ ଏହାକୁ ପସନ୍ଦ କରିଥାନ୍ତି । ସେମିତି ଏକ ଫଳ ହେଉଛି ଆଭୋକାଡୋ, ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ । ଏହା ପୋଷକତତ୍ୱ□ରେ ଭରା, ଯାହା ପାଚନ ତନ୍ତ୍ରଠାରୁ ଆରମ୍ଭ କରି ମଧୁମେହ ଓ ହୃଦ୍ଘାତ ତଥା ମସ୍ତିଷ୍କ ପାଇଁ ମଧ ବେଶ ଉପକାରୀ । ଚାଲନ୍ତୁ ଜାଣିବା ଆଭୋକାଡୋ ଶରୀରକୁ କେତେ ସୁସ୍ଥ ରଖିଥାଏ।

**ସୁସ୍ଥ ରଖେ ହୃଦୟ**

ଆଭୋକାଡୋ ଲିପଡ୍ ପ୍ରୋଫାଇଲରେ ସୁଧାର ଆଣିବା ସହ ହୃଦୟକୁ ସୁରକ୍ଷାତ୍ମକ ବଳୟ ଦେଇଥାଏ । ନିୟମିତ ୫ ସପ୍ତାହ ଆଭୋକାଡୋ ଖାଇବା ଦ୍ୱାରା ବଢିଥିବା ଲିପିଡ୍ ପ୍ରୋଫାଇଲ୍ସ୍ତରକୁ କମ୍ କରାଯାଇପାରେ। ଟ୍ରାଇଗ୍ଲିସରାଇଡସ୍ ଏବଂ ଏଲଡିଏଲ୍କୁ କମ୍ କରି ଏଚଡିଏଲ୍କୁ ବଢାଇଥାଏ ।

**ଶର୍କରାସ୍ତରକୁ ନିୟନ୍ତ୍ରିତ ରଖେ**

ଡାଏଟରେ ଆଭୋକାଡୋକୁ ସାମିଲ୍ କରିବା ଦ୍ୱାରା ରକ୍ତରେ ଶର୍କରା ସ୍ତର ଅଧିକ ବଢି ନଥାଏ । ଦିନକୁ ଅଧା ଆଭୋକାଡୋ ଖାଇବା ଦ୍ୱାରା ଶର୍କରାର ବୃଦ୍ଧିକୁ ନିୟନ୍ତ୍ରିତ କରାଯାଇପାରିବ ।ନିୟମିତ ଖାଇବା ଦ୍ୱାରା ଏହା ପେଟର ଚର୍ବି ଓ ଅନ୍ତଃନଳୀରେ ଜମୁଥିବା ଚର୍ବିକୁ ମଧ କମ୍ କରିଥାଏ । ଅନ୍ତଃନଳୀରେ ଜମୁଥିବା ଚର୍ବି ମଧୁମେହର କାରଣ ସାଜିଥାଏ ।

**ଶରୀରରେ ପୋଷକ ତ□ର ଅଭାବକୁ ଦୂରାଏ**

ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଅପେକ୍ଷା ଆଭୋକାଡୋ ଅଧିକ ଆଣ୍ଟି ଅକ୍ସିଡାଣ୍ଟ ଅବଶୋଷଣ କରିଥାଏ । ଆଭୋକାଡ୍ ସହ ଟମାଟୋ ସସ୍ ଓ ଗାଇଜର ମିଶାଇ ଖାଇବା ଦ୍ୱାରା ଭିଟାମିନ୍ ଏ'ର ଅବଶୋଷଣ ବଢିଥାଏ, ଯାହା ଚର୍ମ, ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ପାଇଁ ମହ□ତ୍ୱପୂର୍ଣ୍ଣ।



## ଛଚିନ୍ଦ୍ରା ଖାଉଛନ୍ତି କି ? ଏହି ସବୁ ରୋଗରୁ ମିଳିବ ମୁକ୍ତି

ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ଏତେ ଲାଭଦାୟକ ଯେ ଏହାକୁ ଖାଇବା ଦ୍ୱାରା ଆପଣ ଅନେକ ଗମ୍ଭୀର ରୋଗରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଆଜି ଛଚିନ୍ଦ୍ରାର ପୁଷ୍ଟିକର ଗୁଣ ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା। ଶରୀରକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ପନିପରିବା ଖାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପନିପରିବା ମଧ୍ୟରେ ଅନ୍ୟତମ ଛଚିନ୍ଦ୍ରା । ଏଥିରେ ରହିଥାଏ ପୋଷକ ତ□, ଯାହା ଆମ ଶରୀରକୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଛଚିନ୍ଦ୍ରାରେ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଛଚିନ୍ଦ୍ରାରେ ଏତେ ପରିମାଣର କ୍ୟାଲ୍ସିୟମ୍ ଥାଏ ଯେ ଏହା ଆମ ହାଡ ଏବଂ ଦାନ୍ତକୁ ଶକ୍ତିଶାଳୀ କରିପାରେ । ମଧୁମେହ ରୋଗୀଙ୍କ ପାଇଁ ଛଚିନ୍ଦ୍ରା ବେଶ୍ ଲାଭଦାୟକ ।ମଧୁମେହ ରୋଗୀମାନେ ଏହାକୁ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ବୃଦ୍ଧି ହୁଏନାହିଁ। ଏଥିରେ ମଧୁମେହକୁ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହୋଇଥାଏ । ଛଚିନ୍ଦ୍ରା ରୋଗ ପ୍ରତିରୋଧକ ଶକ୍ତି ବଢାଇ ଥାଏୟ ଏଥିରେ ଆୟୋଡିନ୍ ରହିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳିକୁ ବୃଦ୍ଧି କରିବା ସହ ଥାଇରଏଡ୍ ପରି ରୋଗକୁ ରୋକିବାରେ ବେଶ୍ ସହାୟକ ହୋଇଥାଏ । ଏହାବ୍ୟତୀତ ଛଚିନ୍ଦ୍ରା ହଜମ ପ୍ରକ୍ରିୟାକୁ ଠିକ କରିପାରିବାରେ ସହାୟକ ହୋଇଥାଏ ।ଛଚିନ୍ଦ୍ରା ଖାଇବା ଦ୍ୱାରା କିଡ୍ନୀ ରୋଗର ଆଶଙ୍କା କମ୍ ହୋଇଥାଏ ।ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହାବ୍ୟତୀତ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଛଚିନ୍ଦ୍ରା ଅତ୍ୟନ୍ତ ଲାଭଦାୟକ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏୟ ଏହି ପନିପରିବା ହୃଦ୍ଘାତରେ ପୀଡିତ ଲୋକଙ୍କ ପାଇଁ ମଧ ଲାଭଦାୟକ। ଛଚିନ୍ଦ୍ରା ଖାଇବା ଦ୍ୱାରା ଲୋକଙ୍କ ନିଦ୍ରା ସମସ୍ୟା ମଧ ଦୂର ହୋଇଥାଏ । ଏଥିରେ ଭିଟାମିନ୍ ଈ୬ ଭରପୂର ରହିଥାଏ । ଏହା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ ମଜବୁତ କରିପାରେ।



# ନର୍ସିଂ ଏକ ବୃତି ନୁହେଁ, ଏହା ଏକ ଆହ୍ୱାନ : ରାଜ୍ୟପାଳ




ଭୁବନେଶ୍ୱର,୮।୪ (ମହାଭାରତ): ନର୍ସିଂ କେବଳ ଏକ ଆଦର୍ଶ ବୃତି ନୁହେଁ, ବରଂ ଦୟା, ଯତ୍ନ ଓ ନିଷ୍ଠାର ସହ ମାନବ ଜାତିର ସେବା କରିବାର ଗଭୀର ପ୍ରତିବଦ୍ଧତା ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଗୁରୁ କେଲୁଚରଣ ମହାପାତ୍ର ଓଡିଶୀ ରିସର୍ଚ ସେଂଟର ଅଡିଟୋରିୟମଠାରେ କଳିଙ୍ଗ ନର୍ସିଂ କଲେଜର ଦୀପ ପ୍ରଜ୍ଜ୍ୱଳନ ଓ ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଉତ୍ସବରେ ରାଜ୍ୟପାଳ ଉଦ୍‌ବୋଧନ ଦେଇ କହିଥିଲେ ଯେ ଦୀପ ପ୍ରଜ୍ଜ୍ୱଳନ ସମାରୋହ ଗଭୀର ପ୍ରତୀକାତ୍ମକ ଏବଂ ଏହା ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କୁ ସ୍ମରଣ କରିବାର ଅବସର ଆଣେ ଓ ଏହା ପୀଢ଼ି ପୀଢ଼ିକୁ ପ୍ରେରଣ ଦେଇ ଆସୁଛି। ଦୀପ ପ୍ରଜ୍ଜ୍ୱଳନ ଜ୍ଞାନର ପ୍ରସାରଣ, ଜୀବନବ୍ୟାପୀ ଶିକ୍ଷାର ଆରମ୍ଭ ଏବଂ ରୋଗୀ ଯତ୍ନର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ ଗମ୍ଭୀର ପ୍ରତିଜ୍ଞାର ପ୍ରତୀକ। ନର୍ସିଂ ଏକ ବୃତି ନୁହେଁ, ଏହା ଏକ ଆହ୍ୱାନ। ଏହା କେବଳ ବିଜ୍ଞାନ ଭିତିକ ଜ୍ଞାନ ଏବଂ କ୍ଲିନିକାଲ୍ ଦକ୍ଷତା ନୁହେଁ, ଏହା ମାନବିକ ସ୍ପର୍ଶ-ସହାନୁଭୂତି, ଧୈର୍ଯ୍ୟର ବୃତି। ନର୍ସିଂ ବୃତିଧାରୀମାନେ ସାଧାରଣତଃ ପ୍ରଥମେ ରୋଗୀଙ୍କ ପାଖରେ ପହଂଚନ୍ତି ଏବଂ ଚିକିତ୍ସା ଶେଷ ପର୍ଯ୍ୟନ୍ତ ରୁହନ୍ତି। ସେମାନେ ଦୁଃଖରେ ସାନ୍ତ୍ୱନା ଏବଂ ହତାଶରେ ଆଶା ଆଣନ୍ତି ବୋଲି ରାଜ୍ୟପାଳ କହିଥିଲେ। ଏପରି ଉତ୍ସର୍ଗୀକୃତ ନର୍ସିଂ ବୃତିଧାରୀମାନଙ୍କୁ ଗଢ଼ିବା, ନୈତିକ ମୂଲ୍ୟବୋଧ ପ୍ରଦାନ କରିବା କ୍ଷେତ୍ରରେ କଳିଙ୍ଗ ହସ୍ପିଟାଲ ଓ କଳିଙ୍ଗ ନର୍ସିଂ କଲେଜର ପ୍ରଚେଷ୍ଟାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ ପୁଣି କହିଥିଲେ ଯେ ନର୍ସିଂ ଛାତ୍ରଛାତ୍ରୀମାନେ ପରିଧାନ କରିଥିବା ଧଳା ପୋଷାକ ପବିତ୍ରତା, ବିଶ୍ୱାସ ଓ ପ୍ରତିବଦ୍ଧତାର ପ୍ରତୀକ। ଏଣୁ ସେମାନଙ୍କର ସେବା କରୁଣା ଓ ଉତ୍କର୍ଷତା ଦ୍ୱାରା ପ୍ରତିପାଦିତ ହେଉ ବୋଲି ରାଜ୍ୟପାଳ କହିଥିଲେ। ସ୍ୱାସ୍ଥ୍ୟ ସେବାର ଭବିଷ୍ୟତ ଉତ୍ସର୍ଗୀକୃତ ନର୍ସଙ୍କ ଉପରେ ଅଧିକରୁ ଅଧିକ ନିର୍ଭର କରିବ, ଯେଉଁମାନେ ବୃତିକୁ ସହାନୁଭୂତିର ସହ ଆପଣେଇ ନିଷ୍ଠାର ସହ କାର୍ଯ୍ୟକରିବେ ବୋଲି ରାଜ୍ୟପାଳ କହିଥିଲେ। ପ୍ରାରମ୍ଭରେ କଳିଙ୍ଗ ହସ୍ପିଟାଲର ଟ୍ରଷ୍ଟି ଏସ୍.ସି.ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭାରତୀୟ ବିଦ୍ୟା ଭବନର ଚେୟାରମ୍ୟାନ (ଭୁବନେଶ୍ୱର) ଜୟନ୍ତ କୁମାର ମହାନ୍ତି, ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନର ଅଧକ୍ଷ ଡ଼ ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଓବିଜିର ଏଚ୍.ଓ.ଡି. ଡା. ସୁଜାତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଫୁଟୱେର ଡିଜାଇନ ଏବଂ ବିକାଶ ପ୍ରତିଷ୍ଠାନ ପକ୍ଷରୁ ନାମଲେଖା ଘୋଷଣା

ଭୁବନେଶ୍ୱର,୮।୪ (ମହାଭାରତ): ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରତିଷ୍ଠାନ ହାଇଦ୍ରାବାଦ ସ୍ଥିତ ଜାତୀୟ ଫୁଟୱେର ଡିଜାଇନ ଏବଂ ବିକାଶ ପ୍ରତିଷ୍ଠାନ ପକ୍ଷରୁ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ନାମଲେଖା ଘୋଷଣା କରାଯାଇଛି।




ଆଜି ଭୁବନେଶ୍ୱର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏନଟି ଲୋହିତ ରେଡ୍ଡି କହିଛନ୍ତି, ଜୋତା, ଫେଶନ, ଖୁଚୁରା ବ୍ୟବସାୟ ଏବଂ ଚମଡ଼ା ସରଞ୍ଜାମ କ୍ଷେତ୍ରରେ ଦକ୍ଷତା ଶୂନ୍ୟସ୍ଥାନ ପୂରଣ କରିବା ଲାଗି ଏହି ପ୍ରତିଷ୍ଠାନ ବିଭିନ୍ନ ପାଠ୍ୟକ୍ରମରେ ଶିକ୍ଷା ପ୍ରଦାନ କରିଥାଏ। ପ୍ରତିଷ୍ଠାନର ଅଭିନବ କାର୍ଯ୍ୟକ୍ରମରେ ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀଙ୍କୁ ଭାଗ ନେବା ପାଇଁ ଆମନ୍ତ୍ରଣ କରାଯାଇଛି। ଏହି ପ୍ରତିଷ୍ଠାନକୁ ୨୦୧୭ରେ ଏଫଡିଡିଆଇ ଆଇନ ଅଧୀନରେ ଏକ ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରତିଷ୍ଠାନ ଭାବେ ଘୋଷଣା କରାଯାଇଥିଲା। ଏଠାରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ବହୁ ପ୍ରତିଷ୍ଠିତ ସଂସ୍ଥାରେ ଶତପ୍ରତିଶତ ନିଯୁକ୍ତି ମିଳିଥାଏ। ପ୍ରତିଷ୍ଠାନରେ ଆଧୁନିକ ଭିତ୍ତିଭୂମି ସହିତ ସ୍ମାର୍ଟ ଶ୍ରେଣୀଗୃହ, ଉଚ୍ଚ ପ୍ରଯୁକ୍ତିସମ୍ପନ୍ନ ପରୀକ୍ଷାଗାର ଓ ପରୀକ୍ଷଣ କେନ୍ଦ୍ର, ଦକ୍ଷତା ଆଧାରିତ ପାଠ୍ୟକ୍ରମ, ଏଆଇ, ଏଆର ଏବଂ ଦୀର୍ଘସ୍ଥାୟିତ୍ୱ ଧାରାକୁ ନେଇ ପ୍ରଶିକ୍ଷଣ ସୁବିଧା ରହିଛି। ଏହି ପ୍ରତିଷ୍ଠାନରେ ଜୋତା ଡିଜାଇନ ଓ ଉତ୍ପାଦନ, ଫେସନ ଡିଜାଇନ, ଚମଡ଼ା, ଲାଇଫଷ୍ଟାଇଲ୍ ଓ ଉତ୍ପାଦନ ଡିଜାଇନ, ରିଟେଲ୍ ଓ ଫେସନ ମର୍ଚ୍ଚାଣ୍ଡାଇଜ୍ ଆଦି ପାଠ୍ୟକ୍ରମରେ ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀରେ ପିଲାମାନେ ପାଠ ପଢ଼ିପାରିବେ। ଏହାବ୍ୟତୀତ ବିଭିନ୍ନ ବିଷୟରେ ପିଏଚଡି ଡକ୍ଟରାଲ ପ୍ରୋଗ୍ରାମ ମଧ୍ୟ ରହିଛି। ଏହି ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଗତବର୍ଷ ନଭେମ୍ବର ୧୫ରେ ଆବେଦନ ଆରମ୍ଭ କରାଯାଇଥିଲା।

# ନିର୍ମାଣ ହେବ ୩୨ ବୃହତ୍ ଶସ୍ୟ ଭଣ୍ଡାର



ଭୁବନେଶ୍ୱର,୮।୪ (ମହାଭାରତ): ରାଜ୍ୟରେ ପ୍ରତିଷ୍ଠା ହେବ ୩୨ ବୃହତ ଶସ୍ୟ ଭଣ୍ଡାର। ଫଳରେ ଧାନ ସଂଗ୍ରହ ପରେ ଦୀର୍ଘ ଦିନ ଧରି ଏହାକୁ ମହଜୁଦ ରଖିବା ବାବଦରେ ସରକାରଙ୍କୁ ଆଉ ଭଡ଼ା ଦେବାକୁ ପଡ଼ିବନି। ରାଜ୍ୟ ରାଜକୋଷରୁ ଅଯଥା ଖର୍ଚ୍ଚରୁ ମୁକ୍ତି ମିଳିବ। ଭାରତ ସରକାରଙ୍କ ବିଶ୍ୱର ସର୍ବବୃହତ୍ ଶସ୍ୟ ଭଣ୍ଡାର ଯୋଜନାରେ ଏଗୁଡ଼ିକ ନିର୍ମାଣ କରାଯିବ।

୩୨ ବୃହତ ଶସ୍ୟ ଭଣ୍ଡାର ମଧ୍ୟରୁ କେତେକ ୫ଶହ ମେଟ୍ରିକ ଟନ୍, କେତେକ ୧ ହଜାର ମେଟ୍ରିକ ଟନ୍ ଓ ଆଉ କେତେକ ୨୫ ଶହ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶସ୍ୟ ଭଣ୍ଡାର ହେବ। ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଓ ବୃହତ ଅଞ୍ଚଳ ବହୁବିଧ ସମବାୟ ସମିତି(ଲାମ୍ପ) ଗୁଡ଼ିକରେ ଏହି ଶସ୍ୟ ଭଣ୍ଡାର କରାଯିବ ଯାହା ରାଜ୍ୟରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ତତ୍ତ୍ୱାବଧାନରେ ତିଆରି ହେବ।

ସମବାୟ ସମିତି ସମୂହ ନିବନ୍ଧକ ରାଜ୍ୟରେ ୭୯ଟି ପାକ୍ସ ଓ ଲାମ୍ପ୍ସରେ ବୃହତ ଶସ୍ୟ ଭଣ୍ଡାର ପ୍ରତିଷ୍ଠା ପାଇଁ ସ୍ଥିର କରିଥିଲେ। ସେ ବାବଦରେ ତ୍ରିପାକ୍ଷିକ ଚୁକ୍ତି ମଧ୍ୟ ସ୍ୱାକ୍ଷର ସରିଛି। ସେଥିମଧ୍ୟରୁ ୫୮ଟି ପାକ୍ସ ଓ ଲାମ୍ପ୍ସରେ ଶସ୍ୟ ଭଣ୍ଡାର ନିର୍ମାଣ ପାଇଁ ଏନ୍‌ବିସିସି (ଇଣ୍ଡିଆ)ଲିମିଟେଡ୍ ଅନୁମୋଦନ କରିଛି। ଏହା ସହିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ମଧ୍ୟ ପ୍ରସ୍ତୁତ ହୋଇସାରିଛି। ହେଲେ ଏହି ୫୮ଟି ପାକ୍ସ ଓ ଲାମ୍ପ୍ସ ମଧ୍ୟରୁ ମାତ୍ର ୩୨ଟି ସ୍ଥାନରେ ଶସ୍ୟ ଭଣ୍ଡାର ନିର୍ମାଣ ପାଇଁ ଜିଲ୍ଲା ସମବାୟ ଉନ୍ନୟନ କମିଟି(ଡିସିଡିସି) ବୈଠକରେ ସହମତି ମିଳିଛି। ଏହି ୩୨ଟି ଶସ୍ୟ ଭଣ୍ଡାରଗୁଡ଼ିକ ସହ ଯେପରି ବଜାର ସଂଯୋଗୀକରଣ (ମାର୍କେଟ୍ ଲିଙ୍କେଜ୍) ହୋଇପାରିବ ସେଥିପାଇଁ ସର୍ତ୍ତ ରଖାଯାଇଛି।

# ୨୦୨୭ ମାର୍ଚ୍ଚ ସୁଦ୍ଧା ସମସ୍ତ ପୌରାଞ୍ଚଳରେ ୨୪ ଘଣ୍ଟିଆ ପାଣି

ଭୁବନେଶ୍ୱର,୮।୪ (ମହାଭାରତ): ରାଜ୍ୟର ସମସ୍ତ ପୌରାଂଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସଂପର୍କରେ ଗୃହନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଡାଃ ମହାପାତ୍ର କହିଛନ୍ତି ଯେ ୨୦୨୭ ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ ପୌରାଂଚଳରେ ଗୁଣାତ୍ମକ ପାନୀୟ ଜଳ ବ୍ୟବସ୍ଥା କରାଯାଇ ପ୍ରତ୍ୟେକ ଘରେ ୨୪ ଘଂଟା ପହଂଚିବ ବିଶୁଦ୍ଧ ପାନୀୟ ଜଳ। ନଦୀ ଜଳକୁ ଅଧିକା ବ୍ୟବହାର କରିବାକୁ ବ୍ୟାରେଜ୍ ତିଆରି କରାଯିବ। ଓଡବ୍ଲୁଏସଏସବି ୱାଟକୋ ,ଏବଂ ଜନ ସ୍ୱାସ୍ଥ୍ୟ ତିନି ବିଭାଗ ସହ ଆଲୋଚନା କରାଯାଇଛି। ଲୋକଙ୍କ ନିକଟରେ ୨୪ ଘଂଟିଆ ବିଶୁଦ୍ଧ ପାଣି ପହଂଚିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଛି।ନିର୍ମାଣାଧିନ ପାନୀୟଜଳ ପ୍ରକଳ୍ପ ଗୁଡିକ ସଂପର୍କରେ ଆଲୋଚନା କରାଯାଇ ନିର୍ଦ୍ଧାରିତ ସମୟ ସୀମାମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ନିୟମିତ ସମୀକ୍ଷା ଓ ତଦାରକ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି।



ଯେଉଁ ସବୁ ପକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନି କେଉଁ କେଉଁ ସମସ୍ୟା ପାଇଁ ଅଟକିଛି , କାମ କିପରି ତ୍ୱରାନିତ ହେବ ସେ ନେଇ ଆଲୋଚନ ହୋଇଛି ଓ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ୨୦୨୫-୨୬ ବଜେଟ ଏପ୍ରିଲ ଆରମ୍ଭରୁ କେମିତି କାର୍ଯ୍ୟକାରୀ ହେବ ସେ ନେଇ ଚିନ୍ତା କରୁଛୁ। ଏ ନେଇ ବିବାଗୀୟ ପଦାଧିକାରୀ ମାନଙ୍କୁ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି।

ଖରା ପାଇଁ ଯେମିତି କିଛି ସମସ୍ୟା ନ ହୁଏ ତାକୁ ନଜର ଦେବୁ। ଦରକାର ପଡ଼ିଲେ ଅଧିକ ଟ୍ୟାଙ୍କର ମଗାଯିବ। ପାଣି ସମସ୍ୟା ପାଇଁ ଦରକାର ହେଲେ କଂଟ୍ରୋଲ ରୁମ୍ ଖୋଲାଯିବ। ଅଭିଯୋଗ ଆସିବାର ୨ ଘଂଟା ଭିତରେ ସମସ୍ୟାର ସମାଧାନ ହେବ। ଯେତିକି ପ୍ରୋଜେକ୍ଟ ଥିଲା ପ୍ରାୟତ ଗୋଟିଏ, ଦୁଇଟି ଛାଡ଼ିଲେ ସବୁ ସରିଯାଇଚି। ଖୁବ ଶୀଘ୍ର ବାକି ଗୁଡ଼ିକର କାମ ସରିବ। ଜମି ଅଧିଗ୍ରହଣ ସମସ୍ୟା ପାଇଁ ପାଇପ ପକାଇବାରେ ସମସ୍ୟା ହେଉଛି ଯାହାର ସମାଧାନ କରାଯିବ। ପାଣିର ଉତ୍ସ ପାଇଁ ଭୂତଳ ଜଳ ଓ ନଦୀର ଜଳକୁ ବ୍ୟବହାର କରୁଚୁ। ବୈଠକରେ ନଦୀର ଜଳକୁ ବ୍ୟାରେଜ୍ ଯୋଗେ କିପରି ଅଧିକ ବ୍ୟବହାର କରାଯିବ ସେ ନେଇ ଆଲୋଚନା ହୋଇଛି।ବହିଯାଉଥିବା ପାଣିର ୧୭ ପ୍ରତିଶତ ହିଁ ଆମେ ବ୍ୟବହାର କରୁଛେ ,ବାକି ସମୁଦ୍ରରେ ମିଶିଯାଏ। ତେଣୁ ବ୍ୟାରେଜ୍ ମାଧ୍ୟମରେ ଅଧିକ ପାଣି ସଂଗ୍ରହ ପାଇଁ ଚେଷ୍ଟା କରାଯିବ ବୋଲି ମନ୍ତ୍ରୀ ଡାଃ ମହାପାତ୍ର କହିଛନ୍ତି। ସହରାଂଚଳ ମାନଙ୍କରେ ଯୋଗାଇ ଦିଆଯାଉଥିବା ପାନୀୟଜଳ ଦେୟ ଆଦାୟ ନିମନ୍ତେ ଲାଗିଥିବା ମିଟର ବଦଳରେ ସ୍ମାର୍ଟ ମିଟର ଲାଗାଯିବ। ଉନ୍ନତି ଭବନ ୨ୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ , ୱାଟକୋ ପରିଚାଳନା ନିର୍ଦ୍ଦେଶକ ଗୁରୁ ଚରଣ ଦାସ , ଇଆଇସି ଓ ଓଡବ୍ଲୁଏସଏସବି ରବିନ୍ଦ୍ର ନାରାୟଣ ମଲ୍ଲିକ , ଇଆଇସି ପିଏଚ୍‌ଇଓ ବିଳାସ ବେହେରାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଶିଶୁଙ୍କ ଅଭିବୃଦ୍ଧି ପାଇଁ ଏଆଇ ଆନ୍ଥ୍ରୋପୋମେଟ୍ରିକ ଟୁଲ୍ ଆରମ୍ଭ




ଭୁବନେଶ୍ୱର,୮।୪ (ମହାଭାରତ): ଭୁବନେଶ୍ୱରର ଆଇସିଏମଆର ଅଡିଟୋରିୟମ ହଲରେ ଭାରତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରାଳୟ, ୱାଧୱାନୀ ଏଆଇ, ଆଇସିଏମଆର-ଆରଏମଆରସି ଭୁବନେଶ୍ୱର ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ମିଳିତ ସହଭାଗୀତାରେ ଶିଶୁ ମାନଙ୍କ ଅଭିବୃଦ୍ଧି ନିରୀକ୍ଷଣ ନିମନ୍ତେ ଏଆଇ ଉପକରଣ ଶୀର୍ଷକ ଏକ ପାଞ୍ଚ ଦିନିଆ ତାଲିମ ତଥା କର୍ମଶାଳା ଉଦଘାଟନ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇସିଏମଆର - ଆରଏମଆରସି, ଭୁବନେଶ୍ୱର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି, ଜାତୀୟ କାର୍ଯ୍ୟକ୍ରମର ମୁଖ୍ୟ ଡକ୍ଟର ସ୍ନେହା ନିକମ, ଆଇସିଏମଆର - ଆରଏମଆରସି, ଭୁବନେଶ୍ୱର ର ବୈଜ୍ଞାନିକ ଡକ୍ଟର ଶୁଭେନ୍ଦୁ କୁମାର ଆଚାର୍ଯ୍ୟ, ୱାଧୱାନୀ ଏଆଇର ମୁଖ୍ୟ ଡକ୍ଟର ମକରନ୍ଦ ତପସ୍ୱୀ, ରାଜ୍ୟ ମହିଳା ଓ ଶିଶୁ ବିକାଶର ଅତିରିକ୍ତ ସଚିବ ଏନ.ସି. ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତା ଆଧାରିତ ଟେକ୍ନୋଲୋଜିକୁ ବ୍ୟବହାର କରି ଅଙ୍ଗନବାଡି କେନ୍ଦ୍ରରେ ଶିଶୁମାନଙ୍କ ଆନ୍ଥ୍ରୋପୋମେଟ୍ରିକ ତଥା ଓଜନ ଓ ଉଚ୍ଚତା ମାପ କରାଯିବା ସହ ଶିଶୁମାନଙ୍କର କୁପୋଷଣକୁ ପ୍ରାରମ୍ଭିକ ଅବସ୍ଥାରେ ହିଁ ଚିହ୍ନଟ କରାଯାଇପାରିବ। ଏହି ଅଭିନବ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ସମଗ୍ର ଦେଶରେ ପ୍ରଥମ। ଏହି ପାଞ୍ଚଦିନିଆ ତାଲିମ ତଥା କର୍ମଶାଳାରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ନିର୍ଦ୍ଧାରିତ ପ୍ରୋଟୋକୋଲ ବ୍ୟବହାର କରି ଶିଶୁମାନଙ୍କ ଓଜନ ଓ ଉଚ୍ଚତା ସୂଚକ ମାପ କରିବା ଉପରେ ବ୍ୟାପକ ତାଲିମ ପାଇବେ। ଆଇସିଏମଆର - ନ୍ୟାସନାଲ ଇନଷ୍ଟିଚିଉଟ ଅଫ ନ୍ୟୁଟ୍ରିସନ (ଏନଆଇଏନ), ଆଇସିଏମଆର - ଆରଏମଆରସି ଭୁବନେଶ୍ୱର ଏବଂ ୱାଧୱାନୀ ଏଆଇ ର ବିଶେଷଜ୍ଞ ପ୍ରଶିକ୍ଷକମାନେ ସେମାନଙ୍କୁ ତାଲିମ ପ୍ରଦାନ କରିବେ। ତାଲିମ ପରେ, କ୍ଷେତ୍ର ଅନୁସନ୍ଧାନକାରୀ ମାନେ ପାଇଲଟ୍ କାର୍ଯ୍ୟକ୍ରମ ର ମୂଲ୍ୟାଙ୍କନ ଏବଂ କାର୍ଯ୍ୟକାରିତା ପାଇଁ ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, କେଉଁଝର ଏବଂ ମୟୂରଭଞ୍ଜ ଜିଲ୍ଲାଗୁଡିକରେ ୩-୪ ମାସ ଧରି ତଥ୍ୟ ସଂଗ୍ରହ ଓ ଆକଳନ କରିବେ।

## ବିଷ୍ଣୁପଦ ସେଠୀଙ୍କୁ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା

ଭୁବନେଶ୍ୱର,୮।୪ (ମହାଭାରତ): ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ବିରୋଧରେ ମଧ୍ୟବର୍ତୀକାଳୀନ ସୁରକ୍ଷାକୁ ମେ’୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ଓଡ଼ିଶା ହାଇକୋର୍ଟ। ଏକ ସରକାରୀ କମ୍ପାନି ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଲିମିଟେଡ୍ ସହିତ ଜଡିତ ଏକ ଲାଂଚ ମାମଲାରେ ହାଇକୋର୍ଟ ସୋମବାର ବିଷ୍ଣୁପଦ ସେଠୀଙ୍କ ବିରୋଧରେ ମଧ୍ୟବର୍ତୀକାଳୀନ ସୁରକ୍ଷାକୁ ବଢାଇଛନ୍ତି। ବିଷ୍ଣୁପଦ ସେଠୀଙ୍କ ସହ ତାଙ୍କ ପତ୍ନୀ ଏବଂ ଝିଅଙ୍କ ମଧ୍ୟବର୍ତୀକାଳୀନ ସୁରକ୍ଷା ମଧ୍ୟ ବୃଦ୍ଧି କରିଛନ୍ତି ହାଇକୋର୍ଟ। ଡିସେମ୍ବର ୮ ତାରିଖରେ ଭୁବନେଶ୍ୱରରେ ଏକ ରିଅଲ୍ ଇଷ୍ଟେଟ୍ କମ୍ପାନିରୁ କାର୍ଯ୍ୟାଦେଶ ପ୍ରତିଶ୍ରୁତି ଦେଇ ୧୦ ଲକ୍ଷ ଟଙ୍କା ଲାଂଚ ନେଉଥିବା ବେଳେ ଗିରଫ ହୋଇଥିବା ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନି (ଇଣ୍ଡିଆ) ଲିମିଟେଡ୍ ଗ୍ରୁପ୍ ଜେନେରାଲ ମ୍ୟାନେଜର ଚଞ୍ଚଲ ମୁଖାର୍ଜୀ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ପଚରାଉଚରା ସମୟରେ ତାଙ୍କ ନାମ ନେବା ପରେ ବିଷ୍ଣୁପଦ ସେଠୀ ସିବିଆଇ ସ୍କାନରକୁ ଆସିଥିଲେ।

# ଅନ୍ତର୍ଜାତୀୟ ଯୋଗଦିବସର ୭୫ ଦିନ ପୂର୍ବରୁ ଯୋଗ ମହୋତ୍ସବ

ଭୁବନେଶ୍ୱର,୮।୪ (ମହାଭାରତ): କଳିଙ୍ଗ ଷ୍ଟାଡିୟମରେ ଆନ୍ତର୍ଜାତିକ ଯୋଗ ଦିବସର ୭୫ ଦିନ କାଉଣ୍ଟଡାଉନ ଆରମ୍ଭ ହୋଇଛି। ଆୟୁଷ ମନ୍ତ୍ରଣାଳୟ ମନ୍ତ୍ରୀ ପ୍ରତାପ ରାଓ ଯାଦବ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ସଂସଦ ସମ୍ବିତ ପାତ୍ର, ଭୁବନେଶ୍ୱର ମେୟର ସୁଲୋଚନା ଦାସ ସମସ୍ତେ ଯୋଗ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ୫୦୦୦ ରୁ ଉର୍ଦ୍ଧ୍ୱ ଲୋକେ ଏକାଠି ଯୋଗ କରିଛନ୍ତି। ଏହି କାଉଣ୍ଟଡାଉନକୁ ବହୁ ଆଡମ୍ବର ସହ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଅନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ବିଶ୍ୱସ୍ତରରେ ୭୫ ଦିନ ଯୋଗ ମହୋତ୍ସବ ପାଳନ କରାଯାଉଛି। ଦେଶରେ ୧୦ ଟି ବଡ଼ କାର୍ଯ୍ୟକ୍ରମ ହେବ। ଏହା ମଧ୍ୟରେ ଭୁବନେଶ୍ୱରେ ଆଜି ବଡ଼ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ପ୍ରଥମ ୧୦୦ ଦିନ କାଉଣ୍ଟଡାଉନ ଦିଲ୍ଲୀରେ ଆୟୋଜିତ ହେଲା। ୭୫ କାଉଣ୍ଟଡାଉନ ଭୁବନେଶ୍ୱର। ଏହାପରେ ୫୦ ଦିନ କାର୍ଯ୍ୟକ୍ରମ ମହାରାଷ୍ଟ୍ରର ନାସିକରେ ହେବ। ଏବଂ ୭୫ ଦିନର କାଉଣ୍ଟ ଡାଉନ ଲଦାଖରେ କରାଯିବ। ଜୁନ ୨୧ ରେ ସମସ୍ତେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବେ। ଭୁବନେଶ୍ୱରରେ ଲୋକଙ୍କ ଉତ୍ସାହକୁ ପ୍ରଂଶସା କରିଛନ୍ତି ମନ୍ତ୍ରୀ।

## ଶଗଡା ପଂଚାୟତରେ ଶ୍ରେଣୀଗୃହର ଭିତ୍ତି ପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୮।୪ (ମହାଭାରତ): ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୋମବାର ଦିନ ନିମାପଡ଼ା ପଂଚାୟତ ସମିତି ଅଧିନସ୍ଥ ଶଗଡା ପଂଚାୟତର ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ, ଓଳିକଣା ଠାରେ ସମଗ୍ର ଶିକ୍ଷା ଯୋଜନାରେ ପାଖାପାଖି ୧୨ ଲକ୍ଷ ଟଙ୍କାରେ ନିର୍ମିତ ହେବାକୁ ଥିବା ଏକ ଅତିରିକ୍ତ ଶ୍ରେଣୀଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପାଇଁ ସ୍ଥାନୀୟ ଜନସାଧାରଣ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ‘ଅଂଶୁଘାତ ଜନିତ ସଚେତନତା ରଥର ଶୁଭାରମ୍ଭ



ଭୁବନେଶ୍ୱର,୮।୪ (ମହାଭାରତ): ‘ଅଂଶୁଘାତ ଜନିତ ସଚେତନତା ରଥ’ର ଶୁଭାରମ୍ଭ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା। ସୋସିଆଲ ମିଡିଆ ଏକ୍ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୀତ ଗୋବିନ୍ଦ ସଦନ ଠାରେ ୟୁଥ ଫର ୱାଟର ପ୍ଲସ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ‘ଅଂଶୁଘାତ ଜନିତ ସଚେତନତା ରଥ’ର ଶୁଭ ଉଦ୍ଘାଟନ କଲି। ଖରା ସମୟରେ ସାବଧାନ ରହିଲେ ସଚେତନ ରହିଲେ ଅଂଶୁଘାତରୁ ସୁରକ୍ଷିତ ରହିବେ।

# ଆଇପିୟୁରେ ଅଧ୍ୟକ୍ଷତା କଲେ ସାଂସଦ ଅପରାଜିତା

ଭୁବନେଶ୍ୱର,୮।୪ (ମହାଭାରତ): ଇଣ୍ଟର ପାର୍ଲାମେଣ୍ଟାରୀ ୟୁନିଅନ ଅଫ ନେସନସ୍ (ଆଇପିୟୁ)ର ୧୫୦ତମ ସାଧାରଣ ଅଧିବେଶନରେ ଅଧ୍ୟକ୍ଷତା କରି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଉଜବେକିସ୍ତାନର ତାସକେଣ୍ଟରେ ଆଇପିୟୁର ଗଭର୍ଣ୍ଣିଂ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଥିଲା। ୧୮୩ଟି ଦେଶର ବାଚସ୍ପତି ଓ ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ। ଭାରତରୁ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ, ସାଂସଦ ସମ୍ବିତ ପାତ୍ର ଓ ଅନ୍ୟ ସାଂସଦମାନେ ଏଥିରେ ସାମିଲ ହୋଇଥିଲେ। ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଆଇପିୟୁର ଉପସଭାପତି ଭାବେ ନିର୍ବାଚିତ ହେବା ସହ ଗତ ଦୁଇ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ତେବେ ଆଇପିୟୁ ଜେନେରାଲ ଆସେମ୍ବ୍ଲିରେ ପ୍ରଥମଥର ପାଇଁ ଉପସଭାପତି ଅଧ୍ୟକ୍ଷତା କରିବାର ସୁଯୋଗ ପାଇଛନ୍ତି। ଗତ ୩ ତାରିଖରୁ ୬ ତାରିଖ ଯାଏ ବୈଠକ ଚାଲିଥିଲା। ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।




## ସଂଶୋଧିତ ୱାକଫ୍ ଆଇନ୍‌କୁ ସିପିଆଇ (ଏମ୍-ଏଲ୍) ଲିବରେସନ୍‌ର ଦୃଢ ବିରୋଧ

ଭୁବନେଶ୍ୱର,୮।୪ (ମହାଭାରତ): ମୋଦି ସରକାର ଦ୍ୱାରା ଲୋକସଭାରେ ଉପସ୍ଥାପିତ ହୋଇଥିବା ୱାକଫ୍ ସଂଶୋଧନ ବିଲ୍‌କୁ ସିପିଆଇ (ଏମ୍-ଏଲ୍) ଲିବରେସନ୍ ଦୃଢ ବିରୋଧ କରିଛି। ଦଳ ଏହାକୁ ମୁସଲମାନ ସମ୍ପ୍ରଦାୟର ପରିଚୟ, ଧାର୍ମିକ ସ୍ୱାଧୀନତା ଏବଂ ସାଂସ୍କୃତିକ ସ୍ୱାଧୀନତା ଉପରେ ଏକ ପ୍ରଚଣ୍ଡ ଆକ୍ରମଣ ବୋଲି ଅବିହିତ କରିଛି। ବିରୋଧି ଦଳ ମାନଙ୍କର ମତକୁ ଅଣଦେଖା କରି ଏନ୍‌ଡିଏ ସରକାର ଏକପାଖିଆ ଭାବେ ଏହି ବିଲ୍ ଆଣିଥିଲେ ଓ ସଂଖ୍ୟାଧିକ କାରଣରୁ ସମ୍ବିଧାନ ମୂଳ ଆଭିମୁଖ୍ୟ ବିରୋଧ କରୁଥିବା ଏହି ବିଲ୍‌କୁ ବହୁମତରେ ପାଶ୍ କରିଛନ୍ତି। ଯାହା ରାଷ୍ଟ୍ରପତିଙ୍କ ଦସ୍ତଖତ ପରେ ଆଇନ୍‌ରେ ପରିଣତ ହୋଇଛି। ଏହାଫଳରେ ଭାରତ ବର୍ଷରେ ସାମ୍ବିଧାନିକ ଅଧିକାର ଯଥା- ଧାର୍ମିକ ଆଚରଣ, ତା’ର ପ୍ରଚାର ପ୍ରସାରର ଅଧିକାର ଉପରେ ଆକ୍ରମଣ ସଦୃଶ। ଏହାଫଳରେ କୋଟି କୋଟି ମୁସଲମାନ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବିଜେପି ସରକାର ଗୋଟିଏ ସମ୍ପ୍ରଦାୟକୁ ଧମକ ଚମକ ଦେଇ ସେମାନଙ୍କ ସମ୍ପତ୍ତି ଅପହରଣ କରିବାକୁ ଓ କ୍ଷମତାରେ ରହିବା ପାଇଁ ଏକ ଷଡ଼ଯନ୍ତ୍ର ମାତ୍ର।

# କଂଗ୍ରେସ ପଥରେ ବିଜେଡ଼ି

ବିଜେଡି ଧିରେ ଧିରେ କଂଗ୍ରେସ ଆଡ଼କୁ ଢଳୁଥିବା ଲକ୍ଷ୍ୟ କରାଯାଉଛି । କାରଣ ଓଡ଼ିଶାରେ ବିଜେଡିକୁ ବିଜେପି କ୍ଷମତାଚ୍ୟୁତ କରି ଶାସନ କ୍ଷମତା ଦଖଲ କରିଛି । ଏହା ବିଜେଡି ପାଇଁ ହଜମ ହେଉନି । ଏବେ ବିଜେଡି ରାଜ୍ୟ ବିଧାନସଭାରେ ମୁଖ୍ୟ ବିରୋଧୀ ଦଳ । କଂଗ୍ରେସ ହେଉଚି ଦ୍ୱିତୀୟ ବିରୋଧୀ ଦଳ । ଉଭୟଙ୍କର ଧର୍ମ ସମାନ । ସରକାରଙ୍କୁ ବିଧାନସଭା ଭିତରେ ଓ ବାହାରେ ଉଭୟ ଦଳ ବିରୋଧ କରୁଛନ୍ତି । ସାଧାରଣରେ ଧାରଣା ସୃଷ୍ଟି ହେଉଛି ଯେ, ବିଜେଡି ଏବେ କଂଗ୍ରେସ ସହ ହାତ ମିଳାଇଛି । ଏହା ମଧ୍ୟ ସମ୍ପୂର୍ଣ୍ଣ ଭୁଲ ନୁହେଁ । କିଛି ପ୍ରସଙ୍ଗରେ ବିଜେଡି ନିଜ ମତ ବଦଳାଇ କଂଗ୍ରେସ ସହ ସ୍ୱର ବଦଳାଇଛି । ଗତ ନିର୍ବାଚନ ବେଳେ କଂଗ୍ରେସ ଜାତିଗତ ସଂରକ୍ଷଣ ପ୍ରସଙ୍ଗ ଉଠାଇଥିଲା । ଏବେ ବି କଂଗ୍ରେସର ସ୍ୱର ଅପରିବର୍ତ୍ତିତ ରହିଛି । କଂଗ୍ରେସ ଦେଶରେ ଜାତିଭିତ୍ତିକ ଜନଗଣନା ଲାଗି ଦାବି କରିଆସୁଛି । ଏହା ସହିତ କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି, ଜନସଂଖ୍ୟା ଦୃଷ୍ଟିରୁ ଯେଉଁ ଜାତିର ଆନୁପାତ ଯାହା ସେହି ଜାତିକୁ ଚାକିରୀ ଏବଂ ଶିକ୍ଷା କ୍ଷେତ୍ରରେ ସେତିକି ସଂରକ୍ଷଣ ସୁବିଧା ମିଳିବା ଉଚିତ । ଅର୍ଥାତ ଯଦି ବ୍ରାହ୍ମଣମାନଙ୍କର ସଂଖ୍ୟା ମୋଟ ଜନସଂକ୍ୟା ୫ ପ୍ରତିଶତ ସରକାରୀ ଚାକିରୀ କ୍ଷେତ୍ରରେ ସେହିଜାତିକୁ ୫% ସଂରକ୍ଷଣ ମିଳିବା ଉଚିତ । ଆଦିବାସୀଙ୍କ ସଂଖ୍ୟା ଯଦି ଜନସଂଖ୍ୟାର ୨୮ ପ୍ରତିଶତ ତେବେ ସେହି ଜାତିର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ସେହି ୨୮% ସଂରକ୍ଷଣ ସୁବିଧା ମିଳିବ । ଏହା ଏକ ହାସ୍ୟାସ୍ପଦ ଏବଂ ବିପଜ୍ଜନକ ଚିନ୍ତାଧାରା । ଏହା ଭାରତୀୟ ସମାଜ ଏବଂ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେବ । ଏହା ମଧ୍ୟ ସମ୍ବିଧାନ ବିରୋଧୀ । ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, କୌଣସି ପରିସ୍ଥିତିରେ ବି ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହେବ ନାହିଁ । କିନ୍ତୁ କଂଗ୍ରେସ ସମ୍ବିଧାନ ସଂଶୋଧନ କରି ଏହାକୁ ବଢ଼ାଇବାକୁ ଦାବି କରୁଛି । ଏବେ ବିଜେଡି ମଧ୍ୟ ସମାନ ଦବି କରୁଛି । ଜାତି ଭିତ୍ତିକ ଜନଗଣନା ଏବଂ ।ଜିତ ଅନୁପାତରେ ସଂରକ୍ଷଣ ବ୍ୟବସ୍ଥା କରିବାକୁ ବିଜେଡି ଦାବି କରୁଛି । ଅର୍ଥାତ ରାହୁଲ ଗାନ୍ଧିଙ୍କ ସହ ବିଜେଡି ସମ୍ପୂର୍ଣ୍ଣ ଏକମତ । ଦୀର୍ଘ ୨୪ ବର୍ଷ ହେବ ରାଜ୍ୟରେ କ୍ଷମତାସୀନ ଥିବା ବିଜେଡି ଶାସନ କ୍ଷମତାରେ ଥିବା ବେଳେ ଏହି ବ୍ୟବସ୍ଥା କଲା ନାହିଁ ବୋଲି ବିଜେପି ପ୍ରଶ୍ନ କରିଛି । ୧୯୯୦ରେ ଯେତେବେଳେ ତତ୍କାଳୀନ ଭି ପି ସିଂହ ସରକାର ମଣ୍ଡଳ କମିଶନ ସୁପାରିସ ଆଧାରରେ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ସୁବିଧା ଘୋଷଣା କଲେ ସେତେବେଳେ ଏହା ବିରୋଧରେ ପ୍ରବଳ ଜନ ଆନ୍ଦୋଳନ ହୋଇଥିଲା । ସେତେବେଳେ ତତ୍କାଳୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କହିଥିଲେ ଯେ, ଗରିବର କୌଣସି ଜାତି ନାହିଁ । ଅର୍ଥାତ ଦାରୀଦ୍ର୍ୟ ନିକଟରେ ଜାତି ମୂଲ୍ୟହୀନ । ସମାଜରେ ଅନେକ ଉଚ୍ଚ ଜାତିର ଲୋକ ଗରିବ ଅଛନ୍ତି,ଆଉ ପଛୁଆ ବର୍ଗର ଅନେକ ଧନୀ ବ୍ୟକ୍ତି ମଧ୍ୟ ଅଛନ୍ତି । ତେଣୁ ଜାତି ଭିତ୍ତିକ ସଂରକ୍ଷଣକୁ ସେ ବିରୋଧ କରିଥିଲେ । ସେହି ବିଜୁଙ୍କ ନାମରେ ନାମିତ, ତାଙ୍କ ଆଦର୍ଶରେ ଅନୁପ୍ରାଣିତ ଦଳ ବିଜେଡି ଏବେ ଜାତି ଭିତ୍ତିକ ଜନଗଣନା ଏବଂ ସଂରକ୍ଷଣ ଦାବି କରୁଛି । ଏହାକୁ କହନ୍ତି ବିଡ଼ମ୍ବନା । ବିଜେଡିର ଏହି ଆଭିମୁଖ୍ୟ ଦିନେ ଦଳ ପାଇଁ ବୁମେରାଂ ହୋଇପାରେ । ଜାତି ଭିତ୍ତିକ ଜନଗଣନା ଏବଂ ସଂଖ୍ୟାନୁପାତିକ ସଂରକ୍ଷଣ ବ୍ୟବସ୍ଥା ଏକ ରୁଗ୍ଣ ମାନସିକତା । ଏହା ଆମ ସମାଜ ଏବଂ ଦେଶକୁ ବିଭାଜିତ କରିବା ଆଶଙ୍କା ରହିଛି ।

# ଓଡ଼ିଶାର ବରପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ

॥ ଡ. ବାୟାମନୁ ଚର୍ଚ୍ଚି ॥

“ ୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ । ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ ।

ପ୍ରକୃତିର ନୈସର୍ଗିକ ଶୋଭା ସଂପଦ ବିମଣ୍ଡିତ ଖଲ୍ଲିକୋଟ ରାଜପ୍ରାସାଦରେ ୧୯୦୦ ମସିହା ଜାନୁଆରୀ ୧୩ ତାରିଖ ଦିନ ଜନ୍ମ ନିଅନ୍ତି ରାଜା ରାମଚନ୍ଦ୍ର ମର୍ଦ୍ଦରାଜ । ପିତା ହରିହର ମର୍ଦ୍ଦରାଜ, ମାତା ମୟୂରଭଂଜ ଛୋଟରାୟ ବୃନ୍ଦାବନ ଭଂଜଙ୍କ ଦ୍ୱିତୀୟ କନ୍ୟା, ରାଜା ରାମଚନ୍ଦ୍ର ଭଂଜଙ୍କ ଭଗ୍ନୀ କନକମଞ୍ଜରୀ । ପ୍ରକାଶଯୋଗ୍ୟ ଯେ, ହରିହର ମର୍ଦ୍ଦରାଜ (ଜନ୍ମ: ୧୮୭୧ ଜୁଲାଇ ୧୦, ତିରୋଧାନ: ୧୯୦୯) ଥିଲେ ଜଣେ ପ୍ରଜାହିତୈଷୀ ରାଜା । ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା, ପ୍ରଚାର ଓ ପ୍ରସାର, ୧୯୦୧ ଜୁନ୍ ୫ ତାରିଖରେ ମର୍ଦ୍ଦରାଜ ପ୍ରେସ୍ ସ୍ଥାପନ ଓ ୧୯୦୨ ଜୁନ୍ ୫ ତାରିଖରେ ସାପ୍ତାହିକ ପତ୍ରିକା ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନରେ ପ୍ରକାଶନ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ବ୍ରହ୍ମପୁର ଡାଇମଣ୍ଡ ଜୁବୁଲି ଟାଉନ୍‌ହଲ୍ ନିର୍ମାଣ ତଥା ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ ।

ଓଡ଼ିଆ ଭାଷା ଓ ସାହିତ୍ୟର ବିପନ୍ନ କାଳରେ କାଟିଙ୍ଗା ରାଜା ଭେଙ୍କେଟେଶ ଦେବଙ୍କ ନେତୃତ୍ୱରେ ୧୮୭୦ ମସିହାରେ ରସଲକୋଣ୍ଡା (ଭଂଜନଗର) ଠାରେ ପ୍ରାକୃତିକ ଓଡ଼ିଶାର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ଓଡ଼ିଆ ସମ୍ମିଳନୀରେ ଓଡ଼ିଆ ଭାଷା ପ୍ରତି ମାରଣନୀତି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରାଯାଇଥିଲା । ଏହା ଓଡ଼ିଶାର ସର୍ବପ୍ରଥମ ଭାଷା ସୁରକ୍ଷା ଆନ୍ଦୋଳନ । ଏହାର ପ୍ରେରଣାରେ ରାଜା ହରିହର ମର୍ଦ୍ଦରାଜ ୧୯୦୨ ମସିହାରେ ଗଂଜାମ ଜାତୀୟ ସମିତି ଜାତୀୟବାଦୀ ମଂଚ ଗଠନ କରିଥିଲେ ଏବଂ ରମ୍ଭା ରାଜପ୍ରାସାଦରେ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉତ୍ସବ ପାଳନ ଅବସରରେ ଏକ ମହାସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ଜାତୀୟ ଯଜ୍ଞରେ ପୁରୋଧା ଥିଲେ ରାଜା ହରିହର ଏବଂ ଉଦ୍‌ଗାତା ଥିଲେ କୁଳବୃଦ୍ଧ ମଧୁସୂଦନ । ଏହି ସଭାରେ ସମଗ୍ର ଓଡ଼ିଶର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ । ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ଦୂର ହେବ ଏବଂ ଓଡ଼ିଆ ଭାଷା କିପରି ବଂଚିରହିବ ସେ ସଂପର୍କରେ ଆଲୋଚନା ହୋଇଥିଲା । ଏହି ରମ୍ଭା ପ୍ରାସାଦର ଜାତୀୟ ସଭାରୁ ଗଂଜାମ ସମ୍ମିଳନୀ ଏବଂ ଗଂଜାମ ସମ୍ମିଳନୀରୁ ଜନ୍ମ ନେଲା ଉତ୍କଳ ସମ୍ମିଳନୀ ।

ଦୁଃଖର କଥା ମାତ୍ର ୯ ବର୍ଷ ବୟସରେ ରାମଚନ୍ଦ୍ର ପିତାଙ୍କୁ ହରାଇଲେ । ରାଜା ହରିହରଙ୍କ ଦେହାନ୍ତ ଥିଲା ଓଡ଼ିଆ ଜାତି ପାଇଁ ଏକ ଶକ୍ତ ଧକ୍କା । ୧୯୧୧ ମସିହା ମେ ମାସ ୧୦ ତାରିଖ ଦିନ ରାମଚନ୍ଦ୍ରଙ୍କ ବ୍ରତୋପନୟନ ଓ ଅଭିଷେକ ହୋଇଥିଲା । ୧୯୧୮ ମସିହାରେ ସେ ମାନ୍ଦ୍ରାଜ କଲେଜ୍ ସଭାପତି ଦାୟିତ୍ୱ ନେଇଥିଲେ । ମାନ୍ଦ୍ରାଜରୁ ପାଠପଢ଼ା ଶେଷ କରି ୧୯୨୧ ମସିହାରେ ଖଲ୍ଲିକୋଟ ପ୍ରତ୍ୟାବର୍ତ୍ତନ କଲେ ଏବଂ ରାଜ୍ୟଭାର ଗ୍ରହଣ କଲେ ।

୧୯୨୨ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଗଂଜାମ ଜିଲ୍ଲା ବୋର୍ଡ଼ ସଭାପତି ଭାବେ ମନୋନୀତ ହେଲେ । ୧୯୨୩ରେ ମାନ୍ଦ୍ରାଜ ଲୋକସଭାର ସଦସ୍ୟ ହେଲେ ଏବଂ ଅବହେଳିତ ଉତ୍କଳୀୟଙ୍କ ଉନ୍ନତିମୂଳକ କାର୍ଯ୍ୟ ସଂପାଦନ ପାଇଁ ସଂକଳ୍ପ ନେଲେ , ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମନପ୍ରାଣ ଢ଼ାଳିଲେ । ପ୍ରକାଶଯୋଗ୍ୟ ଯେ, ଏତିକିବେଳେ ଅଣଓଡ଼ିଆମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ବିଭିନ୍ନ ଷଡ଼ଯନ୍ତ୍ର କରିବା ହେତୁ ଓଡ଼ିଆମାନେ ବହୁ ଦୁଃଖ ଓ ନିର୍ଯ୍ୟାତନା ଭୋଗ କରୁଥିଲେ । ବ୍ରିଟିଶ୍ ସରକାରଙ୍କ ପ୍ରଶାସନିକ କର୍ତ୍ତୃପକ୍ଷ ସେମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିଲେ । ଓଡ଼ିଶାରୁ ବିଚ୍ଛିନ୍ନ ହୋଇଥିବା ଓଡ଼ିଆମାନେ ପ୍ରକୃତରେ ଓଡ଼ିଶାରେ ରହିବାକୁ ଚାହୁଁଛନ୍ତି କି ନାହିଁ, ସେ ସଂପର୍କରେ ତଦନ୍ତ ତଥା ଦେଶ ମିଶ୍ରଣର ଶେଷ ନିଷ୍ପତ୍ତି ପାଇଁ ଗଭର୍ଣ୍ଣର ଜେନେରାଲ୍ ସି.ଏଲ୍. ଫିଲିପ୍ ଓ ମାନ୍ଦ୍ରାଜ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଏ.ସି.ଡଫ୍. ନିଯୁକ୍ତ ହୋଇଥିଲେ । ଏହି ଫିଲିଫ୍-ଡଫ୍ କମିଶନ ୭.୧୨.୧୯୨୪ ଠାରୁ ୨୧.୧୨.୧୯୨୪ ଯାଏଁ ତଦନ୍ତ ବେଳେ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ନିଜ ପିତା ସ୍ୱର୍ଗତ ହରିହର ମର୍ଦ୍ଦରାଜଙ୍କ ଦେଶ ମିଶ୍ରଣ ପାଇଁ ମହନୀୟ ଚେଷ୍ଟା ତଥା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ଆବଶ୍ୟକତା, ଓଡ଼ିଆମାନଙ୍କ ଇଚ୍ଛା ଓ ଅଭୀପ୍‌ସା ସଂପର୍କରେ ଯୁକ୍ତିଯୁକ୍ତ ଲିଖିତ ଦାବି ଉପସ୍ଥାପନ କରିଥିଲେ । ତାଙ୍କୁ ଏହି ତଦନ୍ତ କାର୍ଯ୍ୟରେ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ହରିହର ପଣ୍ଡା, ମଧୁସୂଦନ ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ସହାୟତା କରିଥିଲେ । ଦାବି ଯୁକ୍ତିଯୁକ୍ତ ବୋଲି କମିଶନ ସ୍ୱୀକାର କରିଥିବା ତାଙ୍କ ରିପୋର୍ଟରୁ ଜଣାଯାଏ ।

୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ । ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ ।

ଭାରତ ସରକାର ଓ ବିଲାତ ସରକାର ଏକମତ ହୋଇ ତା.୨୪.୧୨.୧୯୩୨ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବାଲାଗି ସ୍ଥିର ହେଲା । ଏହି ଦିବସଟି ଆମ ଓଡ଼ିଆମାନଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏ ଖବର ପାଇ ରାଜା ରାମଚନ୍ଦ୍ରଙ୍କ ନିକଟକୁ ପ୍ରଶଂସା କରି ବାର୍ତ୍ତା ପଠାଇଥିଲେ ।

୧୯୩୩ ମସିହାରେ ଜଏଣ୍ଟ୍ ପାର୍ଲାମେଣ୍ଟାରୀ କମିଟି ଆଗରେ ସାକ୍ଷ୍ୟ ପ୍ରଦାନ କରିଥିଲେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ । ତା.୧୭.୩.୧୯୩୩ରେ ଗୋଲଟେବୁଲ୍ ବୈଠକରେ ପ୍ରକାଶିତ ଶ୍ୱେତପତ୍ରରେ ପାରଳାଖେମୁଣ୍ଡି ଓ ଜୟପୁରକୁ ବାଦ୍ ଦିଆଯାଇଥିଲା । ତା. ୬.୧୧.୧୯୩୩ରେ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ମିଳିତ ଉଦ୍ୟମରେ ପାର୍ଲାମେଣ୍ଟ୍ କମିଟି ଓଡ଼ନେଲ କମିଟି ସାକ୍ଷାତ୍ କରାଇ ଓଡ଼ିଶାରେ ଜୟପୁରକୁ ସାମିଲ କରାଗଲା । ମହାରାଜା କୃଷ୍ଣଚନ୍ଦ୍ରଙ୍କ ମତାମତକୁ ସମ୍ମାନ ଦେଇ ପାରଳା ରାଜ୍ୟ ପରିବର୍ତ୍ତେ ପାରଳାର ଉତ୍ତରାଞ୍ଚଳକୁ ପ୍ରସ୍ତାବିତ ପ୍ରଦେଶରେ ମିଶ୍ରଣ ଲାଗି ନିଷ୍ପତ୍ତି ହେଲା । ଭାରତ ଶାସନ ସଂସ୍କାର (୧୯୩୫)ରେ ଓଡ଼ିଶା ପ୍ରଦେଶ ଜନ୍ମ ନେଲା ଏବଂ ଆନୁଷ୍ଠାନିକ ଭାବେ ଏପ୍ରିଲ ୧, ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ।

୧୯୩୭ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଅପ୍ରତିଦ୍ୱନ୍ଦ୍ୱୀ ଓଡ଼ିଶା ବିଧାନ ସଭା ସଦସ୍ୟ ହେବା ସହ ‘ରାଜାବାହାଦୂର’ ଉପାଧିପ୍ରାପ୍ତ ହେଲେ । ୧୯୪୫ ମସିହା ପର୍ଯ୍ୟନ୍ତ ସେ ବିଧାନସଭା ସଦସ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ୧୯୪୫ ମସିହାରେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ସଭ୍ୟ ରୂପେ ନିର୍ବାଚିତ ହୋଇ ‘ସାର୍’ ଉପାଧି ପାଇଥିଲେ । ୧୯୫୨ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଓଡ଼ିଶା ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୫ ମସିହାରେ ବ୍ରହ୍ମପୁରରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନର ସେ ମୁଖ୍ୟ ସଂଗଠକ ଓ ପୃଷ୍ଠପୋଷକ ଥିଲେ । ୧୯୫୭ ମସିହାରେ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇ ନଦୀ ଉପତ୍ୟକା, ଉନ୍ନୟନ ଓ ଦୁର୍ନୀତି ନିବାରଣ ମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ । ୧୯୬୧ ମସିହାରୁ ୧୯୬୩ ମସିହା ପର୍ଯ୍ୟନ୍ତ ବିଧାନସଭା ସଦସ୍ୟ ଓ ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଥିଲେ । ୧୯୬୩ ମସିହାରେ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭା ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ ।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟ ଶାସନ, ରାଜନୈତିକ ଜୀବନ, ଜନସଂପର୍କକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ଓଡ଼ିଆ ଜାତି ପାଇଁ ଶ୍ରଦ୍ଧାଶୀଳ ଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୬୩ ମସିହା ଜାନୁଆରୀ ୨୩ ତାରିଖ ଦିନ ସେ ଇହଲୀଳା ସମ୍ବରଣ କଲେ । ସେ ଓଡ଼ିଶାର ବରପୁତ୍ର ଏବଂ ଜନକଲ୍ୟାଣ ପାଇଁ ସଦା ସ୍ମରଣୀୟ ହୋଇ ରହିବେ ।

ଭାରତୀୟ ସମ୍ବାଦ ସେବା (ଭାସ୍)

# ରାଗିଙ୍ଗ, ଆଉ କେତେ ନିରୀହ ପିଲାଙ୍କ ଜୀବନ ଗଲାପରେ କର୍ତ୍ତୃପକ୍ଷ ଚେତିବେ ?

॥ ବିଷ୍ଣୁ ପ୍ରସାଦ ଦାସ ॥

ସମ୍ବାଦ ପତ୍ର ଓ ଟିଭିରେ ବେଳେ ବେଳେ ଶିକ୍ଷାନୁଷ୍ଠାନରେ ରାଗିଙ୍ଗ ଜନିତ ଅକାଳ ମୃତ୍ୟୁ ସମ୍ବାଦ ମନକୁ ଭାରାକ୍ରାନ୍ତ କରିଦିଏ ଓ ଘରଦ୍ୱାର ଛାଡ଼ି ପିଲାଟି ନିଜର ଉଚ୍ଚ ଶିକ୍ଷା ପାଇଁ ଦୂର ଦୁରାନ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ନିଜର ଭବିଷ୍ୟତ ଗଢିବାକୁ ଆସି ଏହି ରାଗିଙ୍ଗ ଜନିତ ମହାମାରୀ କବଳରେ ପଡ଼ିଯାଏ ଅନେକ ଛାତ୍ର/ଛାତ୍ରୀ ଏହାକୁ ସହି ନିଅନ୍ତି ଆଉ କିଛି ଅତ୍ୟାଚରର ସୀମା ଟପିଗଲେ ନିଜକୁ ନିଜ ଆୟତ୍ତରେ ରଖି ନ’ପାରି ଭୁଲ ପଦକ୍ଷେପ ନେଇଥାନ୍ତି । ବିଶେଷ କରି ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ର ଛାତ୍ରୀ ମାନେ ନିଜ ଶିକ୍ଷାନୁଷ୍ଠାନର ଉପର ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ଦ୍ୱାରା ‘ସ୍ୱାଗତଂ’ ଆନୁଷ୍ଠାନିକ ଦୀକ୍ଷା ବା ଚିଂହା ପରିଚୟ ବଦଳରେ ଅମାନୁଷିକ ‘ରାଗିଙ୍ଗ’ର ଶିକାର ହୋଇଥାନ୍ତି , ବେଳେ ବେଳେ ଏହା ଉଗ୍ର ରୂପ ଧାରଣ କରେ ଯାହା କର୍ତ୍ତୃପକ୍ଷ ’ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ’ ନ୍ୟାୟ ରେ ସମାଧାନ କରିଦେଇଥାନ୍ତି । ପିଲାଟି କେତେ ସ୍ୱପ୍ନ ନେଇ ପରିବାର ଠାରୁ ଦୂରରେ ରହି କଲେଜରେ ପାଠପଢି ନିଜ ଭବିଷ୍ୟତ ଗଢିବାକୁ ଆସିଥାଏ, ସେ ଯଦି ନିଜର ସହପାଠୀଙ୍କ/ ଶିକ୍ଷାନୁଷ୍ଠାନର କୌଣସି ଶିକ୍ଷକ ବା କର୍ମଚାରୀଙ୍କ ନିର୍ଯାତନାର ଶିକାର ହୋଇ ନିଜ ପ୍ରାଣ ତ୍ୟାଗ କଲା ବା ସବୁଦିନ ପାଇଁ ଅକର୍ମଣ୍ୟ ହୋଇଗଲା ତେବେ ? ତା’ର ପରିବାର ଉପରେ କ’ଣ ପ୍ରଭାବ ପଡିବ? ସବୁ କ୍ଷେତ୍ରରେ ସହପାଠୀ ମାନଙ୍କୁ ଦୋଷ ଦେଇ ଚୁପ ବସିଗଲେ ହେବ ନାହିଁ , ଶିକ୍ଷାନୁଷ୍ଠାନର ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷଙ୍କୁ ଅତି କଠୋରରୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଉଚିତ , କାରଣ ସେମାନେ ନିଜ ଦାୟିତ୍ୱ ତୁଲାଇବାରେ ଅବହେଳା କରିଛନ୍ତି , ଆଇନ ସମସ୍ତଙ୍କ ପାଇଁ ସମାନ କିନ୍ତୁ ଏହି ସବୁ ସ୍ଥାନରେ ବଡ଼ବଡ଼ିଆ ମାନେ ଖସିଯାଆନ୍ତି ଆଉ ଛୋଟ କର୍ମଚାରୀ ଜାଲରେ ପଡିଯା’ନ୍ତି ଓ ଛାତ୍ରୀନିବାସର ଜଗୁଆଳି ଯଦି ସ୍ନାନାଗାରରେ ଗୁପ୍ତ କ୍ୟାମେରା ଲଗାଇପାରୁଛି ଏବଂଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଧମକାଇ ପାରୁଛି ତେବେ ତା’କୁ କ’ଣ କର୍ତ୍ତୃପକ୍ଷ ଫୁଲ ଚନ୍ଦନ ଦେଇ ପୂଜା କରିବେ? ନା’ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବେ? ଏଠାରେ କିଏ ଠିକ ଆଉ କିଏ ଭୁଲ ? ନିୟମିତ ବ୍ୟବଧାନରେ ଜଗୁଆଳି ମାନଙ୍କୁ କାହିଁକି ବଦଳି କରାଯାଉ ନାହିଁ ? କିଛି ଛାତ୍ର ଛାତ୍ରୀ ପୁରୁଣା କର୍ମଚାରୀଙ୍କୁ ପାଉଣା ଦେଇ ଗୁପ୍ତରେ ଅନୈତିକ କାର୍ଯ୍ୟ କରି ଥାନ୍ତି ଯାହା କର୍ତ୍ତୃପକ୍ଷ ଜାଣି ବି ଅଜଣା ହେବାର ଛଳନା କରନ୍ତି ଓ ପିତା ମାତା ତଥା ପିଲାର ତତ୍ୱାବଧାରକ ବାରମ୍ବାର ଆସି ପିଲା ସହିତ ଦେଖା କରିବା ଉଚିତ , ଖାଲି ମୋବାଇଲ ଫୋନରେ କଥା ବା ଭିଡିଓ ଚାଟ କରିଦେଲେ କ’ଣ ଦାୟିତ୍ୱ ଶେଷ ?ରାଗିଙ୍ଗ ପରି ବିକୃତ ମାନସିକତା ଧୀରେ ଧୀରେ ବଢି ଚାଲିଛି, ସରକାର ନିୟମ କରିଦେଲେ, ସ୍କୁଲ, କଲେଜ କର୍ତ୍ତୃପକ୍ଷ ଆଣ୍ଟି ରାଗିଙ୍ଗ ସେଲ’ କଲେ ସେଥିରେ କିଛି ଅଭିଜ୍ଞ ଶିକ୍ଷାବିତ ମାନଙ୍କୁ କମିଟି ଗଢି ଦାୟିତ୍ୱ ଦେଲେ ତା’ ପରେ ଆଉ କ’ଣ ରହିଲା? ହଁ ରହିଗଲା, ସେଇଟା ହେଲା ଏହି କମିଟି କୌଣସି ନା’ କୌଣସି ଚାପରେ ରହୁଛନ୍ତି ଆଉ ରାଗିଙ୍ଗ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନଙ୍କ ପାଖରେ ଦୃଢ ମନୋବଳ/ ଆନ୍ତରିକତାର ଘୋର ଅଭାବ ପରିଲକ୍ଷିତ ହେଉଛି, ସେମାନଙ୍କ ଉପରେ ଚାପ ସରକାରଙ୍କ ତରଫରୁ ବା ମ୍ୟାନେଜମେଣ୍ଟ / ପରିଚାଳନା କମିଟି କର୍ତ୍ତୃପକ୍ଷଙ୍କ ପାଖରୁ ଆସେ ତାହା ତଦନ୍ତ ସାପେକ୍ଷ ଓ ହଷ୍ଟେଲ ବା ଛାତ୍ରାବାସ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ସବୁ ଜାଣନ୍ତି କିନ୍ତୁ ନିଜର ଦୁର୍ବଳତା ଲୁଚାଇବାକୁ ହେଉ ବା ଭୟ ହେଉ ବା ଦୁର୍ନୀତିର ବଶବର୍ତ୍ତୀ ହୋଇ ଚୁପ ବସି ଥା’ନ୍ତି । ଅନୁଶାସନ ବୋଲି କିଛି ନାହିଁ , ବିଶୃଙ୍ଖଳିତ ଛାତ୍ର ଛାତ୍ରୀ ମାନେ ଏବେ କୌଣସି ନିୟମ କାନୁନ ମାନିବାକୁ ପ୍ରସ୍ତୁତ ନୁହଁନ୍ତି, ରାଗିଙ୍ଗକୁ କାଗଜପତ୍ରରେ ଯେତେ ବନ୍ଦ କଲେବି ପ୍ରକୃତ ପକ୍ଷେ ତାହା ଆମ ମାନଙ୍କର ରୁଗ୍ଣ ମାନସିକତା, ଶିକ୍ଷାନୁଷ୍ଠାନର ଚରମ ଅବହେଳା ଏବଂ ପ୍ରଶାସନର କୋହଳ ମନୋବୃତି ଯୋଗୁ ଧୀରେ ଧୀରେ ବୈଷୟିକ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ ହୋଇ ସାଧାରଣ ମହାବିଦ୍ୟାଳୟରେ ପ୍ରବେଶ କରିଗଲାଣି । ରାଗିଙ୍ଗ କାହାପାଇଁ ଖେଳ ତ’ ପୁଣି କାହାପାଇଁ ଏହା କାଳ ରେ ପରିଣତ ହେଉଛି ଓ ପ୍ରତିଟି ଜୀବନର ମୂଲ୍ୟ ଅଛି ଏବଂ ପ୍ରତିଟି ଜୀବନକୁ ସୁରକ୍ଷା ଦେବା ଗଣତନ୍ତ୍ର ସରକାରଙ୍କ ଏକ ଦାୟିତ୍ୱ । ଆଇନର ହାତ ଖୁବ ଲମ୍ବା ଆଉ ଆଇନରେ ରାଗିଙ୍ଗ ପାଇଁ ଖୁବ କଠିନ ଦଣ୍ଡ ବ୍ୟବସ୍ଥା ଅଛି ତେଣୁ ଛାତ୍ର ଛାତ୍ରୀ ମାନଙ୍କୁ ଅନୁରୋଧ ଏହିସବୁ କୁପ୍ରଥାକୁ ଯଥା ଶୀଘ୍ର ତ୍ୟାଗ କରନ୍ତୁ, ଯେଉଁମାନେ ରାଗିଙ୍ଗର ଶିକାର ହେଉଛନ୍ତି ସେମାନେ ୟୁ ଜି ସି ର ଟୋଲ ଫ୍ରି ନମ୍ବରକୁ ଜଣାନ୍ତୁ , ନିଜ ଅଭିଭାବକ ମାନଙ୍କୁ ଜଣାନ୍ତୁ , ଆଜିକାଲି ପ୍ରାୟ ସମସ୍ତଙ୍କ ପାଖରେ ମୋବାଇଲ ଫୋନ ଅଛି ସମସ୍ତ କର୍ତ୍ତୃପକ୍ଷଙ୍କୁ ମେଲ ଦେବା ସହିତ ନିଜ ଜୀବନକୁ ବିପଦ ଅଛି ବୋଲି ପୋଲିସକୁ ମଧ ଜଣାଇ ପାରିବେ । ଯଦି ଶିକ୍ଷାନୁଷ୍ଠାନରେ ରାଗିଙ୍ଗ ହେଉ ନାହିଁ ତେବେ ଏହି ଆଣ୍ଟି ରାଗିଙ୍ଗ ସେଲର । ଆବଶ୍ୟକତା କୁଆଡୁ ଆସିଲା ? ଆଉ ଯଦି ଆଣ୍ଟି ରାଗିଙ୍ଗ ସେଲ ଥାଇ ଏବଂ ତାହାର ଦାୟିତ୍ୱରେ ଥିବା ଗଣ୍ୟମାନ୍ୟ ବ୍ୟକ୍ତି ମାନେ ରାଗିଙ୍ଗକୁ ରୋକି ନ’ପାରୁଛନ୍ତି ତେବେ ଏହି ସେଲକୁ ବନ୍ଦ କରିଦିଅଓ ଯାଉ । ଧର୍ମକୁ ଆଖିଠାର ମାରି ସବୁ ଚାଲିଛି, ଆଉ ନିରୀହ ପିଲା ରାଗିଙ୍ଗର ଶିକାର ହୋଇ ପ୍ରାଣ ତ୍ୟାଗ କରୁଥିବେ, ଆମେ ବସି ଦେଖୁଥିବା । ମାନବିକତା ବିହୀନ ଶିକ୍ଷାର ମୂଲ୍ୟ କ’ଣ ? ଅନେକ ଜାଗାରେ ଶିକ୍ଷାନୁଷ୍ଠାନର ବଦନାମକୁ ଆଖିରେ ରଖି ରାଗିଙ୍ଗକୁ ଅନ୍ୟ ରୂପ ଦେଇ ନଥି ପତ୍ର ବନ୍ଦ କରିଦିଅ ଯାଉଛି, ଏହା କେବଳ ଆମ ରାଜ୍ୟ କଥା ନୁହେ ସାରା ଭାରତବର୍ଷ ରେ ଏହି ପ୍ରକ୍ରିୟା ଚାଲିଛି । ସରକାରଙ୍କୁ ବିନମ୍ର ଅନୁରୋଧ ଏହି ସବୁ ବିଷୟରେ ଟିକେ ଧ୍ୟାନ ଦିଅନ୍ତୁ ।

ଝାଞ୍ଜିରୀ ମଙ୍ଗଳ , କଟକ ୭୫୩୦୦୯

ମୋ: ୯୯୩୭୧୭୪୦୯୭

# ରାଷ୍ଟ୍ରପତି ସମ୍ବିଧାନର ରକ୍ଷକ

॥ ଗୋପବନ୍ଧୁ ॥

ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରୀକ । ତାଙ୍କ ନାମରେ ଦେଶର ଶାସନ ଚାଲେ । ତାଙ୍କ ଦସ୍ତଖତ ପରେ କୌଣସି ବିଲ୍ ନିୟମରେ ପରିଣତ ହୁଏ । ସେ ହେଉଛନ୍ତି ସମଗ୍ର ଦେଶର ସମ୍ମାନ ଓ ମର୍ଯ୍ୟାଦାର ପ୍ରତୀକ । ବିଦେଶରେ ଭାରତବର୍ଷ ତାଙ୍କ ନାମକୁ ନେଇବି ଚର୍ଚ୍ଚିତ ହୁଏ । ତାଙ୍କୁ ଦେଖି ବିଦେଶୀମାନେ ଆମ ଦେଶର ସୌର୍ଯ୍ୟ ଓ ପରାକ୍ରମକୁ ଉପଲବ୍ଧି କରନ୍ତି । ତାଙ୍କ ବ୍ୟକ୍ତିତ୍ୱର ଗଭୀରତାରୁ ଭାରତୀୟତାକୁ ଆକଳନ କରନ୍ତି । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ରାଷ୍ଟ୍ରପତି କିଛି କମ୍ କଥା ନୁହେଁ ।

ରାଷ୍ଟପତି କେବଳ ରବର ଷ୍ଟାମ୍ପ ନୁହଁନ୍ତି । ସେ ହେଉଛନ୍ତି ସମ୍ବିଧାନର ରକ୍ଷାକର୍ତ୍ତା । କେଉଁଠାରେ ସମ୍ବିଧାନର ଉଲ୍ଲଂଘନ ହେଲେ କିମ୍ବା ସମ୍ବିଧାନର ବର୍ହିଭୂତ କାର୍ଯ୍ୟହେଲେ ସରକାରଙ୍କୁ ନାଲିଆଖି ଦେଖାଇବାର କ୍ଷମତା ତାଙ୍କ ପାଖରେ ରହିଛି । ସରକାରଙ୍କୁ ପରାମର୍ଶ ଦେବା ଓ ତୃଟିବିଚ୍ୟୁତିକୁ ସୂଚାଇଦେବା ଅଧିକାର ତାଙ୍କ ନୀକଟରେ ରହିଛି । ଦେଶର ପ୍ରଥମ ନାଗରୀକଭାବେ ସେ ଜଣେ ସଚ୍ଚୋଟ, ବିଜ୍ଞ, ନିର୍ଭୀକ ଓ ନିରପେକ୍ଷ ବ୍ୟକ୍ତି ହେବା ଜରୁରୀ । ରାଷ୍ଟ୍ରମୁଖ୍ୟ ପଦ ତାଙ୍କପାଇଁ ବଡ ନୁହେଁ, ରାଷ୍ଟ୍ର ହେଉଛି ତାଙ୍କ ପାଇଁ ବଡ଼ । ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଅଙ୍ଗୀକାରବଦ୍ଧତା ତାଙ୍କର ପ୍ରତିଟି ଚିନ୍ତନ, କଥନ ଓ କର୍ମରେ ଉଦଭାସିତ ହେବା ଆବଶ୍ୟକ । ଅତୀତରେ ବହୁ ଗୁଣି, ଜ୍ଞାନୀ ଓ ପ୍ରବୀଣ ବ୍ୟକ୍ତିତ୍ୱ ରାଷ୍ଟ୍ରପତି ପଦକୁ ଅଳଙ୍କୃତ କରିଛନ୍ତି । ଦେଶର ପ୍ରଥମ ରାଷ୍ଟ୍ରପତି ଥିଲେ ଡକ୍ଟର ରାଜେନ୍ଦ୍ର ପ୍ରସାଦ । ସେଥିଲେ ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ଓ ସମ୍ବିଧାନ ପ୍ରଣୟନ ସଭାର ସଭାପତି । ବିଶିଷ୍ଟ ଦାର୍ଶନିକ ଓ ଶିକ୍ଷାବିତ୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଏହି ପଦକୁ ଅଳଙ୍କୃତ କରିଥିଲେ । ଦେଶର ବିଶିଷ୍ଟ ବୈଜ୍ଞାନିକ ଓ ମିଶାଇଲ ମ୍ୟାନଭାବେ ପରିଚିତ ଡକ୍ଟର ଏ ପି ଜେ ଅବଦୁଲ କାଲାମ ମଧ୍ୟ ଏହି ପଦର ଗାରିମାକୁ ବଢାଇଥିଲେ । ଆହୁରି ଅନେକେ ଆସିଛନ୍ତି ଓ ପଦମର୍ଯ୍ୟଦାକୁ ଅକ୍ଷୂର୍ଣ୍ଣ ରଖି ଯାଇଛନ୍ତି । ଅନେକେ ରାଜନୈତିକ ଦଳରୁ ଆସିଥିଲେ ବି ପଦ ଅଳଙ୍କୃତ କଲାପରେ ସମ୍ପୂର୍ଣ୍ଣ ନିରପେକ୍ଷତାର ପରିଚୟ ଦେଇଛନ୍ତି । ଦେଶବାସୀ ଚାହାଁନ୍ତି ଆଗକୁ ବି ଏହା ବଜାୟୀ ରହିବ ଓ ଏ ଗୁରୁତ୍ୱପୂର୍ଣ୍ଣ ପଦବୀକୁ ରାଜନୈତିକ ଭିଡ଼ାଟଣାରୁ ଉର୍ଦ୍ଧ୍ୱରେ ରଖାଯିବ । ତେଣୁ ସମସ୍ତ ରାଜନୈତିକ ଦଳର ସହମତିରେ ରାଷ୍ଟ୍ରପତିଙ୍କ ଚୟନ ହେବା ସର୍ବୋତ୍କୃଷ୍ଟ ପନ୍ଥା । ରାଷ୍ଟ୍ରପତିଙ୍କ ଚୟନ ପରୋକ୍ଷ ନିର୍ବାଚନ ମାଧ୍ୟମରେ ହୁଏ । ଏଥିରେ ନିର୍ବାଚିତ ସାଂସଦ ଓ ବିଧାୟକମାନେ ଭୋଟ ଦିଅନ୍ତି । ଉପଯୁକ୍ତ ପ୍ରାର୍ଥୀ କିମ୍ବା ପ୍ରାର୍ଥୀନୀଙ୍କୁ ଚୟନ କରାଯିବା ପାଇଁ ମତଦାନକୁ ମୁକ୍ତ ଓ ଗୋପନୀୟ ରଖାଯାଇଛି । କୌଣସି ଦଳ ନିର୍ଦ୍ଦିଷ୍ଟ ଜଣେ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ହୁଇପ୍ ଜାରି କରିପାରିବ ନାହିଁ । ଅବଶ୍ୟ ପାର୍ଟି ସ୍ତରରେ ସିଦ୍ଧାନ୍ତ ହୁଏ କାହାକୁ ଭୋଟ ଦିଆଯିବ ବୋଲି । ଯେହେତୁ ଭୋଟ ଦାନରେ ଗୋପନୀୟତା ରହେ, ତେଣୁ ଏଥିରେ କ୍ରସ୍ ଭୋଟ ମଧ ହୁଏ । ଭୋଟଦାତା ଯଦି ଅନୁଭବ କରେ ଯେ ପାର୍ଟି ଯାହାକୁ କହୁଛି ଭୋଟ ଦେବାପାଇଁ ସେ ପ୍ରାର୍ଥୀ ଠିକ୍ ନୁହେଁ, ସେ ଗୁପ୍ତରେ କ୍ରସ୍ ଭୋଟିଂ କରିପାରିବ । ଅତୀତରେ ଏପରି ହୋଇଛି ।

ଦେଶର ରାଷ୍ଟ୍ରପତି ପଦରେ ଯେଇଁମାନେ ବସିବାକୁ ଚାହୁଁଛନ୍ତି, ସେମାନଙ୍କ ବିଷୟରେ ଦେଶବାସୀ ଜାଣିବା ଜରୁରୀ । ଫଳରେ ଉପଯୁକ୍ତ ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ତିଆରି ହୋଇପାରିବ । ଜନମତକୁ ସମ୍ମାନ ଜଣାଇବା ପାଇଁ ନିର୍ବାଚିତ ପ୍ରତିନିଧିମାନେ ନିଶ୍ଚୟ ନୈତିକଭାବେ ବାଧ ହେବେ । ଏ ବାବଦକୁ କେନ୍ଦ୍ରୀୟ ସ୍ତରରେ ତଥା ରାଜ୍ୟ ସ୍ତରରେ ଡିବେଟ୍ ଅନୁଷ୍ଠିତ ହେବା ଉଚିତ୍ ଏବଂ ଏହାକୁ ବୈଦ୍ୟୁତିକ ଗଣମାଧ୍ୟମରେ ସିଧାସଳଖ ପ୍ରସାରିତ କରାଯିବା ଉଚିତ୍ । ପ୍ରାର୍ଥୀମାନଙ୍କୁ ଗୋଟିଏ ମଞ୍ଚରେ ବସାଇ ଜଣେ ଅନ୍ୟଜଣକୁ ପ୍ରଶ୍ନ ପଚାରି ଏବଂ ଉପସ୍ଥିତ ଜନତା ପ୍ରାର୍ଥୀଙ୍କୁ ପ୍ରଶ୍ନ ପଚାରି ପ୍ରାର୍ଥୀଙ୍କ ବିଚାରଗତ ତୃଟିକୁ ପଦାରେ ପକାଇବାର ସୁଯୋଗ ରହିବା ଅତ୍ୟାବଶ୍ୟକ । ପାଶ୍ଚାତ୍ୟ ଗଣତନ୍ତ୍ରରେ ଏହା ଏକ ବାଧ୍ୟତାମୂଳକ ସୋପାନ । ପ୍ରାର୍ଥୀଙ୍କ ରାଷ୍ଟ୍ରୀୟ ଅବଧାରଣା କଣ ରହିଛି, ସାମାଜିକ ଓ ଧାର୍ମିକ ସମସ୍ୟା ପ୍ରତି ତାଙ୍କ ଆଭିମୁଖ୍ୟ କଣ, ସେ କିପରି ସମ୍ବିଧାନର ରକ୍ଷାକବଚ ବନିପାରିବେ, ଗଣତନ୍ତ୍ରକୁ ମଜଭୁତ କରିବାପାଇଁ ତାଙ୍କର ଯୋଗଦାନ କଣରହିବ ପ୍ରଭୃତି ଏବଂ ଏବାବଦକୁ ତାଙ୍କ ଅତୀତର କାର୍ଯ୍ୟକଳାପ କଣ ରହିଛି ତାହାର ସ୍ପଷ୍ଟଚିତ୍ର ଲୋକମାନେ ପାଇବାକୁ ହକଦାର ।

ବିଚାରଧାରାର ମାନଦଣ୍ଡରେ ଜଣେ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଯଦି ମପାଯାଏ ତେବେ ସେ ଜଣେ ମାନବବାଦୀ, ବସୁଧୈବ କୁଟୁମ୍ବକମ୍ ରେ ବିଶ୍ୱାସୀ, ସାମାଜିକ ନ୍ୟାୟର ଅନୁଗାମୀ ଓ ସର୍ବୋପରି ଜଣେ ପ୍ରଗତିଶୀଳ ଚେତନାର ବ୍ୟକ୍ତିବିଶେଷ ହେବା ଆବଶ୍ୟକ । ଯେକି ରାଷ୍ଟ୍ରକୁ ଏକ ଉନ୍ନତ ଶିଖରକୁ ନେଇ ଯିବାର ମାର୍ଗଦର୍ଶନ କରିପାରୁଥିବେ ।

ବାରିପଦା, ମୟୁରଭଞ୍ଜ, ମୋ. ୭୦୦୮୯୭୬୧୮୦


ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପରଜଙ୍ଗ (ମହାଭାରତ )ଆଜି ସକାଳ ୧୦ଟା ୩୦ ମିନିଟ ସମୟରେ ପରଜଙ୍ଗ ତହସିଲ କାର୍ଯ୍ୟାଳୟ ଠାରେ ତହସିଲଦାର ଶୁକଦେବ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି । ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ତହସିଲଦାର ପ୍ରଥମତଃ ଅଂଶୁଘାତ ଜନିତ ମୃତ୍ୟୁକୁ ରୋକାଯାଇ ପାରିବ ତା ଉପରେ ଗୁରୁତ୍ୱ ଦେଇଥିଲେ । ଏଥିନେଇ ଅଧିକରୁ ଅଧିକ ସଚେତନତା କାର୍ଯ୍ୟକ୍ରମ ଯଥା ସଚେତନତା ବାର୍ତ୍ତା,ସାମାଜିକ ଗଣମାଧମ ରେ ବହୁଳ ମାତ୍ରର ପ୍ରଚାର ପ୍ରସାର କରିବା ସହିତ ଏହାକୁ ପଞ୍ଚାୟତ ସ୍ତରରେ ବହୁଳ ମାତ୍ରର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଗ୍ରୀଷ୍ମ ପ୍ରବାହରେ କୌଣସି ଖରାପ ସ୍ଥିତି ମୁକାବିଲା ପାଇଁ ପ୍ରାଥମିକ, ଗୋଷ୍ଠୀ ଡାକ୍ତରଖାନା ରେ ବହୁଳ ମାତ୍ରର ଔଷଧ, ସାଲାଇନ, ଓଆରଏସ ପାଉଡର ସହ ଅଂଶୁଘାତ ରୋଗୀମାନଙ୍କ ପାଇଁ ଡାକ୍ତରଙ୍କୁ ଉପସ୍ଥିତ ରହିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରୀଷ୍ମ ପ୍ରବାହରୁ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ରକ୍ଷା କରିବା ପାଇଁ ପ୍ରଥମତଃ ବିଦ୍ୟାଳୟ ଗୁଡିକ ସକାଳୁଆ ସ୍କୁଲ ହେବ ସହ ପିଲାମାନେ କିପରି ସାଙ୍ଗରେ ପାଣି ବୋତଲ, ଛତା ନିଜ ସାଙ୍ଗରେ ଆଣିବେ ଏବଂ କୌଣସି ପ୍ରକାର କାର୍ଯ୍ୟକ୍ରମ ଖୋଲା ପଡିଆରେ ନକରିବାକୁ ତହସିଲଦାର ବ୍ଲକ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଦ୍ୟାଳୟ ମାନଙ୍କରେ ଓଆରଏସ ପାଉଡର ଓ ଥଣ୍ଡା ପାନୀୟଜଳ ର ବ୍ୟବସ୍ଥା କରିବାକୁ କୁହାଯାଇଛି ।ସେହିପରି ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ମଧ ସମାନ ଉପକରଣ ରଖିବାପାଇଁ ଶିଶୁ ବିଭାଗ କହିଥିଲେ। ଏହି ବୈଠକରେ ପରଜଙ୍ଗ ଅତିରିକ୍ତ ତହସିଲଦାର ଶ୍ରୀ ମଦନ ମୋହନ ଜେନା, ଏ, ବି, ଓ, ସତ୍ୟବ୍ରତ ସାହୁ, ଥାନା ସବଇନ୍ସପେକଟର ରଞ୍ଜିତ କୁମାର ପ୍ରଧାନ,ସି, ଡ଼ି, ପି, ଓ,ବିଜୟାଲକ୍ଷ୍ମୀ ମାରାଣ୍ଡି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀ ଡ଼ଃ ସ୍ମୃତି ରଞ୍ଜନ ବିଶ୍ୱାଳ, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ର ମୁଖ୍ୟ ଡ଼ଃ ତପନ କୁମାର ସେଠ ଓ ସମ୍ପୃକ୍ତ ସାମ୍ବାଦିକମାନେ ଯୋଗଦେଇଥିଲେ।

## ଶିମିଳିପାଳ ମୁନିଗୁଟୁ ମହୋତ୍ସବ ୨୦୨୫



କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତ ବୁରୁସାହି ଠାରେ ଦସ୍ତୁର ସିୟାଂ ମାର୍ଶାଲ କମିଟି ପକ୍ଷରୁ ଶିମିଳିପାଳ ମୁନିଗୁଟୁ ମହୋତ୍ସବ ଗତକାଲି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ମହୋତ୍ସବ କୁ ଉଦଘାଟନ ଅବସରରେ ଗ୍ରାମର ଆବଶ୍ୟକ ରାସ୍ତା ,ପାଣି ଏବଂ ମୁନିଗୁଟୁ ଦେବସ୍ଥଳୀ ର ଉନ୍ନତି କରାଯିବ ଅଭିଭାଷଣ ରେ ପ୍ରକାଶ କରିବା ସହିତ ୱାରାଙ୍ଚିତି ଲିପି ର ଆଦିବାସୀ ର ହାଇସ୍କୁଲ ସ୍ତରୀୟ (ଗ୍ରାମାର) ପୁସ୍ତକ କୁ ଉନ୍ମୋଚନ କରିଥିଲେ। । ମୁଖ୍ୟ ବକ୍ତା ଭାବେ ହୋ ଭାଷା ଉପନ୍ୟାସ ଲେଖକ କାଇରା ସିଂ ବାନ୍ଦିଆ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଅଧକ୍ଷ ଆଦିବାସୀ ଧରମ ପରିଷଦର ବବି ପଙ୍କଜ ଶିଙ୍କା, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ଡିବାକର ସୟ, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ନିମାଇଁ ଚରଣ ସାୟଁ , ସରପ□ ବୀଣାପାଣି ନାଏକ, ପୁର୍ବତନ ସରପଞ୍ଚ ରଘୁନାଥ ନାଏକ, ନନ୍ଦଲାଲ କାଣ୍ଡେୟାଙ୍ଗ ଯୋଗଦେଇଥିଲେ ।ଦସ୍ତୁର ସିୟାଁ ମାର୍ଶାଲ କମିଟି ସଭାପତି ସୁରେନ୍ଦ୍ର ବାଙ୍କିରା ଓ ସୁବାଷ ବଦରା ଧନ୍ୟବାଦ ଅର୍ପଣ କରିଥିଲେ। ମହୁଲଡିହା ପୋଲିସ ପ୍ରଶାସନ ପକ୍ଷ ରୁ ସହଯୋଗ କରିଥିଲେ। ଶେଷ ର ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିନରେ ପାଳନ ହେଲା ବର୍ଣ୍ଣବୋଧ ବଣ୍ଟନ ଉତ୍ସବ



ସୁନ୍ଦରଗଡ଼, (ମହାଭାରତ): ଓଡ଼ିଆ ପକ୍ଷ - ୨୦୨୫ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସପ୍ତମ ଦିନ ରେ ଆଜି ଜିଲ୍ଲାବ୍ୟାପୀ 'ବର୍ଣ୍ଣବୋଧ ଉତ୍ସବ' ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଅଛି ।ଏହି ଅବସର ରେ କୁତ୍ରା ବ୍ଲକ ସ୍ଥିତ ପି ଏମ ଶ୍ରୀ ସରକାରୀ ଉତ୍କର୍ଷ ବିଦ୍ୟାଳୟ, ଠାରେ ବର୍ଣ୍ଣବୋଧ ଉତ୍ସବ ଆୟୋଜିତ ହୋଇ ବର୍ଣ୍ଣବୋଧ ବହି ବଣ୍ଟନ ହୋଇଥିଲା। ଏହି ଅବସର ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଅମୂଲ୍ୟ ପଧାନ, ବ୍ଲକ ଅଧକ୍ଷ ଶ୍ରୀମତୀ ଶାନ୍ତିଲତା ଲାକ୍ରା,ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ଯୁଗଳ ବିଶ୍ୱାଳ, ବ୍ଲକ ଶିକ୍ଷା ଅଧିକାରୀ ନୈନା କୁଜୁର ଏବଂ ବିଦ୍ୟାଳୟ ର ଶିକ୍ଷକ ମାନେ ଥିଲେ। ଏହି ଅବସରରେ ଛତ୍ର ଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ହୋଇଥିଲା। ଏହି ଅବସର ରେ ଅତିଥି ମାନେ ଓଡ଼ିଆ ପିଲାଙ୍କ ବିଦ୍ୟାରମ୍ଭର ଆଦ୍ୟ ପୁସ୍ତକ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହେବା ଓ ଓଡ଼ିଆ ଭାଷାକୁ ଆହୁରି ବ୍ୟାପକ କରିବା ପାଇଁ ଆମେ ସମସ୍ତେ ପ୍ରଯତ୍ନ ହେବାର ଆବଶ୍ୟକତା ରହିଛି ବୋଲି ମତ ବ୍ୟକ୍ତ କରିଥିଲେ। ସେହିଭଳି ସୁନ୍ଦରଗଡ଼ ର ସ୍ଥାନୀୟ ଭବାନୀ ଶଙ୍କର ବିଦ୍ୟାଳୟ ଏବଂ ରଥ ନୋଡାଲ ବିଦ୍ୟାଳୟ ଠାରେ ବର୍ଣ୍ଣବୋଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତୀ ଗ୍ଲୋରିଆ ଡୁଙ୍ଗଡୁଙ୍ଗ ଙ୍କ ତ□ାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ଣ୍ଣବୋଧ ବହି ରୁ ଆମ ସମସ୍ତଙ୍କ ସହ ଜଡ଼ିତୟ ସମସ୍ତେ ପାଠ୍ୟ ପ୍ରାରମ୍ଭରେ ବର୍ଣ୍ଣବୋଧ ପୁସ୍ତକ ସଂପୃକ୍ତ ହୋଇଛନ୍ତି । ଏଥିରୁ ହି ଆମେ ଶିକ୍ଷା ଲାଭ କରିଥାଉ ତେଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ। ପରେ ପରେ ଛାତ୍ର ଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ହୋଇଥିଲା।

## ନିମ୍ନମାନର କାମ କଲେ ଲକ୍ଷ ଲକ୍ଷ ଟଙ୍କା ଲୁଟିନେଲେ



ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଜାକେଡ଼ା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ବୀଣାପାଣି ଖଣ୍ଡୁଆଳ ଙ୍କ ସ୍ୱାମୀ ପାଣ୍ଡୁ ଚରଣ ଖଣ୍ଡୁଆଳ ଯିଏକି ପୂର୍ବରୁ ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ଜାକେଡ଼ା ପଞ୍ଚାୟତରେ ବିଭିନ୍ନ ଗ୍ରାମକୁ ଆସୁଥିବା ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟକୁ ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ଲୁଟିନେଲେ । ଏକଥା ଆମେ କହୁନାହୁଁ।ଏହି ଦୃଶ୍ୟ ଦେଖିବା ପରେ ହିଁ ଆପଣ ବୁଝିପାରିବେ। ମହାଶୟ ଜଣକ କେତେ ଭଲ କାମ କରିଛନ୍ତି ।ଏ ଦୃଶ୍ୟ ହେଉଛି କନ୍ଧଖାଲମଡା ମା ବାଗଦେବୀ ଠାକୁରାଣୀ ଙ୍କ ପୀଠରେ ନିର୍ମାଣ ହୋଇଥିବା ମଣ୍ଡପ। ନିମ୍ନମାନର କାମ ଯୋଗୁଁ ଛାତ ତଳୁ ଖସୁଛି ପ୍ଲାଷ୍ଟର। ସେହିପରି ବାଡ଼ିବାରୀ ଗ୍ରାମରେ ନିର୍ମାଣ ହୋଇଥିବା ଅଙ୍ଗନୱାଡି ଗୃହ, ନିମ୍ନମାନର କାମ ଯୋଗୁଁ ବର୍ଷାଦିନ ଆସିଲେ ଛାତରୁ ପାଣି ଗଳୁଛି । ଘର ସାରା ପାଣି ଜମୁଛି। ପିଲାମାନେ ପାଠ ପଢିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଶୌଚାଳୟର ସୁବିଧା ଥିଲେ ମଧ ବର୍ଷାଦିନ ହେଲେ ଭିତରେ ପାଣି ଜମୁଛିୟବାହାରକୁ ପାଣି ନିଷ୍କାସନ ପାଇଁ ସୁବିଧା ନାହିଁ। ଏନେଇ ପ୍ରତିକ୍ରିୟା ରଖିଛନ୍ତି ଅଙ୍ଗନୱାଡି ଦିଦି। ଏହି ଭଳି ଅନେକ ଗାଁକୁ ଆସିଥିବା ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳିଛି।

## ଅସହାୟ ବୃଦ୍ଧାଙ୍କୁ ମା' ପୁରୁଣେଇଁ ଯୁବ ପରିଷଦ ପକ୍ଷରୁ ସହାୟତା



କଣ୍ଟାପଡା, (ମହାଭାରତ) : କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ଅନ୍ତର୍ଗତ ସାଇଁଶୋ ଗ୍ରାମ ର ଅସହାୟ ୭୦ ବର୍ଷୀୟା ରେଣୁକା ଦାସ। ରେଣୁକାଙ୍କ ପରିବାରରେ ଜଣେ ପୁଅ ଓ ଦୁଇ ଝିଅ। ଦୁଇ ଝିଅଙ୍କ ବିବାହ ପରେ ରେଣୁକାଙ୍କ ପୁଅ ୪ ବର୍ଷ ପୂର୍ବେ ଏକ ମାତ୍ର ରୋଜଗାରିଆ ପୁଅର ଦେହାନ୍ତ ହୋଇଥିଲା। ଏହା ପରେ ରେଣୁକା ଦୁଃଖରେ ଭାଙ୍ଗି ପଡିଥିଲେ। ଆଖିରେ ମୋତିଆବିନ୍ଦୁ ହୋଇଥିବା ସତ୍ତ୍ୱେ ପୁଅର ଦେହାନ୍ତ ପରେ ଅତ୍ୟଧିକ କାନ୍ଦିବା ଓ ଚିନ୍ତାରେ ରେଣୁକା ତାଙ୍କ ଦୁଇ ଆଖିର ଦୃଷ୍ଟି ଶକ୍ତି ହରେଇ ସାରିଛନ୍ତି । ରେଣୁକା ବର୍ତ୍ତମାନ ସମ୍ପୂର୍ଣ୍ଣ ଅନ୍ଧ ହୋଇ ଅନ୍ୟ ଲୋକଙ୍କ ସହାୟତା ଲୋଡୁଛନ୍ତି। ରେଣୁକାଙ୍କୁ ସରକାରୀ ସହାୟତା ହିସାବରେ ବିଧବା ଭତ୍ତା ସହିତ ରାସନ କାର୍ଡରେ ମିଳୁଛି ମାତ୍ର ୫ କିଲୋ ଚାଉଳ। ଆଜି କା ସମୟରେ ନିତ୍ୟ ବ୍ୟବହୃତ ଜିନିଷର ଅହେତୁକ ଦରଦାମ ବୃଦ୍ଧିରେ ଜଣେ ଅସହାୟ ଆଖିକୁ ଦିଶୁ ନଥିବା ୭୦ ବର୍ଷୀୟା ବୃଦ୍ଧାଙ୍କର ଭରଷା ୫ କିଲୋ ଚାଉଳ ସହିତ ବିଧବା ଭତ୍ତାରେ ଏକମାସ ଜୀବନ ଅତିବାହିତ କରିବା ବହୁତ୍ କଷ୍ଟ। ଏହପରି ଅସହାୟଙ୍କୁ ହାତ ବଢେଇବାକୁ ନୂତନ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ସ୍ତରରେ ସ୍ୱୀକୃତି ପତ୍ର ପାଇଥିବା ସାଇଁଶୋ ଗ୍ରାମର ମା' ପୁରୁଣେଇଁ ଯୁବ ପରିଷଦ। ମା' ପୁରୁଣେଇଁ ଯୁବ ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ଗତ ଶ୍ରୀ ରାମନବମୀ ଦିନ ଅସହାୟ ୭୦ ବର୍ଷ ରେଣୁକାଙ୍କୁ ଏକମାସ ନିମନ୍ତେ ଡାଲି ଚାଉଳ ସଉଦା ସହିତ ପରିବା ପ୍ରଦାନ କରିଥିଲେ। ମା' ପୁରୁଣେଇଁ ଯୁବ ପରିଷଦର ପରାମର୍ଶଦାତା ନିର୍ମଳ ଚନ୍ଦ୍ର ବେହେରା, ସଭାପତି ଭବାନୀ ଶଙ୍କର ପାଣି, ଉପ ସଭାପତି ସଦାନନ୍ଦ ହୋତା, ସମ୍ପାଦକ ସନ୍ଦୀପ କୁମାର ବେହେରା, ସହ ସମ୍ପାଦକ ସୌମ୍ୟରଞ୍ଜନ ପାଣି, କୋଷାଧକ୍ଷ ନିଗମାନନ୍ଦ ଦାଶ ଏବଂ ଯୁବ ପରିଷଦର ଅନ୍ୟ ସମସ୍ତ ସଭ୍ୟ ଏହି ମହତ୍ କାର୍ଯ୍ୟରେ ଉପସ୍ଥିତ ଥିଲେ। ଯୁବ ପରିଷଦ ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତା ସଦସ୍ୟ ପ୍ରମୁଖ ରେଣୁକାଙ୍କ ଆଖି ପରୀକ୍ଷାରେ ସମସ୍ତ ସହଯୋଗ କରିବା ସହିତ ଆଗାମୀ ଦିନରେ ସରକାରୀ ସ୍ତରରେ ୭୦ ବର୍ଷୀୟ ରେଣୁକା ଦାସଙ୍କୁ କିପରି ରାସନ୍ ରେ ଅନ୍ତର୍ଦ୍ଦ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ସାହା ପାଇଁ ଯୁବ ପରିଷଦ ତରଫରୁ ପ୍ରଶାସନଙ୍କ ପାଖରେ ତାଙ୍କ ଦାବି ଉପସ୍ଥାପନ କରି ରେଣୁକାଙ୍କୁ ପ୍ରାପ୍ୟ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ଗଣମାଧମକୁ। ଏପରି ମହତ୍ କାର୍ଯ୍ୟକୁ ମା' ପୁରୁଣେଇଁ ଯୁବ ପରିଷଦକୁ ଗ୍ରାମବାସୀ ଓ ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତି।।

## ସାମ୍ବାଦିକଙ୍କୁ ମିଥ୍ୟା ମୋକଦମାରେ ଜେଲ ପଠାଇବା ଧମକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିଲେ ସାମ୍ବାଦିକ ସଂଘ

କପ୍ତିପଦା -(ମହାଭାରତ ): କପ୍ତିପଦା - ସାମ୍ବାଦିକଙ୍କୁ ମିଥ୍ୟା ମାମଲାରେ ୪୦ ଦିନ ଜେଲରେ ପୁରାଇବା ନେଇ ଧମକ ଦେଇଥିଲେ କପ୍ତିପଦା ଥାନା ଅଧିକାରୀ। କପ୍ତିପଦା ଥାନା ଅଧିକାରୀ ପ୍ରକାଶ ରଥ ନିଜ ମୋବାଇଲରୁ ହ୍ୱାଟ୍ସଅପ ଜରିଆରେ ସାମ୍ବାଦିକ, କିଛି ସରକାରୀ କର୍ମଚାରୀ, ଥାନାରେ ଦଲାଲ କାର୍ଯ୍ୟ କରୁଥିବା କିଛି କର୍ମଚାରୀ, ମାଫିଆମାନଙ୍କୁ ମେସେଜ ଦେଇଥିଲେ। ମେସେଜରେ କପ୍ତିପଦା ଅଞ୍ଚଳର ଜଣେ ସାମ୍ବାଦିକଙ୍କୁ ବିନା କାରଣରେ ମିଛ ମୋକଦମାରେ ୪୦ ଦିନ ପାଇଁ ନିଶ୍ଚିତ ଜେଲ ପଠାଇବେ ବୋଲି ଉଲ୍ଲେଖ କରିଥିଲେ। ଯାହାକି ସାମ୍ବାଦିକଙ୍କୁ ଗିରଫ କରିବାର ମେସେଜ ସମସ୍ତଙ୍କୁ ପଠାଇ ଖୋଲାଖୋଲି ଧମକ ଦେଇଥିଲେ ଆଇଆଇସି ପ୍ରକାଶ ରଥ। ଯାହାକୁ ନେଇ ସୋମବାର ଅପରାହ୍ନ ୫ ଘଟିକା ସମୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଭେଟିଛନ୍ତି କପ୍ତିପଦା ଉପଖଣ୍ଡ ସାମ୍ବାଦିକ ସଂଘର ସଦସ୍ୟମାନେ। ଆରକ୍ଷୀ ଅଧିକ୍ଷକଙ୍କ ସହିତ ଆଲୋଚନା କରିବା ସହିତ ଅନେକ ସମୟରେ କପ୍ତିପଦା ଆଇଆଇସି ଶ୍ରୀ ରଥ ଥାନାରେ ନ ରହି କ୍ୱାଟରରେ ଅଫିସ ଚଳାଉଥିବା କଥା ମଧ ଏସପିଙ୍କୁ ଅବଗତ କରାଯାଇଥିଲା। ଏହା ସହିତ ଥାନା ଅଧିକାରୀଙ୍କ ଏଭଳି ଆଚରଣ ନେଇ ଏକ ଲିଖିତ ଅଭିଯୋଗ ମଧ ଏସପିଙ୍କୁ ପ୍ରଦାନ କରାଯାଇଥିଲା। ଏହି ଘଟଣା କୁ ସମ୍ବେଦନଶୀଳ ଘଟଣା ଭାବେ ଏସପି ଗ୍ରହଣ କରିବା ସହିତ ସମ୍ପୃକ୍ତ ଆଇଆଇସି ପ୍ରକାଶ ରଥ ଙ୍କୁ ୫ ଦିନ ଛୁଟିରେ ପଠେଇଥିବା ସହିତ ଏଭଳି ଘଟଣା କଣ ପାଇଁ ଘଟାଇଛନ୍ତି ସେ ନେଇ ଅତିରିକ୍ତ ଏସପି ଏବଂ ଏସଡିପିଓ ଘଟଣାର ତଦନ୍ତ କରିବେ ବୋଲି ଆରକ୍ଷୀ ଅଧିକ୍ଷକ କହିଛନ୍ତି। ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଏସପିୟ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟିବା ସମୟରେ ବରିଷ୍ଠ ସାମ୍ବାଦିକ ଶଶିକାନ୍ତ ମିଶ୍ର, ସୁଶାନ୍ତ ମହାନ୍ତି, ତପନ କୁମାର ସେଠି, ଅଭିଜିତ ବେହେରା, ଶ୍ୱେତ ସୁନ୍ଦର ମଲ୍ଲିକ, ଅକ୍ଷୟ କୁମାର କର, ଶ୍ରୀକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମାଟି ଉଠାକୁ କେନ୍ଦ୍ରକରି ଆକ୍ରମଣ, ୩ ଗୁରୁତର

ବାଲିଅନ୍ତା ( ମହାଭାରତ ); ବାଲିଅନ୍ତା ଅଞ୍ଚଳରେ ଚୋରା ମାଟି ଚଲାଣକୁ ନେଇ ଗତକାଲି ରାତିରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି ମାଟି ଚୋରି ରୋକିବାକୁ ଯାଇ ହଣା ଖାଇଲେ ୩ ଯୁବକ ସୂଚନା ଅନୁଯାଇ ଗତକାଲି ବିଳମ୍ବିତ ରାତି ୨ଟା ସମୟରେ ଜିତିକାରସୁଆଁଲୋ ମୌଜା ଭିଙ୍ଗାରପୁର ତ୍ରିଲୋକେଶ୍ୱର ମନ୍ଦିର ନିକଟ ରୁ ଜେସିବି ମେସିନ ମାଟି ତାଡୁ ଥିଲା ଖବର ପାଇ ସ୍ଥାନୀୟ ଭିଙ୍ଗାରପୁର ଗ୍ରାମ ର କିଛି ଯୁବକ ସେଠାରେ ପହଞ୍ଚି ମାଟି ତାଡ଼ିବାକୁ ବାରଣ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଗାଡ଼ି ଚାଳକ ସମେତ କିଛି ଯୁବକ ମରଣାସ୍ତ୍ର ସାହାଯ୍ୟରେ ଅତର୍କିତ ଆକ୍ରମଣ କରିଥିଲେୟ ଫଳରେ ୨ ଜଣ ଗୁରୁତର ଅବସ୍ଥାରେ ଗ୍ରାମବାସୀଙ୍କ ଦ୍ୱାରା ଡାକ୍ତରଖାନା ରେ ଭର୍ତ୍ତି ହୋଇଛନ୍ତି ଆକ୍ରମଣକାରୀଙ୍କ ମଧ୍ୟରୁ ୩ଜଣଙ୍କୁ ଗ୍ରାମବାସୀ ଧରିବାରେ ସକ୍ଷମ ହୋଇଥିଲେ। ପରେ ଉକ୍ତ ୩ଜଣଙ୍କୁ ଗ୍ରାମବାସୀ ଅଟକ ରଖି ବାଲିଅନ୍ତା ଥାନା କୁ ହସ୍ତାନ୍ତର କରିଛନ୍ତି । ଏହି ଘଟଣା ର ତଦନ୍ତ ଚଳିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ଅନ୍ୟପଟେ ବାଲିଅନ୍ତା ଅଞ୍ଚଳରେ ଦିନକୁ ଦିନ ମାଟି ଏବଂ ବାଲି ମାଫିଆ ମନେ ସକ୍ରିୟ ହେବା ସହ ବିରୋଧ କଲେ ମରଣାତ୍ମକ ଆକ୍ରମଣ କରିବାକୁ ପଛାଉନାହାନ୍ତି ଆଗାମୀ ଦିନରେ ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି ।

## ଚାର୍ଜ ବସିଥିବା ସମୟ ରେ ଜଳିଗଲା ସ୍କୁଟି

ଅସ୍ତରଙ୍ଗ (ମହାଭାରତ) - ଚାର୍ଜ ବସିଥିବା ସମୟ ରେ ହୁତୁହୁତୁ ହୋଇ ଜଳିଗଲା ଏକ ଏଡ଼ିଏମଏସ ବେଟାରୀ ସ୍କୁଟି, ସୂଚନା ମୁତାବକ ଅସ୍ତରଙ୍ଗ ବ୍ଲକ ମଧୁପୁର ଗ୍ରାମ ର ହରିହର ବେହେରା ଗତକାଲି ରାତ୍ର ସମୟ ରେ ନିଜ ଘର ସାମ୍ନା ରେ ତାଙ୍କ ର ବେଟାରୀ ସ୍କୁଟି ଗାଡି କୁ ଚାର୍ଜ ବସାଇଥିବା ସମୟ ରେ ହଟାତ ବିସ୍ଫୋରଣ ର ଆବାଜ ହୋଇଥିଲା, ଚାହୁଁ ଚାହୁଁ ସ୍କୁଟି ଟି ହୁତୁହୁତୁ ହୋଇ ଜଳିବାକୁ ଆରମ୍ଭ କରିଥିଲା, ଏହାକୁ ଦେଖି ସ୍ଥାନୀୟ ଲୋକ ହଟାତ ଆକ ହୋଇଯାଇଥିଲେ, ଜଳୁଥିବା ସମୟ ରେ ୨ ଜଣ ଲୋକ ଏହି ନିଆଁ କୁ ଆୟତ୍ତ କରିବାକୁ ପ୍ରୟାସ କରୁଥିବା ବେଳେ ସାମାନ୍ୟ ଆହତ ହୋଇଥିବା ନେଇ ସୂଚନା ରହିଛି ।

## ପାରାଦୀପ ବନ୍ଦର ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତା ଉଦଯାପିତ
# ଟ୍ରାଫିକ ବିଭାଗ ଚମ୍ପିୟନ




ପାରାଦୀପ(ମହାଭାରତ) ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ୫ମ ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ସୋମବାର ଟ୍ରାଫିକ ଓ ମେଡ଼ିକାଲ ବିଭାଗ ମଧ୍ୟରେ ସୋମବାର ସନ୍ଧ୍ୟାରେ ଖେଳାଯାଇଥିଲା । ପ୍ରଥମେ ବ୍ୟାଟିଂ କରି ମେଡ଼ିକାଲ ବିଭାଗ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା । ଜବାବରେ ଟ୍ରାଫିକ ବିଭାଗ ୪ଟି ଉଇକେଟ ହରାଇ ୧୪.୧ ଓଭରରେ ୧୦୯ରନ କରି ବିଜୟୀ ହୋଇଥିଲା ।ଉଦଯାପନୀ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଏବଂ ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚକୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ,ସମ୍ପାଦକ ରଞ୍ଜନ ରଶ୍ମି ବେଉରା ଏବଂ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ ସଫଳତା ର ସହ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ ରେ ବନ୍ଦରର ବିଭାଗ ମୁଖ୍ୟମାନେ ତଥା ବନ୍ଦରର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଷ୍ଟାଡିୟମରେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ଓ କର୍ମଚାରୀ ମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରଖିବା ତଥା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବା ଲକ୍ଷ୍ୟରେ ଏପରି କ୍ରୀଡ଼ା ପ୍ରତିଯୋଗିତାକୁ ଆୟୋଜନ କରିବାରେ ବନ୍ଦର ଅଧକ୍ଷଙ୍କ ଅନନ୍ୟ ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ।

## ବହୁ ପ୍ରତିକ୍ଷୀତ ଆୟୁଷ୍ମାନ କାର୍ଡ ବଣ୍ଟନ ଯୋଜନା ର ଶୁଭାରମ୍ଭ



ଦଶପଲ୍ଲା (ମହାଭାରତ) ସ୍ୱାସ୍ଥ୍ୟ ହିଁ ସମ୍ପଦ ଏ ଉକ୍ତିଟି ସମସ୍ତେ ଜାଣିଛନ୍ତି। ତେବେ ବର୍ତ୍ତମାନ ର ଜୀବନଶୈଳୀ ଲୋକମାନଙ୍କର ବଦଳିବାରେ ଲାଗିଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା କେତେକାଂଶରେ ପ୍ରାୟ ଦିଗ ହରା ହୋଇପଡିଛି। ଦୈନନ୍ଦିନ ଜୀବନରେ ଖାଦ୍ୟ ର ଆବଶ୍ୟକତା ରହିଥିବାବେଳେ ବର୍ତ୍ତମାନ ର ଖାଦ୍ୟ ର ମାନ ମଧ କମିବାକୁ ଲାଗିଲାଣି। ଜନସାଧାରଣ ଙ୍କ ଜୀବନ ଚର୍ଯ୍ୟା ପାଶ୍ଚାତ୍ୟ ସଭ୍ୟତା ର କବଳରେ କବଳିତ ।ତେବେ ଜନସାଧାରଣ ଙ୍କ ସ୍ୱାସ୍ଥ୍ୟ ଓ ସ୍ୱାର୍ଥ କୁ ଦୃଷ୍ଟି ରେ ରଖି କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ସର୍ବଦା ଚେଷ୍ଟିତ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଙ୍କ ଦ୍ୱାରା ବିଭିନ୍ନ ସମୟରେ ଜନସାଧାରଣ ଙ୍କ ସ୍ୱାସ୍ଥ୍ୟ କୁ ଗୁରୁତ୍ୱ ଦେଇ ଅନେକ ପ୍ରୟାସ ଜାରୀ ରଖିଛନ୍ତି। ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନଆରୋଗ୍ୟ ଯୋଜନା ସହିତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ର କାର୍ଡ ପ୍ରଦାନ କରିବା ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ମୋଦି ସରକାର। ଏହି ଆୟୁଷ୍ମାନ ଯୋଜନା ଓଡିଶା ରେ ଥିବା ପୂର୍ବ ସରକାର ଙ୍କ ଦ୍ୱାରା ଲାଗୁ କରାଯାଇନଥିଲା। ବିଜୁ ସ୍ୱାସ୍ଥ୍ୟ କାର୍ଡ ବଳବତର ଥିଲାୟ ମାତ୍ର ବର୍ତ୍ତମାନ ଓଡିଶା ରେ ମୋହନ ସରକାର ଏହି ଯୋଜନା କୁ ଏପ୍ରିଲ ୧୧ ତାରିଖରୁ ଲାଗୁ କରିବାକୁ ଯାଉଛନ୍ତି। ଯଦ୍ୱାରା ଓଡିଶା ରେ ପ୍ରାୟ ୩.୫ କୋଟିରୁ ଉର୍ଦ୍ଧ ପଛୁଆ ଲୋକ ଉପକୃତ ହୋଇପାରିବେ। ଯାହା ଫଳରେ ଜନସାଧାରଣ ଅନେକ ଲାଭବାନ ହେବେୟ ସୂଚନା ଯୋଗ୍ୟ ଯେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡ ବନମାଳୀ ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସନ୍ଦିପ ସ୍ୱାଇଁ , ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର କବି, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ତୁଷାର ରଞ୍ଜନ ସାହୁ, ବି ପି ଓ ପ୍ରିୟ ରଞ୍ଜନ ସାହୁଙ୍କ ଉପସ୍ଥିତି ରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## କଟକ ବ୍ଲଡ଼ ବ୍ୟାଙ୍କ କୁ ଇଫକୋ ର ଇ-ବାଇକ ଓ ଚେୟାର ସହାୟତା



ପାରାଦୀପ (ମହାଭାରତ): କଟକ ସ୍ଥିତ ସେଣ୍ଟ୍ରାଲ ରେଡ କ୍ରସ ବ୍ଲଡ଼ ସେ□ର ରେ ରୋଗୀ ମାନଙ୍କ ଯାତାୟାତ ଓ ବିଶ୍ରାମ ନେବା ସମସ୍ୟା କୁ ଦୃଷ୍ଟିରେ ରଖି ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ଗୋଟିଏ ଇ-ବାଇକ ଓ ୨ ଶହ ଟି ଚେୟାର ସର୍ବମୋଟ ୧୫ ଲକ୍ଷ ଟଙ୍କାର ସାମଗ୍ରୀ ସହାୟତା କରାଯାଇଛି । ଏହି ଅବସରରେ ସେଣ୍ଟ୍ରାଲ ରେଡ କ୍ରସ ସେଣ୍ଟର ପରିସରରେ ମଙ୍ଗଳବାର ଦିନ କଟକ ର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଫକୋ ଦ୍ୱାରା ଅନୁଦାନପ୍ରାପ୍ତ ଏହି ସାମଗ୍ରୀ ଗୁଡିକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଡ଼କ୍ରସ ନିର୍ଦ୍ଦେଶକ ଡା.ଚନ୍ଦ୍ରିକା ପ୍ରସାଦ ଦାସ ଏବଂ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ତ କୁମାର ବେଉରା ଉପସ୍ଥିତ ଥିଲେ ।ଏହି ଅବସରରେ ୧କ୍ବ୍ଟ ୟୁନିଟ ରକ୍ତ ଦାନ କରିଥିବା ଦୀପକ କୁମାର ଚୌଧୁରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅନୁଦାନ ପ୍ରାପ୍ତ ଇ-ବାଇକ ରେ ଦୁରାନ୍ତ ସ୍ଥାନକୁ ରକ୍ତ ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ରେ ବ୍ୟବହାର କରାଯିବା ସହ ରକ୍ତହୀନତା ରୋଗୀ ଓ ରକ୍ତଦାତା ଙ୍କ ବିଶ୍ରାମ ପାଇଁ ଏହି ଚେୟାର ବ୍ୟବହାର ହେବ। ସୂଚନାଥାଉକି, କଟକ ଶ୍ରୀରାମ ଚନ୍ଦ୍ର ମେଡିକାଲ କଲେଜ ଓ ହସ୍ପିଟାଲ ଏକ କିଲୋମିଟର ତାର ନୂତନ ଗୃହକୁ ସ୍ଥାନାନ୍ତର ହେବା ପରେ ସେଠାରେ ଆନୁସଙ୍ଗିକ ବ୍ୟବସ୍ଥା ର ଅଭାବ କୁ ଉପଲବ୍ଧି କରି ଇଫକୋ ତୁରନ୍ତ ଏହି ସହାୟତା ପ୍ରଦାନ କରିଥିଲା । ଏତଦବ୍ୟତୀତ ବିଭିନ୍ନ ଧର୍ମାନୁଷ୍ଠାନ ରେ ଭକ୍ତ ମାନଙ୍କ ସୁବିଧା, ବୃଦ୍ଧାଶ୍ରମ ଓ ଗୋ ଆଶ୍ରମ କୁ ସହଯୋଗ,ପରିବେଶ ସୁରକ୍ଷା ନିମି□ ବ୍ୟାପକ ବୃକ୍ଷ ରୋପଣ, ପାରିପାର୍ଶ୍ୱିକ ଉନ୍ନୟନ ସମେତ ଦୈବୀଦୁର୍ବିପାକ ସମୟରେ ଇଫକୋ ର ସହାୟତା ଓ ସହଯୋଗ ଅନ୍ୟ ଶିଳ୍ପ ସଂସ୍ଥା ପାଇଁ ଉଦାହରଣ ସୃଷ୍ଟି କରିଛି । ତେବେ ଇଫକୋ ର ସହାୟତା ଓ ମନଭାବ କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛ।

## ରକ୍ତଦାନ ଶିବିର ଆୟୋଜିତ

କଳାହାଣ୍ଡି/ମହାଭାରତ : ଓଡ଼ିଆ ପକ୍ଷ ପାଳନ ଅବସରରେ ମା ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ୍ ରିବନ କ୍ଲବ୍ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇ ଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଉକ୍ତ ଶିବିରକୁ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଦ୍ଦ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିନତୀ ଲତା ରାଉତ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାର ରଞ୍ଜନ ପଣ୍ଡା, ଉପ କୁଳସଚିବ ଡ. ଜୟଦେବ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ୍ , ଭବାନୀପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଭବାନୀପାଟଣା ପଞ୍ଚାୟତ ସମିତି ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ , ସମାଜ ସେବୀ ଆର୍ତ୍ତତ୍ରାଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ. ରଜନୀ କାନ୍ତ ଜେନା , କ୍ୟାପଟେନ ଭବାନୀ ଶଙ୍କର ପଣ୍ଡା, ସୁଧୀର କୁମାର ପଣ୍ଡା, ବିଶ୍ୱ ରଞ୍ଜନ ବେହେରା, ଚନ୍ଦ୍ରଚୁଡ ବେହେରା, ରାଇ ମୋହନ ମାଝୀ, ଅଭିଜିତ ପାଟଯୋଷି, କୁମାର ମ୍ୟନ ସାହୁ, ଜେ. ଏସ୍ . ଅମ□ୟ ବଣିଆ ପ୍ରମୁଖ ବିଭିନ୍ନ ମହାବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ମାନେ ସକ୍ରିୟ ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିରକୁ ବିଶ୍ୱ ବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ତଥା ଜିଲ୍ଲା ଆବାହକ ସମ୍ପାଦକ ସଞ୍ଜୀବ କୁମାର ସାହୁ ସଂଯୋଜନା କରିଥିଲେ ଓ ବିଶ୍ୱ ବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ୍ ରିବନ୍ କ୍ଲବ୍ ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀମାନେ ପରିଚାଳନା କରିଥିଲେ। ଭବାନୀପାଟଣାସ୍ଥିତ ଓଡ଼ିଶା ରକ୍ତ କେନ୍ଦ୍ର ଅଧିକାରୀ ଡା . ବିଭେନ୍ଦୁ କୁମାର ବଳ ତଥା ରକ୍ତ କେନ୍ଦ୍ରର ସହକାରୀ କୃଷ୍ଣଚନ୍ଦ୍ର ସାହୁ, ଗିରିଶ ନାଏକ, ସଞ୍ଜୀବ ମହାକୁଡ଼, ଅଜିତ ନାଏକ ପ୍ରମୁଖଙ୍କ ସହାୟତାରେ ମୋଟ ୭୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଆସିକା ସଂସଦୀୟ କ୍ଷେତ୍ରର ମନ୍ଦିର ଓ ଐତିହ୍ୟ ସ୍ଥାନ କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ସାଂସଦଙ୍କ ଦାବୀ



ଆସିକା (ମହାଭାରତ): ଆସିକା ସଂସଦୀୟ କ୍ଷେତ୍ର ଅଧିନସ୍ଥ ବିଭିନ୍ନ ପୁରାତନ ମନ୍ଦିର ଓ ଐତିହ୍ୟ ସ୍ଥଳୀ କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ସଂସଦ ରେ ଦାବୀ କରିଛନ୍ତି ଆସିକା ସାଂସଦ ଅନିତା ଶୁଭଦର୍ଶନି ପଟନାୟକ । ଗତକାଲି ଲୋକ ସଭାରେ ଏକ ପ୍ରଶ୍ନ ର ଉତ୍ତର ରେ ଆସିକା ସାଂସଦ ଦିଲ୍ଲୀ ଦରବାର ରେ ପ୍ରଶ୍ନ ଉଥାପନ କରି ଧରାକୋଟ ର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର, ଖଲ୍ଲିକୋଟ ଜଗନ୍ନାଥ ମନ୍ଦିର, ପୋଲସରା ର ମାରଦା ମନ୍ଦିର, ନିର୍ମଳ ଝର ଆଦି ସ୍ଥାନନକୁ ଦୈନିଦିନ ହଜାର ହଜାର ପର୍ଯ୍ୟଟକ ବୁଲିବା ପାଇଁ ଆସୁଛନ୍ତି । ଏଥି ସହିତ ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀ ଅଧିନରେ ରେ ଆହୁରି ଅନେକ ପର୍ଯ୍ୟଟନ ସ୍ଥଳ ରହିଛି ।କିନ୍ତୁ ସେଗୁଡ଼ିକର ପାରିପାର୍ଶ୍ୱିକ ଉନ୍ନତି ହୋଇନଥିବାରୁ ପର୍ଯ୍ୟଟକ ମାନେ ନିରାଶ ହେଉଛନ୍ତି । ମାନ୍ୟବର ମନ୍ତ୍ରୀ ଆସିକା ସଂସଦୀୟ କ୍ଷେତ୍ର କୁ ପର୍ଯ୍ୟଟନ କ୍ଷେତ୍ରରେ ଅଧିକରୁ ଅଧିକ ଗୁରୁତ୍ୱ ଦେବାକୁ ଦାବୀ କରିଥିଲେ । କାରଣ ବାହ୍ୟ ଶତ୍ରୁ ଆକ୍ରମଣ ରୁ ଶ୍ରୀମନ୍ଦିର ରେ ବିରାଜିତ ତିନି ଠାକୁର ଙ୍କୁ ସେବକ ମାନେ ପୋଲସରା ନିକଟସ୍ଥ ମାରଦା ଠାରେ ଲୁଚାଇ ରଖିଥିଲେ। ଆଜି ସେହି ଐତିହାସିକ ସ୍ମାରକୀ ଶ୍ରୀହୀନ ହୋଇ ପଡିଛି । ସେହିପରି ଖଲିକୋଟ ରାଜବଂଶର ଐତିହ୍ୟ ନିର୍ମଳଝରର ପର୍ଯ୍ୟଟକ ମାନଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲେ ମଧ୍ୟ ଏହାର ଭିତ୍ତି ଭୂମିର ବିକାଶ ଆଶା ଅନୁରୂପ ହୋଇପାରି ନାହିଁୟ ଧରାକୋଟ ଗଡର ପ୍ରସିଦ୍ଧ ଓ ତିନି ଶହ ବର୍ଷ ପୁରୁଣା ଜଗନ୍ନାଥ ମନ୍ଦିର ସମଗ୍ର ଭାରତ ବର୍ଷରେ ରହିଥିବା ନଅ ଗୋଟି ବିମାନ ଶୈଳୀର ମନ୍ଦିର ମଧ୍ୟରୁ ଗୋଟିଏ । କିନ୍ତୁ ପର୍ଯ୍ୟଟନ ବିଭାଗ ର ଦୃଷ୍ଟି ଆଢୁଆଳରେ ଏହି ମନ୍ଦିର ରହି ଯାଇଛି । ଏହିସବୁ ମନ୍ଦିର ଓ ଐତିହାସିକ ସ୍ମାରକୀ ଗୁଡ଼ିକର ବିକାଶ ପର୍ଯ୍ୟଟନ ବିଭାଗ ତରଫରୁ କରାଯିବା ପାଇଁ ଆସିକା ସାଂସଦ ଦୃଢ଼ ଦାବି ଉପସ୍ଥାପ ନ କରିଥିବାରୁ ଲୋକସଭା କ୍ଷେତ୍ରର ଲୋକଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି ।

## ସ୍ୱାସ୍ଥ୍ୟକେନ୍ଦ୍ରକୁ ମନଇଚ୍ଛା ଆସୁଛନ୍ତି ଡାକ୍ତର, କର୍ମଚାରୀ

# ପ୍ରତି ସ୍ୱାସ୍ଥ୍ୟକେନ୍ଦ୍ରରେ ସିସିଟିଭି, ବାୟୋମେଟ୍ରିକ ଲଗାଇବାକୁ ଦାବି

ନୂଆଗାଁ, ( ମହାଭାରତ ) : ନୂଆଗାଁ ବ୍ଲକର ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଡିମିରିପଲ୍ଲୀ, ନୂଆଗାଁ, ଜଗନ୍ନାଥପ୍ରସାଦ ଓ ବାହାଡ଼ାଝୋଲା ଭଳି ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏଠାରେ ଅନେକ ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଏବଂ ଅନ୍ୟ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଦୈନିକ ଶହ ଶହ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ଉପରେ ନିର୍ଭର କରନ୍ତ। ହେଲେ ଏଠାରେ କାର୍ଯ୍ୟରତ କିଛି ହାତଗଣତି ଡାକ୍ତର ଓ କର୍ମଚାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଠିକ୍ ସମୟରେ ଆସୁନାହାନ୍ତି, ଆସିଲେ ବି ଡାକ୍ତରଖାନାରେ ରହୁନାହାନ୍ତି। ଏ ବାବଦରେ ଜନସାଧାରଣ ଙ୍କ ଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତେ ଅବଗତ ଅଛନ୍ତି। ଦାୟିତ୍ୱ ଖିଲାପକାରୀଙ୍କ ଉପରେ ନଜର ରଖିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ସଠିକ୍ ସମୟରେ ଉପସ୍ଥିତ ରହି ରୋଗୀମାନଙ୍କୁ ସେବା ଯୋଗାଇ ଦେବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ବାରମ୍ବାର ଜଣାଉଛନ୍ତି। ହେଲେ ପରିତାପର ବିଷୟ ସେମାନେ କିଛି କୁଜିନେତାଙ୍କୁ ହାତବାରିସି କରି ଡାକ୍ତର ଓ କର୍ମଚାରୀଙ୍କ ଉପରୁ ନଜର ହଟାଇବା ପାଇଁ ନିର୍ବାଚିତ ଜନପ୍ରତିନିଧିଙ୍କ ଉପରେ ଚାପ ପକାଉଛନ୍ତି। ଡାକ୍ତର ମାନଙ୍କ ଗତିବିଧିକୁ ଲକ୍ଷ୍ୟ କରି ନୂଆଗାଁ ଅଞ୍ଚଳରେ ଦିନକୁ ଦିନ କ୍ୱାକ୍ମାନଙ୍କର ପ୍ରାଦୁର୍ଭାବ ବଢ଼ିଚାଲିଛି। କେଉଁ ଅଞ୍ଚଳରେ କେଉଁ କ୍ବାକ୍ ସକ୍ରିୟ ଅଛନ୍ତି ସେମାନଙ୍କର ଡାଟା ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପାଖରେ ରହିଛି। ହେଲେ ଧରାପଡ଼ିବା ଭୟରେ ଉଭୟ ନିଜ ଗୁମର ଫିଟାଉନାହାନ୍ତି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ନିମନ୍ତେ ବାୟୋମେଟ୍ରିକ ଓ ସିସିଟିଭି ଲଗାଇବା ପାଇଁ ସାଧାରଣରେ ଦାବି ହୋଇଛି। ଯାହାଫଳରେ ଘରେ ବସି ଉପସ୍ଥାନ





ପକାଉଥିବା କର୍ମଚାରୀ ମାନେ ଧରାପଡ଼ିଯିବେ। ତେବେ କେଉଁ ଡାକ୍ତର ଓ କର୍ମଚାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଆସି ଉପସ୍ଥାନ ପକାଉଛନ୍ତି, ସେମାନଙ୍କୁ ଚିହ୍ନଟ କରାଯିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନଜରକୁ ଅଣାଯାଇଛି ଏବଂ ଦାୟିତ୍ୱରେ ଖିଲାପ କରୁଥିବା ନେଇ ମଧ୍ୟ ସେମାନଙ୍କୁ ତାଗିଦ୍ କରାଯାଇଛି। ଯଦି ଆଗାମୀ ଦିନରେ ସେପରି ଘଟେ ତେବେ ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୂଆଗାଁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ କହିଛନ୍ତି । ଏ ବାବଦରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଦୁର୍ବୃତ୍ତ ଆକ୍ରମଣ କରିବା ପରଠାରୁ ସେଠାରେ ସିସିଟିଭି ଲଗାଯାଇଛି। ବାକି ଯେଉଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସିସିଟିଭି ଲାଗିନାହିଁ, ସେଠାରେ ଜନଆରୋଗ୍ୟ ସମିତି ପାଣ୍ଠିରୁ ଲଗାଇପାରିବେ, ଯେହେତୁ ଲାଗି ନାହିଁ ସେ ଦିଗରେ ଆମେ ଦୃଷ୍ଟି ଦେବୁ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

## ଆସିକା ବାଲିଛାଇ ରେ ବହୁ ବିବାଦୀୟ ଅସବର୍ଣ୍ଣଙ୍କ ଜାଗା ଚିହ୍ନଟ କଲା ପ୍ରଶାସନ



ଆସିକା(ମହାଭାରତ): ଦିର୍ଘ ୨୫ ବର୍ଷ ପରେ ଆସିକା ବ୍ଲକ ବାଲିଛାଇ ସବର୍ଣ୍ଣ ଓ ଅସବର୍ଣ୍ଣ ବିବାଦ ଘଟଣାରେ ଆଜି ପୂର୍ଣ୍ଣଛେଦ ପଡିଛି । ଆଜି ଆସିକା ତହସିଲଦାର ତଥା ଏଗଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପ୍ରାୟ ୫୦ ଜଣ ବିତାଡିତ ଅସବର୍ଣ୍ଣ ପରିବାର ଲୋକଙ୍କ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ବେଳେ ଆସିକାକ ତହସିଲଦାର ତଥା ଏଗଜିକ୍ୟୁଟିଭ ମାଜିଷ୍ଟ୍ରେଟ ସଙ୍ଗୀତା ସେଣ, ଆସିକା ବିଡିଓ ଲିପିନା ଦାସ, ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ଆସିକା ଥାନା ଅଧିକାରୀ କୁଳମଣି ସେଠି, କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀ, ଆସିକା ମହିଳା ଥାନା ଅଧିକାରିଣୀ ଅମ୍ବିକା ବେଣିଆ ସାଙ୍ଗକୁ ଆସିକା ତହସିଲ ରେଭେନ୍ୟୁ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ, ଅମିନ ସମେତ ବିତାଡିତ ଅସବର୍ଣ୍ଣ ଗୋଷ୍ଠିର ପରିବାର ଲୋକେ ଉପସ୍ଥିତ ଥିଲେ । ଗତ ଫେବୃୟାରୀ ୨୪ ତାରିଖ ଦିନ ପ୍ରଶାସନ ପକ୍ଷରୁ ବାଲିଛାଇ ଗ୍ରାମରେ ଜାଗା ଚିହ୍ନଟ ପାଇଁ ପହଁଚି ଥିଲେ। କିନ୍ତୁ ଗ୍ରାମର ସବର୍ଣ୍ଣ ଲୋକେ ଏହାକୁ ସମର୍ଥନ କରିନଥିଲେ । ସ୍ଥାନୀୟ ପ୍ରଶାସନ, ପୋଲିସ ପ୍ରଶାସନ ପକ୍ଷରୁ ଅନେକ ବୁଝାଇଥିଲେ । ସେତେବେଳେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଘଟଂ ବଜାଇ ପ୍ରଶାସନିକ ଅଧିକାରୀଙ୍କୁ ଗ୍ରାମରେ ପ୍ରବେଶ କରାଇନଥିଲେ। କିନ୍ତୁ ଆଜି ପ୍ରଶାସନ ଓ ପୋଲିସ ପ୍ରଶାସନ ଉଦ୍ୟମରେ ବାଲିଛାଇ ଗାଁରେ ପ୍ରାୟ ୫୦ ଅସବର୍ଣ୍ଣ ପରିବାର ନିଜ ଜନ୍ମ ମାଟିରେ ପହଁଚିଛନ୍ତି । ନିଜ ଭିଟାମାଟି ପାଇଁ ଖୁବ ଆନନ୍ଦ ପାଇଥିବା ପ୍ରତିକ୍ରିୟା ରଖିଛନ୍ତି । ସେପଟେ ପ୍ରଶାସନ ଗାଁରେ ଶାନ୍ତି ପ୍ରତିଷ୍ଠା ପାଇଁ କଡା ପ୍ରହରା ରଖିବା ସହିତ ଲୋକଙ୍କ ସମସ୍ତ ସୁବିଧା ଅସୁବିଧାକୁ ବୁଝିବା ନେଇ ପ୍ରତିଶୃତି ରଖିଥିଲେ ।

## ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଅଣ୍ଡର୧୫ଫୁଟବଲ ଚମ୍ପିଅନସିପ ଶୁଭ ଉଦ୍ଘାଟନ



ଦେବଗଡ଼(ମହା ଭାରତ):ଆଜି ଜ଼ିଲ୍ଲା କ୍ରୀଡା ସଂଘ ଓ ଜ଼ିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିଅମ ଠାରେ ଅପରାହ୍ନ ୪ ଘଟିକା ସମୟରେ ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୭ ଏପ୍ରିଲ ଠାରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଆଜି ଶୁଭ ଉଦଘାଟନ ରେ ମୁଖ୍ୟ ଅତିଥି ଭାବେ ସାଂସଦ ଙ୍କ ନମିନୀ ଅରୁଣ ସାହୁ, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜ଼ିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ ଜ଼ିଲ୍ଲାପାଳ ପରକ୍ଷିତ ସାହୁ, ଜ଼ିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ମହାନ୍ତ, ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଉପ ସଭାପତି ଜ଼ିଲ୍ଲା କ୍ରୀଡା ସଂଘ ଭୁବନେଶ୍ୱର ପ୍ରଧାନ, ସହକାରୀ ଜ଼ିଲ୍ଲାପାଳ ଈଶ୍ୱର ଗୁରୁ, ହେମନ୍ତ ସିଂ ପ୍ରମୁଖ ଯୋଗଦେଇ ଅଣ୍ଡର ୧୫ ଫୁଟବଲ ଚମ୍ପିୟାନସିଫ ର ଶୁଭ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚ ମନରମା କ୍ଲବ ଦେବଗଡ଼ ବନାମ ମହାଲକ୍ଷ୍ମୀ କ୍ଲବ କୁରଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲ। ମ୍ୟାଚ କୁ ରେଫରି ଭାବେ ମୁକୁନ୍ଦ ବେହେରା, ସୌରଭ କୁମାର ନାୟକ, ଆଲୋକ ବେହେରା, ଭୂପେନ ନାୟକ ପରିଚାଳନା କରିଥିଲେ ।ୟ ଏହି ମ୍ୟାଚ ରେ ମନରମା କ୍ଲବ ୫-୦ ଗୋଲ ରେ ମହାଲକ୍ଷ୍ମୀ କ୍ଲବ କୁ ପରାସ୍ତ କରି ବିଜୟ ହୋଇଛି । ଆସନ୍ତା କାଲି ନେତାଜୀ କ୍ଲବ ସୁଗୁଡା ବନାମ ରାଧାକୃଷ୍ଣ କ୍ଲବ ଝରୋକଣ୍ଡଳ ମଧ୍ୟରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମ କୁ ଜ଼ିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ ନାୟକ ସଂଯୋଜନା କରିଥିଲେ ।

## କିସ୍ତି ଟଙ୍କା ମାଗିବାରୁ ଶାବଳରେ ଆକ୍ରମଣ, ଜଣେ ଗୁରୁତର



ଆସିକା (ମହାଭାରତ)ଗଞ୍ଜାମ ଜିଲ୍ଲା କୋଟିନଡା ଥାନା ବାବନପୁର ଡେନିସ ସେ□ର ନିକଟ ହରିଜନ ସାହିରେ ଗ୍ରୁପ ଲୋନ କିସ୍ତି ଟଙ୍କା ମାଗିବାରୁ ଜଣେ ବ୍ୟକ୍ତିକୁ ଶାବଳ ରେ ହୋଇଛି ଆକ୍ରମଣ ।ଆକ୍ରମଣ ରେ ଜଗନ୍ନାଥ ନାହାକ ନାମକ ବ୍ୟକ୍ତି ଗୁରୁତର ହୋଇଛନ୍ତି । ପ୍ରକାଶ ଥାଉକି ଗୁରୁତର ଜଗନ୍ନାଥଙ୍କ ସ୍ତ୍ରୀ, ମା ଓ ଭଉଣୀ ପ୍ରତ୍ୟେକ ଲେଖାଏଁ ୩୫ ହଜାର ଲେଖାଏ ଗୋଟିଏ ଘରୋଇ ସଂସ୍ଥାରୁ ଲୋନ ଆଣି ଜଣେ ବ୍ୟକ୍ତି କୁ ଦେଇଥିଲେ । ପ୍ରତ୍ୟେକ ମାସରେ କିସ୍ତି ଟଙ୍କା ସେହି ବ୍ୟକ୍ତି ପୈଠ ଲାଗି ସ୍ଥିର ହୋଇଥିବା ବେଳେ ଆଜି କିସ୍ତି ଟଙ୍କା ପୈଠ ତାରିଖ ରହିଥିଲା । ଜଗନ୍ନାଥ ଙ୍କ ପରିବାର କିସ୍ତି ଟଙ୍କା ମାଗିବାରୁ ଟୁକୁନା ପରିଡା ଓ ତାଙ୍କ ପତ୍ନୀ ଗାଳି ଗୁଲଜ କରିବା ସହ ଗୋଟିଏ ଶାବଳ ରେ ଜଗନ୍ନାଥ ଙ୍କ ମୁହଁ କୁ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇଥିବା ବେଳେ ପରିବାର ଲୋକେ ତାଙ୍କୁ ଚିକିତ୍ସା ଲାଗି ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ । ଏଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥିତ ଏମକେସିଜି ମାଡିକାଲ କୁ ସ୍ଥାନାନ୍ତର କରାଯାଇଛି । ଘଟଣା ନେଇ ଜଗନ୍ନାଥ ଥାନାର ଦ୍ୱାରସ୍ତ ହୋଇଥିବା ସୂଚନା ମିଳିଛି। ପ୍ରକାଶ ଥାଉକି ଉକ୍ତ ଡେନିସ ସେ□ର ଅଞ୍ଚଳ ରେ ଅବାଧରେ ଚୋରା ମଦ ବିକ୍ରି କରିବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଥିବା ବାରମ୍ବାର ଅଭିଯୋଗ ହେଉଛି।

## ବିବାଦୀୟ ଯନ୍ତ୍ରୀଙ୍କୁ କରଞ୍ଜିଆ ଆଇଟିଡିଏକୁ ପୁନଃ ବଦଳି ନେଇ ବଢୁଛି ଅସନ୍ତୋଷ

କରଞ୍ଜିଆ,(ମହାଭାରତ):କରଞ୍ଜିଆ ଆଇଟିଡିଏ ରେ ବହୁ ଚର୍ଚ୍ଚିତ ରବର ଚାରା ରୋପଣରେ ମହାଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବା ଯନ୍ତ୍ରୀଙ୍କୁ ପୁନର୍ବାର କରଞ୍ଜିଆ ଆଇଟିଡିଏକୁ ବଦଳି ନିର୍ଦ୍ଦେଶ ପ୍ରକାଶ ପାଇବା ପରେ ଏଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ବଦଳି ପ୍ରମାଣ ନଷ୍ଟ କରିବା ପାଇଁ ସୁଯୋଗ ନୁହେଁତ ବୋଲି ଚର୍ଚ୍ଚା ହେଉଛି। ଘଟଣାରୁ ପ୍ରକାଶଯେ, କରଞ୍ଜିଆ ଆଇଟିଡିଏ ପକ୍ଷରୁ ହୋଇଥିବା ରବର ଚାରା ରୋପଣ ପ୍ରକଳ୍ପ ନେଇ ଭିଜିଲାନ୍ସ ରିପୋର୍ଟ ଦେବା ଓ ଲୋକାୟୁକ୍ତଙ୍କ ଦ୍ୱାରା ୨ ଜଣ ପ୍ରଶାସନିକ ଅଧିକାରୀଙ୍କ ସମେତ ୫ ଜଣ କନିଷ୍ଠ ଯନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ନେଇ ବାଲେଶ୍ୱର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଚିଠି ଗତ ୧୬/୨/୨୩ରେ ଏଆଇଜିଙ୍କୁ ପ୍ରଦାନ କରାଯାଇଥିଲା ।ଲୋକାୟୁକ୍ତ ମଧ୍ୟ ଏଭଳି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।ବାଲେଶ୍ୱର ଦୁର୍ନୀତି ନିବାରଣ ବିଭାଗ କେଶ ନମ୍ବର ୧୯/୯.୨୧ରେ ଏନେଇ ଏକ ମାମଲା ମଧ୍ୟ ରୁଜୁ କରାଯାଇଥିଲା। ଯାହାକି ଏବେ ବିଚାରଧୀନ ଅଛି ।ସୂଚନାଯୋଗ୍ୟକି,ଭିଜିଲାନ୍ସ ରିପୋର୍ଟ ଅନୁସାରେ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଆଇଟିଡିଏ ତରଫରୁ ୨୪ଟି ରବର ପ୍ରକଳ୍ପ ଯଶିପୁର,ଶୁକ୍ରୁଳି ଓ ଠାକୁରମୁଣ୍ଡା ବ୍ଲକରେ ୨୦୧୩-୧୪ରୁ ୨୦୧୬-୧୭ ଓ ୨୦୧୭-୧୮ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା ।ଆଦିବାସୀ ଜନଜାତିଙ୍କ ଜୀବନ ଜୀବିକାରେ ଏହା ସହାୟକ ହେବ ବୋଲି ଓଡିଶା ସରକାର ଲକ୍ଷ୍ୟ ରଖିଥିଲେୟ କିନ୍ତୁ ପ୍ରକଳ୍ପ ନାମରେ ଅଧିକାରୀ ଓ ଯନ୍ତ୍ରୀ ଲୁଟିନେଲେ ବୋଲି ଅଭିଯୋଗ ଉଠିଥିଲା । ମୋଟ ୭ କୋଟି ୬୩ ଲକ୍ଷ ୫୫ ହଜାର ୩୮୪ ଟଙ୍କା ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ।ଏହି ଦୁର୍ନୀତିରେ ଯେଉଁ ୫ ଜଣ ଯନ୍ତ୍ରୀ ଥିଲେ,ସେମାନଙ୍କ ମଧ୍ୟରେ ସୁରେନ୍ଦ୍ରନାଥ କରଙ୍କ ସମ୍ପୃକ୍ତି ଥିବା ଜଣାପଡିଛି ।କିନ୍ତୁ ଏହି ବିବାଦୀୟ ଯନ୍ତ୍ରୀ ଶ୍ରୀ କରଙ୍କୁ ଓଡିଶା ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗ ଚିଠି ନମ୍ବର ୭୧୩/ ଏସ ଏସ ଡି ୯/ ୧/ ୨୦୨୫ତାରିଖରେ ପୁଣି କରଞ୍ଜିଆ ଆଇଟିଡିଏ କୁ ବଦଳି ଆଦେଶ ପ୍ରକାଶ ପାଇଛି ।ଏପରି ବଦଳି ଆଦେଶ ଦେଖି ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିରୋଧ କରାଯାଇଥିଲା ।ଶାସକଦଳର କିଛି କର୍ମୀ ଏବେବି ଶ୍ରୀ କରଙ୍କୁ ପୁଣି କରଞ୍ଜିଆ ଆଇଟିଡିଏରେ ଯୋଗଦେବା ପାଇଁ ନିଜର ପ୍ରୟାସ ଜାରି ରଖିଛନ୍ତି ବୋଲି ଚର୍ଚ୍ଚା ହେଉଛି । ଶ୍ରୀ କର ଏଠାରେ ପୁଣି କାର୍ଯ୍ୟଭାର ଗ୍ରହଣ କଲେ ଦୁର୍ନୀତିକୁ ଚାପିଦେବା ସହିତ ଫାଇଲପତ୍ର ଗାଏବ ହେବାର ଆଶଙ୍କାକୁ ଏଡାଇ ଦେଇହେବନାହିଁୟ ପୁଣି ଶାସକ ଦଳର କିଛି କର୍ମୀ ତାଙ୍କୁ ଅବସ୍ଥାପିତ କରିବା ପାଇଁ ବଜାର ଘାଟରେ ଖୋଲାଖୋଲି ଆହ୍ୱାନ ମଧ୍ୟ ଦେଉଥିବାର ନଜିର ରହିଛି। ପୁରୁଣା ଜାଗାକୁ ବଦଳି ହୋଇ ଆସିବା ନେଇ ମୁଣ୍ଡ ଟେକିଛି ବିବାଦୟଏପରି ସ୍ଥଳେ ସରକାରଙ୍କ ମଧ୍ୟ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେବାର ଆଶଙ୍କା ଦେଖାଦେଇଛିୟ ବିଭାଗୀୟ ମନ୍ତ୍ରୀଙ୍କୁ ମଧ୍ୟ ଏନେଇ ସ୍ଥାନୀୟ ଲୋକ ଅଭିଯୋଗ ପଠାଇଥିବା ଜଣାପଡିଛି । କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ପୂର୍ବରୁ ପ୍ରଶାସନ ଓ ସରକାର ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ତେବେ ଦେଖି ବାକୁ ବାକି ରହିଲା ସରକାର ଏହି ମହାଦୁର୍ନୀତି ଉପରେ କି ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି ।

## ଦେବଗଡ଼ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼ (ମହା ଭାରତ).:ଦେବଗଡ଼ ଜ଼ିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷ ଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ ଜ଼ିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ୧୫ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୧୦ଟି ବ୍ୟକ୍ତିଗତ ଏବଂ ୫ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ମଧୁବାବୁ ପେନସନ, ପାନୀୟ ଜଳ, ରାଜସ୍ୱ ଗ୍ରାମ, ରିଜେକ୍ଟ ହୋଇଥିବା ସୁଭଦ୍ରା ଯୋଜନା ର ପଞ୍ଜିକରଣ ଉପରେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସ, ଉପ ଜ଼ିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଏଜଲୀନ ବାରା, ସହକାରୀ ଜ଼ିଲ୍ଲାପାଳ ହେମନ୍ତ ସିଂ, ତହସିଲଦାର କର୍ଣ୍ଣ ମଲ୍ଲିକ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୨୫ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ



ଦେବଗଡ଼(ମହା ଭାରତ):ଆଜି ଜ଼ିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ଠାରେ ଜ଼ିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ବିଶ୍ୱମୋହନ ମିଶ୍ର ଙ୍କ ଅଧ୍ୟକ୍ଷତା ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ-୨୦୨୫ ପାଳିତ ହୋଇଯାଇଛି । ଜ଼ିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ମିଶ୍ର ସ୍ୱାସ୍ଥ୍ୟ ଏବଂ ଏହାର ଉପକାରିତା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ରେ ଜ଼ିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜ଼ିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଧନଞ୍ଜୟ ମହାନ୍ତ, ଅତିରିକ୍ତ ଜ଼ିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଯକ୍ଷ୍ମା ପ୍ରଭାତ କୁମାର ଓଝା, ଡ଼ିଏମ ଆର ସି ଏଚ ଜ୍ୟୋତ୍ସ୍ନା ଶର୍ମା, ପୌରପରିଷଦ ର ସମସ୍ତ ଅଙ୍ଗନବାଡି କର୍ମୀ, ନର୍ସ ଓ ଚିକିତ୍ସାଳୟ ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଭାରପ୍ରାପ୍ତ ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ଡାମ ଜ଼ିଲ୍ଲା ଆକାଉ□ ମ୍ୟାନେଜର ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁଖ୍ୟମନ୍ତ୍ରୀ ଇଣ୍ଟେରକ୍ଲବ ଜ଼ିଲ୍ଲା ସ୍ତରୀୟ ଫୁଟବଲ କପ ଟୁର୍ନାମେଣ୍ଟ ଉଦଘାଟିତ

ଉମରକୋଟ (ମହାଭାରତ) ରାଜ୍ୟରେ ପ୍ରଥମ ଥର ପାଇଁ ଆୟୋଜନ ହୋଇଥିବା ୧୫ ବର୍ଷରୁ କମ ଖେଳାଳି ଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଫୁଟବଲ କପ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି ଏହା ୭ ତାରିଖ ସୋମବାର ଠାରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉମରକୋଟ ବିଜୁ ପଟନାୟକ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ ଟୁର୍ନାମେଣ୍ଟ ର ସୁ ପରିଚାଳନା ପାଇଁ ପୂର୍ବରୁ ରାଜ୍ୟ ଫୁଟବଲ ପର୍ଯ୍ୟବେକ୍ଷକ ସୁନୀଲ କୁମାର ମିତ୍ର ପରିଦର୍ଶନ କରିଛନ୍ତି ଏହି ଟୁର୍ନାମେଣ୍ଟ ରେ ୧୩ ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିବା ବେଳେ, ଏହାର ଉଦ୍ଘାଟନ ଉତ୍ସବ ସହ



ଆଜି ଦିନ ୨ ଟା ସମୟ ରେ ଉଦ୍ଘାଟନ ମ୍ୟାଚ ଆରମ୍ଭ ହୋଇଛି ଏହି ଉତ୍ସବ ରେ ଆମ ଅଞ୍ଚଳ ର ମାନ୍ୟବର କ୍ୟାବିନେଟ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଛନ୍ତି । ଏହାଛଡ଼ା ନବରଙ୍ଗପୁର ସାଂସଦ ଶ୍ରୀଯୁକ୍ତ ବଳଭଦ୍ର ମାଝୀ,ନବରଙ୍ଗପୁର ଜ଼ିଲ୍ଲା ଝରୀଗାଁ ବିଧାୟକ ନର୍ସିଙ୍ଗ ଭତ୍ରା ,ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ,ବରିଷ୍ଠ ବିଜେପି ନେତା ରମେଶ କୁମାର ସାହୁ,ପୌର ଅଧକ୍ଷା ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାଶ,ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ,ନବରଙ୍ଗପୁର ଜିଲ୍ଲାପାଳ ଡ଼କ୍ଟର ଶୁଭଙ୍କର ମହାପାତ୍ର,ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ, ଅତିରିକ୍ତ ଜ଼ିଲ୍ଲାପାଳ ତପନକୁମାର ଖୁଣ୍ଟିଆ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜ଼ିଲ୍ଲା କ୍ରୀଡା ଅଧିକାରୀ ସମୀର କୁମାର ପାତ୍ର, ଉମରକୋଟ ତହସିଲଦାର ମଗବାନ ବାଗ, ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ, କ୍ରୀଡା ସଙ୍ଘ ସମ୍ପାଦକ ପ୍ରହଲାଦ ତ୍ରିପାଠୀ ସଭାପତିତ୍ୱ କରିଥିଲେ ସେହିପରି କ୍ରୀଡ଼ାସଙ୍ଘ ଉପସଭାପତି ଏମ. ବାଳକୃଷ୍ଣ ରାଓ, ହକି ସମ୍ପାଦକ ଦୁର୍ଗା ପ୍ରସାଦ ମଲ୍ଲିକ, ଇଣ୍ଡୋର ସମ୍ପାଦକ କୃଷ୍ଣ ପ୍ରସାଦ ପଟନାୟକ, ଜ଼ିଲ୍ଲା ମହିଳା କ୍ରୀଡା ସଂଯୋଜକ ଇଂ. ଚନ୍ଦନା ମଲ୍ଲିକ, କ୍ରୀଡ଼ାସଙ୍ଘ ଯୁଗ୍ମ ସମ୍ପାଦକ ମନୋଜ ପଟନାୟକ, କ୍ରୀଡ଼ାବିତ ଅଶୋକ କୁମାର ସାହୁ ଶଶାଙ୍କ ଶେଖର ବେହେରା, ରବି ସୁନା, ସପନ ବୈରାଗୀ କିଶୋର କୁମାର ସିଲ ଦୁର୍ଯ୍ୟ ହରିଜନ ଏବଂ ଜ଼ିଲ୍ଲା କ୍ରୀଡା ସଙ୍ଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଫୁଟବଲ ପ୍ରତିଯୋଗିତା ର ପରିଚାଳନା କରିଥିଲେ ଏହି ପରିପେକ୍ଷୀରେ ବହୁ ସଂଖ୍ୟା ରେ ଯୋଗଦେଇ ଫୁଟବଲ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ହେବେ ବୋଲି ଜ଼ିଲ୍ଲା କ୍ରୀଡ଼ାସଙ୍ଘ ସମ୍ପାଦକ ପ୍ରହଲାଦ ତ୍ରିପାଠୀ ଅନୁରୋଧ କରଛନ୍ତି ।

# ଦେଶ ପାଇଁ ୟୁସିସି ଆବଶ୍ୟକ

**ବେଙ୍ଗାଲୁରୁ,୮।୪(ଏଜେନ୍ସି):** ଦେଶ ପାଇଁ ସମାନ ନାଗରିକ ସଂହିତା (ୟୁସିସି)ର ଆବଶ୍ୟକତା ରହିଛି । ଯାହାଫଳରେ ସବୁ ନାଗରିକ ବିଶେଷକରି ମହିଳାମାନଙ୍କୁ ସମାନ ଅଧିକାର ମିଳିପାରିବ ବୋଲି କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି । ଏଥିସହ ହାଇକୋର୍ଟ ମିଳିତ ଭାବେ ଏଭଳି ଆଇନ ଆଣିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ବିଚାରପତି ହଞ୍ଚାଟେ ସଞ୍ଜିବ କୁମାରଙ୍କ ଜଣିକିଆ ଖଣ୍ଡପୀଠ ଏକ ପାରିବାରିକ ବିବାଦ ମାମଲାର ଶୁଣାଣି କରିବା ଅବସରରେ ଏହା କହିଛନ୍ତି । ଏହି ମାମଲା ମୁସଲିମ ମହିଳା ଶେହନାଜ ବେଗମ୍‌ଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଜଡିତ । ଯେଉଁଥିରେ ତାଙ୍କ ଭାଇ-ଭଉଣୀ ଓ ସ୍ୱାମୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି । ମାମଲାର ଶୁଣାଣି ବେଳେ ଜଷ୍ଟିସ କୁମାର ମୁସଲିମ ପର୍ସନାଲ ଲ ଉପରେ ପ୍ରଶ୍ନ ଉଠାଇବା ସହ କହିଛନ୍ତି ଏହି ଆଇନ ମହିଳାଙ୍କ ସହ ଭେଦଭାବ କରୁଛି। ହିନ୍ଦୁ ଆଇନରେ ପୁଅଙ୍କ ଭଳି ଝିଅଙ୍କୁ ସମାନ ଜନ୍ମଗତ ଅଧିକାର ଓ ପ୍ରତିଷ୍ଠା ମିଳୁଥିଲା ବେଳେ ମୁସଲିମ୍ ଆଇନରେ ଏହା ନାହିଁ । ତେଣୁ ୟୁସିସି ଦ୍ୱାରା ହିଁ ସମ୍ବିଧାନ ପ୍ରଦତ୍ତ ସମାନତା ଅଧିକାର ସମ୍ଭବ ହୋଇପାରିବ । ଜାତିଗତ ଓ ଧର୍ମଗତ ଆଇନର ଊର୍ଦ୍ଧ୍ୱରେ ୟୁସିସି ଲାଗୁ କରାଯିବା ଫଳରେ ସମ୍ବିଧାନର ଧାରା ୧୪ର ଉଦ୍ଦେଶ୍ୟ ସଫଳ ହେବ । ୟୁସିସି ଆଣି ତାକୁ କାର୍ଯ୍ୟକାରୀ କରାଯିବା ଫଳରେ ମହିଳାଙ୍କୁ ନ୍ୟାୟ ମିଳିବା ସହ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାନତା ଅଧିକାରର ସ୍ୱପ୍ନ ସାକାର ହୋଇପାରିବ । ଜଷ୍ଟିସ କୁମାର ଆହୁରି ମଧ୍ୟ କହିଛନ୍ତି ଯେ ଗୋଆ ଓ ଉତ୍ତରାଖଣ୍ଡରେ ୟୁସିସି ଦିଗରେ ବଡ ପଦକ୍ଷେପ ନିଆଯାଇଛି । କେନ୍ଦ୍ର ସରକାର ଓ ବାକି ସବୁ ରାଜ୍ୟ ମଧ୍ୟ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ । ବ୍ୟବସ୍ଥାପକ ସଭାରେ ୟୁସିସିକୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା । ବ୍ୟବସ୍ଥାପକ ସଭାର କିଛି ସଦସ୍ୟ ଏହାକୁ ବିରୋଧ କରିଥିଲା ବେଳେ ଚିଠା କମିଟିର ଅଧ୍ୟକ୍ଷ ଡକ୍ଟର ବି.ଆର ଆମ୍ବେଦକର ୟୁସିସିକୁ ଦୃ ସମର୍ଥନ କରିଥିଲେ । ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଟି କ୍ରିଷ୍ଣମାଚାରୀ ଓ ମୌଲାନା ହସ୍ରତ ମୋହାନିଙ୍କ ଭଳି ନେତାମାନେ ତାକୁ ସମର୍ଥନ କରିଥିଲେ । ସୁପ୍ରିମକୋର୍ଟ ମଧ୍ୟ ପୂର୍ବରୁ ବିଭିନ୍ନ ମାମଲାର ଶୁଣାଣି ବେଳେ ଦେଶ ପାଇଁ ୟୁସିସିର ଆବଶ୍ୟକତା ଥିବା ଦର୍ଶାଇଥିଲେ ବୋଲି ଜଷ୍ଟିସ କୁମାର କହିଛନ୍ତି ।




# ସାର୍ବଜନୀନ ହେବ ବିଚାରପତିଙ୍କ ସମ୍ପତ୍ତି

**ନୂଆଦିଲ୍ଲୀ,୮।୪(ଏଜେନ୍ସି):** ନିଜର ସବୁ ସମ୍ପତ୍ତିରୁ ସାର୍ବଜନୀନ କରିବେ ସର୍ବୋଚ୍ଚ ନ୍ୟାୟାଳୟର ୩୩ ଜଣ ବିଚାରପତି । ସ୍ୱଚ୍ଛତା ଏବଂ ନ୍ୟାୟପାଳିକା ପ୍ରତି ଉପରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାକୁ ଏଭଳି ନିଷ୍ପତ୍ତି ଏଭଳି ନିଷ୍ପତ୍ତି ନେଇଛନ୍ତି ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟର ସରକାରୀ ୱେବସାଇଟରେ ଅପଲୋଡ୍ କରାଯିବ ସମ୍ପତ୍ତିର ତାଲିକା । ସୁପ୍ରିମକୋର୍ଟର ୩୩ ଜଣ ବିଚାରପତି ସେମାନଙ୍କର ସମ୍ପତ୍ତିର ବିବରଣୀ ସାର୍ବଜନୀନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏପ୍ରିଲ ୧ରେ ଅନୁଷ୍ଠିତ ପୂର୍ଣ୍ଣ-କୋର୍ଟ ବୈଠକରେ, ବିଚାରପତିମାନେ ଭାରତର ମୁଖ୍ୟ ବିଚାରପତିଙ୍କ ନିକଟରେ ସେମାନଙ୍କର ସମ୍ପତ୍ତି ପ୍ରକାଶ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଘୋଷଣାଗୁଡ଼ିକୁ ସୁପ୍ରିମକୋର୍ଟର ସରକାରୀ ୱେବସାଇଟରେ ଅପଲୋଡ୍ କରାଯିବ ବୋଲି ଜଣାପଡ଼ିଛି । ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏହି ସୂଚନା ଖୁବ୍ ଶୀଘ୍ର ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ । ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବରେ କାର୍ଯ୍ୟ କରୁଥିବା ସମୟରେ ଜଷ୍ଟିସ ଯଶୱନ୍ତ ବର୍ମାଙ୍କ ସରକାରୀ ପରିସରରେ ନଗଦ ଆବିଷ୍କାର ହୋଇଥିବା ଅଭିଯୋଗକୁ ନେଇ ବିବାଦ ପରେ ଏହି ନିଷ୍ପତ୍ତି ନିଆଯାଇଛି । କହିରଖୁ କି, ବିଚାରପତିଙ୍କ ସମ୍ପତ୍ତି ଘୋଷଣା ପ୍ରକାଶ କରିବା ପାଇଁ ନିର୍ଦ୍ଦିଷ୍ଟ ପଦ୍ଧତି ଯଥାସମ୍ଭବ ଚୂଡ଼ାନ୍ତ ହେବ । ବର୍ତ୍ତମାନ, ସୁପ୍ରିମକୋର୍ଟର ସମସ୍ତ ବିଚାରପତି ସେମାନଙ୍କର ସମ୍ପତ୍ତି ଘୋଷଣା ଦାଖଲ କରିଛନ୍ତି । ତଥାପି, ଏହି ଘୋଷଣାଗୁଡ଼ିକୁ ସାର୍ବଜନୀନ କରାଯାଇନାହିଁ। ପୂର୍ବରୁ, ୨୬ ଅଗଷ୍ଟ ୨୦୦୯ରେ ସୁପ୍ରିମକୋର୍ଟର ତତ୍କାଳୀନ ବିଚାରପତିମାନେ ସେମାନଙ୍କ ସମ୍ପତ୍ତିର ବିବରଣୀ ସାର୍ବଜନୀନ କରିଥିଲେ । ଏବେ ମଧ୍ୟ ବିଚାରପତିମାନେ ଏ ବିଷୟରେ ମୁଖ୍ୟ ବିଚାରପତିଙ୍କୁ ଅବଗତ କରାନ୍ତି, କିନ୍ତୁ ଏହାକୁ ସାର୍ବଜନୀନ କରାଯାଏ ନାହିଁ ।



# ଜମ୍ମୁ-କଶ୍ମୀର ବିଧାନସଭାରେ ୱାକଫ୍ ବିଲ୍‌କୁ ଜୋରଦାର ବିରୋଧ

**ଶ୍ରୀନଗର,୮।୪(ଏଜେନ୍ସି):** ଜମ୍ମୁ-କଶ୍ମୀର ବିଧାନସଭାରେ ୱାକଫ୍ (ସଂଶୋଧନ) ବିଲ୍‌କୁ ନେଇ ଜୋରଦାର ହଙ୍ଗାମା । ନ୍ୟାସନାଲ କନଫ୍ରେନ୍ସ ସହ ଅନ୍ୟଦଳ ୱାକଫ୍ ଆଇନ ବିରୋଧରେ ପ୍ରସ୍ତାବ ଆଣିବାକୁ ଦାବି କରିଛନ୍ତି । ନ୍ୟାସନାଲ କନଫ୍ରେନ୍ସର ନେତା ତନଭିର ସାଦିକ ଦାବି କରିଛନ୍ତି ଯେ, ୱାକଫ୍ ବିଲ୍ ଉପରେ ମୁଲତବୀ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଉ । କିନ୍ତୁ ବିଜେପି ବିଧାୟକ ଏହାର ବିରୋଧ କରିଥିଲେ ଏହା ଭିତରେ ବିଧାନସଭାରେ ୱାକଫ୍ ବିଲକୁ ନେଇ ହୋଇଥିଲା ଜୋରଦାର ନାରାବାଜି । ଏନ୍ସି ବିଧାୟକ ତନଭିର ସାଦିକ କହିଛନ୍ତି, ପାର୍ଟି ୱାକଫ୍ ଆଇନକୁ ବିରୋଧ କରୁଛି । ଏହି ବିଲ୍ ଉପରେ ଚର୍ଚ୍ଚାକୁ ନେଇ କୌଣସି ସମସ୍ୟା ନାହିଁ। ଆମେ ଏହି ବିଲ୍ ଉପରେ ଚର୍ଚ୍ଚା କରିବାକୁ ଚାହୁଁ । କାରଣ ଜମ୍ମୁ-କଶ୍ମୀର ଏକ ମୁସଲମାନ ରାଜ୍ୟ । ଆମେ ୱାକଫ୍ ସଂଶୋଧନ ବିଲକୁ ବିରୋଧ କରୁଛୁ । ସାଦିକ ୱାକଫ ବିଲ୍ ଉପରେ ଆଲୋଚନା ପାଇଁ ଦାବି କରିଥିଲେ । ନ୍ୟାସନାଲ କନଫରେନ୍ସ ବିଧାୟକମାନେ ବିଧାନସଭାର ବେଲ୍ ନିକଟରେ ପହଞ୍ଚି ନାରାବାଜି କରିଥିଲେ। ସେପଟେ ନିଜ ନିଜ ଆସନରେ ବସିଥିବା ବିଜେପି ବିଧାୟକମାନେ ଟେବୁଲ ବାଡ଼େଇ ବାଚସ୍ପତିଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଥିଲେ । ତେବେ ନ୍ୟାସନାଲ କନଫରେନ୍ସ ବିଧାୟକମାନେ 'ୱାକଫ ବିଲ୍ ପ୍ରତ୍ୟାଖ୍ୟାନ କର, ୱାକଫ ବିଲ୍ ପ୍ରତ୍ୟାଖ୍ୟାନ କର' ସ୍ଲୋଗାନ ଦେଇଥିଲେ । ଏହି ସମୟରେ ନ୍ୟାସନାଲ କନଫରେନ୍ସର ବିଧାୟକ ହିଲାଲ ଲୋନ ଏବଂ ସଲମାନ ସାଗର ୱାକଫ ବିଲର କପି ଚିରି ଦେଇଥିଲେ । ନ୍ୟାସନାଲ କନଫରେନ୍ସ ବିଧାୟକମାନେ ୱାକଫ ବିଲ୍ ଉପରେ ସେମାନଙ୍କର ପ୍ରସ୍ତାବ ଗୃହରେ ଆଣିବାକୁ ଜିଦ୍ ଧରିଥିଲେ । ଏହା ଉପରେ ବିଜେପି ସଦସ୍ୟମାନେ ମଧ୍ୟ ନିଜ ଆସନରୁ ଠିଆ ହୋଇ ହୋହଲ୍ଲା କରିବାକୁ ଲାଗିଲେ । ହାତରେ କାଗଜପତ୍ର ଏବଂ ପୁସ୍ତକ ହଲାଇ ସେ ବାଚସ୍ପତିଙ୍କୁ କହିଥିଲେ ଯେ ଏହା ପ୍ରଶ୍ନକାଳ, ଆପଣ ଅନ୍ୟ ବିଷୟଗୁଡ଼ିକ ଉପରେ ଆଲୋଚନାକୁ କିପରି ଅନୁମତି ଦେଇପାରିବେ । ବାଚସ୍ପତି କହିଥିଲେ, ଆପଣ ସମସ୍ତେ ଶାନ୍ତ ହୋଇ ବସନ୍ତୁ, ମୁଁ ଜାଣିଛି ମୋତେ କ'ଣ କରିବାକୁ ପଡିବ, କିନ୍ତୁ ହଙ୍ଗାମା କମିଲା ନାହିଁ । ଶବ୍ଦ ମଧ୍ୟରେ, ତନବୀର ସାଦିକ ଏବଂ ସୁନୀଲ ଶର୍ମା ପରସ୍ପରକୁ କିଛି କହୁଥିବାର ଶୁଣାଗଲା । ବାଚସ୍ପତି ଅବଦୁଲ ରହିମ ରାଥର ଗୃହକୁ ୧୫ ମିନିଟ୍ ପାଇଁ ମୁଲତବୀ ରଖିଥିଲେ।



# ମହଙ୍ଗା ହେବ ମାରୁତି ଗାଡ଼ି

**ନୂଆଦିଲ୍ଲୀ,୮।୪(ଏଜେନ୍ସି):** ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚକୁ ନଜର ରଖି କାର୍ ନିର୍ମାତା ମାରୁତି ସୁଜୁକି ଏହାର ବିଭିନ୍ନ ମଡେଲ୍ ଦରରେ ବୃଦ୍ଧି ଘୋଷଣା କରିଛି । ଏପ୍ରିଲ ୮ରୁ କାରଗୁଡ଼ିକର ଦର ବଢ଼ିବ । ମାର୍ଚ୍ଚ ୧୭ରେ କମ୍ପାନୀ ଘୋଷଣା କରିଥିଲା ଯେ, ୨୦୨୫ ଏପ୍ରିଲରୁ ଏହାର ଗାଡ଼ିଗୁଡ଼ିକର ଦର ୪% ପର୍ଯ୍ୟନ୍ତ ମହଙ୍ଗା ହେବ ।



ଚଳିତବର୍ଷ ଜାନୁଆରୀରେ ବି କମ୍ପାନୀ ସମାନ ମାତ୍ରାରେ ବୃଦ୍ଧିକୁ ଲାଗୁ କରିଥିଲା। ଫେବୃଆରୀରେ ମଧ୍ୟ କମ୍ପାନୀ ଏହାର ନିର୍ଦ୍ଦିଷ୍ଟ ମଡେଲ ଦରରେ ୧୫୦୦ରୁ ୩୨,୫୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଥିଲା । ବର୍ତ୍ତମାନର ଏହି ବୃଦ୍ଧି ଫଳରେ ମାରୁତି ସୁଜୁକି ଗ୍ରାଣ୍ଡ ଭିଟାରା ସବୁଠାରୁ ଅଧିକ ୬୨,୦୦୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହେବ । ଇକୋ ୨୨,୫୦୦ ଟଙ୍କା ପର୍ଯ୍ୟନ୍ତ, ୱାଗନ୍- ଆର୍ ୧୪,୦୦୦ ଟଙ୍କା ପର୍ଯ୍ୟନ୍ତ, ଆର୍ଟିଗା ୧୨,୫୦୦ ଟଙ୍କା ପର୍ଯ୍ୟନ୍ତ, ଏକ୍ସଏଲ୬ ୧୨,୫୦୦ ଟଙ୍କା ପର୍ଯ୍ୟନ୍ତ, ଡିଜାୟାର୍ ଟୁର୍ ଏସ୍ ୩,୦୦୦ ଟଙ୍କା ପର୍ଯ୍ୟନ୍ତ ଏବଂ ଫ୍ରଙ୍କ୍ସ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହେବ ।

# ଦେଶରେ ୨୨ ଲକ୍ଷ ଡ୍ରାଇଭରଙ୍କ ଅଭାବ

**ନୂଆଦିଲ୍ଲୀ,୮।୪(ଏଜେନ୍ସି):** କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ, ଦେଶରେ ୨୨ ଲକ୍ଷ ଦକ୍ଷ ଡ୍ରାଇଭରଙ୍କ ଅଭାବ ରହିଛି । ଗୁରୁବାର ଦିନ ସେ, ଲୋକସଭାରେ କହିଥିଲେ ଯେ, ଉପଯୁକ୍ତ ତାଲିମ ସୁବିଧା ଅଭାବରୁ ଅନେକ ଦୁର୍ଘଟଣା ଘଟୁଛି । ପ୍ରଶ୍ନକାଳରେ ଗଡକରୀ କହିଥିଲେ, କେନ୍ଦ୍ର ସରକାର ଡ୍ରାଇଭରମାନଙ୍କ ପାଇଁ ତାଲିମ ପ୍ରତିଷ୍ଠାନ ସ୍ଥାପନ କରିବା ପାଇଁ୪୫୦୦ କୋଟି ଟଙ୍କାର ଏକ ଯୋଜନା ଆରମ୍ଭ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଭାରତରେ ୨୨ ଲକ୍ଷ ଡ୍ରାଇଭରଙ୍କ ଅଭାବ ରହିଛି । ଦେଶରେ ଉପଯୁକ୍ତ ଡ୍ରାଇଭିଂ ତାଲିମ ସୁବିଧାର ମଧ୍ୟ ଅଭାବ ଅଛି, ଯାହା ଫଳରେ ଅନେକ ଦୁର୍ଘଟଣା ଏବଂ ମୃତ୍ୟୁ ଘଟୁଛି । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସାରା ଦେଶରେ ଡ୍ରାଇଭିଂ ତାଲିମ ପ୍ରତିଷ୍ଠାନ ସ୍ଥାପନ କରିବା ପାଇଁ ଏକ ଯୋଜନା ଆରମ୍ଭ କରିଛି । ଯାହା ଅନ୍ତର୍ଗତ ପର୍ଯ୍ୟାୟକ୍ରମେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତିଷ୍ଠାନ ସ୍ଥାପନ କରାଯିବ । କ୍ଲଷ୍ଟର ପଦ୍ଧତି ସମେତ ଇନଷ୍ଟିଚ୍ୟୁଟ୍ ଅଫ୍ ଡ୍ରାଇଭିଂ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଅଇଡିଟିଆର), ଆଞ୍ଚଳିକ ଡ୍ରାଇଭିଂ ତାଲିମ କେନ୍ଦ୍ର (ଆରଡିଟିସି) ଏବଂ ଡ୍ରାଇଭିଂ ତାଲିମ କେନ୍ଦ୍ର (ଡିଟିସି) ସ୍ଥାପନ ପାଇଁ ଉପଯୁକ୍ତ ପ୍ରସ୍ତାବ ପଠାଇବାକୁ ଅନୁରୋଧ କରାଯାଇଛି । ମନ୍ତ୍ରୀ କହିଛନ୍ତି ଯେ, ପ୍ରତିବର୍ଷ ପ୍ରାୟ ୧.୮ ଲକ୍ଷ ଲୋକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥାନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ଭଲଭାବେ ଡ୍ରାଇଭିଂ ଜାଣି ନଥିବା ଡ୍ରାଇଭରଙ୍କ ଯୋଗୁ ମୃତ୍ୟୁବରଣ କରିଥାନ୍ତି ।



# ଜେଡିୟୁରୁ ଇସ୍ତଫା ଦେଲେ ୧୫ ମୁସଲିମ୍ ନେତା




**ପାଟଣା,୮।୪(ଏଜେନ୍ସି):** ବିହାରରେ ଜେଡିୟୁକୁ ଝଟକା । ବିଧାନସଭା ନିର୍ବାଚନ ପୂର୍ବରୁ ଦଳକୁ ଲାଗିଲା ଜୋରଦାର ଝଟକା । ଜେଡିୟୁ ଛାଡ଼ିଲେ ୧୫ ମୁସଲମାନ ନେତା । ୱାକଫ୍ ବିଲକୁ ନୀତୀଶଙ୍କ ସମର୍ଥନ ପରେ ଦଳ ଛାଡିଦେଲେ ମୁସଲମାନ ସଂପ୍ରଦାୟର ନେତା ଏଥିସହ ନୀତିଶଙ୍କ ବିରୋଧରେ ଦେଲେ ବଡ ବୟାନ । ନିର୍ବାଚନ ପୂର୍ବରୁ ଦଳକୁ ଏହି ଝଟକା ଲାଗିବା ପରେ ଏବେ ଚାପରେ ଅଛନ୍ତି ନୀତିଶ । ତେବେ ବିହାର ମୋତିହାରୀ ଜିଲ୍ଲାରେ ୧୫ ମୁସଲମାନ ନେତା ଏକା ସାଙ୍ଗରେ ଜେଡିୟୁ ଛାଡ଼ିଛନ୍ତି ଏବଂ ଆଗକୁ ଏହି ଦଳ ଛଡା ପ୍ରକ୍ରିୟା ଜାରି ରହିବ ବୋଲି ସୂଚନା ମିଳିଛି । ୱାକଫ୍ ବିଲକୁ ଜେଡିୟୁ ସମର୍ଥନ ଦେବା ପରେ ମୁସଲମାନ ନେତାଙ୍କର ଦଳରୁ ମୋହ ଭାଙ୍ଗିଛି ଆଉ ସେମାନେ ଅସନ୍ତୁଷ୍ଟ ହୋଇ ଦଳରୁ ଏକାସାଙ୍ଗରେ ଇସ୍ତଫା ଦେଇଛନ୍ତି । ଢାକା ବିଧାନସଭା ନିର୍ବାଚନମଣ୍ଡଳୀରେ ଆସୁଥିବା ଏହ ଅଞ୍ଚଳ ମୁସଲମାନ ସଂପ୍ରଦାୟର ଲୋକେ ବାସ କରନ୍ତି । ତେବେ ଏକଦା ନୀତୀଶଙ୍କୁ ସେମାନେ ସେମାନଙ୍କ ହିତାକାଂକ୍ଷୀ ଭାବୁଥିଲେ ଆଉ ସମର୍ଥନ ମଧ୍ୟ ଦେଉଥିଲେ ହେଲେ ଏବେ ୱାକଫ୍ ବିଲକୁ ସମର୍ଥନ ଦେବା ପରେ ନୀତିଶ ସେମାନଙ୍କ ଭରସା ଭାଙ୍ଗି ଦେଇଥିବା ମୁସଲମାନ ନେତାମାନେ ମତ ଦେଇଛନ୍ତି । ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ଜେଡିୟୁ ପାଇଁ ଏହା ବଡ ଝଟକା ବୋଲି କୁହାଯାଉଛି । ଅନ୍ୟପଟେ ନିର୍ବାଚନକୁ ଆଖି ଆଗରେ ରଖି କଂଗ୍ରେସ ଆଗୁଆ ରଣନୀତି ପ୍ରସ୍ତୁତ କଲାଣି । ଆଜି ରାହୁଲ ବେଗୁସରାଇରେ କହ୍ନେୟା କୁମାରଙ୍କ ବିଶାଳ ପଦଯାତ୍ରାରେ ସାମିଲ ହୋଇଥିବା ବେଳେ ଗତ ୪ ମାସରେ ୩ ଥର ବିହାର ଗସ୍ତ କରିବା ଜେଡିୟୁ ପାଇଁ ଏକ ଖୋଲା ଆହ୍ୱାନ ମଧ୍ୟ ।

# ଯୋଗ୍ୟ ପ୍ରାର୍ଥୀଙ୍କୁ ଘରେ ବସିବାକୁ ଦେବୁ ନାହିଁ

**ନୂଆଦିଲ୍ଲୀ,୮।୪(ଏଜେନ୍ସି):** ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ଉପରେ ସୁପ୍ରିମକୋର୍ଟଙ୍କ ରାୟ ଉପରେ ଦୁଃଖ ପ୍ରକାଶ କରିଛନ୍ତି ମମତା ବାନାର୍ଜୀ । ସୁପ୍ରିମକୋର୍ଟ ଗୁରୁବାର ରାଜ୍ୟର ୨୫,୭୫୩ ଜଣ ଶିକ୍ଷକ ଏବଂ କର୍ମଚାରୀଙ୍କ ନିଯୁକ୍ତିକୁ ରଦ୍ଦ କରିଥିଲେ । ଏହା ସହିତ, ସୁପ୍ରିମକୋର୍ଟ ସେହି ପ୍ରାର୍ଥୀମାନଙ୍କର ଦରମା ଫେରାଇବାକୁ ମଧ୍ୟ କହିଥିଲେ ଯେଉଁମାନଙ୍କର ନିଯୁକ୍ତିକୁ ଜାଲିଆତି ବୋଲି ବିବେଚନା କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କଡ଼ା ସମାଲୋଚନା କରିଛନ୍ତି । ମମତା କହିଛନ୍ତି, 'ଯେ ପର୍ଯ୍ୟନ୍ତ ମୁଁ ବଞ୍ଚିଛି, କୌଣସି ଯୋଗ୍ୟ ଶିକ୍ଷକ ତାଙ୍କ ଚାକିରି ହରାଇବେ ନାହିଁ ।' ଦୁର୍ନୀତି ଅଭିଯୋଗ ଯୋଗୁଁ ଯେଉଁ ଶିକ୍ଷକମାନଙ୍କର ନିଯୁକ୍ତି ବାତିଲ କରାଯାଇଛି ସେମାନଙ୍କ ସପକ୍ଷରେ ମମତା ଏଭଳି ମନ୍ତବ୍ୟ ଦେଇଛନ୍ତି । ସେ ଯେକୌଣସି ମୂଲ୍ୟରେ ଯୋଗ୍ୟ ଶିକ୍ଷକଙ୍କ ଚାକିରି ବଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ । ଚିନ୍ତା ପ୍ରକାଶ କରି ମମତା କହିଛନ୍ତି, 'ସୁପ୍ରିମ କୋର୍ଟଙ୍କ ଏହି ନିଷ୍ପତ୍ତିରେ ମୁଁ ଖୁବ୍ ଦୁଃଖିତ ।' ମୁଁ ଜାଣିଛି ଯେ ଯଦି ମୁଁ ଏ ବିଷୟରେ କହିବି, ତେବେ ମୁଁ ଜେଲ୍ ମଧ୍ୟ ଯାଇପାରେ, କିନ୍ତୁ ମୁଁ ତଥାପି କହିବି । ଯଦି କେହି ମୋତେ ଚ୍ୟାଲେଞ୍ଜ କରନ୍ତି, ମୁଁ କିପରି ଜବାବ ଦେବି ତାହା ଜାଣେ ।' ସେ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ତାଙ୍କର ଦୃଢ଼ ସଂକଳ୍ପ ହେଉଛି ଯେକୌଣସି ମୂଲ୍ୟରେ ଯୋଗ୍ୟ ଶିକ୍ଷକମାନଙ୍କୁ ସେମାନଙ୍କର ଅଧିକାର ପାଇବେ ଏବଂ କାହାକୁ ସେମାନଙ୍କ ଚାକିରି ଛଡ଼ାଇ ନେବାକୁ ଦେବେ ନାହିଁ । ମମତା ପ୍ରଶ୍ନ କହିଛନ୍ତି, ସୁପ୍ରିମକୋର୍ଟ ସ୍ପଷ୍ଟ କରିବା ଉଚିତ ଯେ କିଏ ଯୋଗ୍ୟ ଏବଂ କିଏ ନୁହେଁ । 'ଆମକୁ ଏକ ତାଲିକା ଦିଅ ।' ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିବାର ଅଧିକାର କାହାର ନାହିଁ ।' ମମତା ଏକ ଉଦାହରଣ ଦେଇ କହିଥିଲେ ଯେ NEET ପରୀକ୍ଷାରେ ମଧ୍ୟ ଅନେକ ଅଭିଯୋଗ ଆସିଥିଲା, କିନ୍ତୁ ସୁପ୍ରିମକୋର୍ଟ ଏହାକୁ ବାତିଲ କରିନଥିଲେ । ସେ ଏହା ମଧ୍ୟ ପଚାରିଥିଲେ, 'ବଙ୍ଗଳାକୁ କାହିଁକି ଟାର୍ଗେଟ କରାଯାଉଛି ? ଲୋକମାନେ କ'ଣ ବଙ୍ଗଳାର ପ୍ରତିଭାକୁ ଭୟ କରୁଛନ୍ତି ?'ମମତାଙ୍କ ଏହି ମନ୍ତବ୍ୟ ରାଜ୍ୟର ଶିକ୍ଷକମାନଙ୍କ ପାଇଁ ଏକ ଦୃଢ଼ ବାର୍ତ୍ତା । ମୁଖ୍ୟମନ୍ତ୍ରୀ ତାଙ୍କର ପ୍ରତିବଦ୍ଧତା ପ୍ରକାଶ କରି କହିଛନ୍ତି,ସେ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଯେକୌଣସି ପରିସ୍ଥିତିରେ ଯୋଗ୍ୟ ଶିକ୍ଷକଙ୍କ ଅଧିକାରକୁ ସୁରକ୍ଷା ଦେବେ । ସେ ରାଜ୍ୟର ଶିକ୍ଷକମାନଙ୍କ ଅଧିକାର ପାଇଁ ଏକତ୍ରିତ ହେବାକୁ ନିବେଦନ କରିଛନ୍ତି ଏବଂ ସ୍ପଷ୍ଟ କରିଛନ୍ତି ଯେ ତାଙ୍କର ସଂଘର୍ଷ କେବଳ ଗୋଟିଏ ରାଜ୍ୟ ପାଇଁ ନୁହେଁ ବରଂ ସମଗ୍ର ଶିକ୍ଷା ବ୍ୟବସ୍ଥାର ସୁରକ୍ଷା ପାଇଁ ରହିଛି ।



# ୱାକଫ୍ ନାଁରେ ଜମି ହଡ଼ପ କରାଯାଉଥିଲା

**ପ୍ରୟାଗରାଜ,୮।୪(ଏଜେନ୍ସି):** ଗୁରୁବାର ଦିନ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୱାକଫ ବୋର୍ଡ ଉପରେ ସିଧାସଳଖ ଆକ୍ରମଣ କରି ଏହା ଉପରେ ଜମି ଜବରଦଖଲ କରିବାର ଅଭିଯୋଗ ଆଣିଛନ୍ତି ଏବଂ କହିଛନ୍ତି ଯେ ସାର୍ବଜନୀନ ଏବଂ ଐତିହାସିକ ସ୍ଥାନଗୁଡ଼ିକ ଉପରେ ଏହାର ମନମୁଖୀ ଦାବିକୁ ଅଧିକ ଦିନ ପର୍ଯ୍ୟନ୍ତ ବରଦାସ୍ତ କରାଯିବ ନାହିଁ । ଶ୍ରୀଙ୍ଗବେରପୁରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ସେ କହିଥିଲେ, ଆପଣ ଏଠାରେ ନିଷାଦରାଜଙ୍କ ପୌରାଣିକ ଭୂମିର ଦଖଲ ଦେଖୁଛନ୍ତି । ସହରର ଅନେକ ସ୍ଥାନରେ ୱାକଫ ନାମରେ ଜବରଦଖଲ ହୋଇଛି । କୁମ୍ଭ ସମୟରେ ମଧ୍ୟ କୁମ୍ଭର ଜମି ମଧ୍ୟ ୱାକଫର ବୋଲି ବୟାନ ଦିଆଯାଇଥିଲା । ଆମେ ପଚାରିଥିଲୁ- ୱାକଫ ବୋର୍ଡ କ'ଣ ଭୂମି ମାଫିଆ ହୋଇଗଲାଣି ?ସେ ଗୁରୁତ୍ୱାରୋପ କରିଥିଲେ ଯେ ତାଙ୍କ ସରକାର ସମୟରେ ଏପରି ଜବରଦଖଲ ହଟାଇ ଦିଆଯାଇଛି ଏବଂ ମାଫିଆମାନଙ୍କୁ ଉତ୍ତର ପ୍ରଦେଶରୁ ବିତାଡିତ କରାଯାଇଛି । ସେ କହିଥିଲେ, ନିଷାଦ ରାଜ ସହିତ ଜଡିତ ପବିତ୍ର ଭୂମି ସମେତ ଅନେକ ସ୍ଥାନକୁ ୱାକଫ ନାମରେ ଜବରଦଖଲ କରାଯାଇଥିଲା । କିନ୍ତୁ ଏହା ହେବାକୁ ଦିଆଯିବ ନାହିଁ । ସେମାନଙ୍କ ଆପତ୍ତି ସତ୍ତ୍ୱେ, ଏକ ଭବ୍ୟ ଏବଂ ଦିବ୍ୟ କୁମ୍ଭମେଳା ଆୟୋଜନ କରାଯାଇଥିଲା । ୱାକଫ ବୋର୍ଡର ଅଭିଯୋଗ ଅନିୟମିତତା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ମଧ୍ୟ ପ୍ରଶଂସା କରିଥିଲେ ।



# ଅର୍ବାନ୍ କ୍ରୁଜର ହାଇରାଇଡର ଉନ୍ନତ ବୈଶିଷ୍ଟ୍ୟ ବୃଦ୍ଧି ସହିତ ଗତିଶୀଳତା ଅଭିଜ୍ଞତାକୁ ଉନ୍ନତ କରିଛି

**ନୂଆଦିଲ୍ଲୀ,୮।୪(ଏଜେନ୍ସି):** ଟୋୟୋଟା କିର୍ଲୋସ୍କର ମୋଟର (ଟିକେଏମ) ଘୋଷଣା କରିଛି ଯେ, ଏହା ଅର୍ବାନ୍ କ୍ରୁଜର ହାଇରାଇଡରରେ ବୈଶିଷ୍ଟ୍ୟ ଅପଗ୍ରେଡ୍ ପ୍ରଚଳନ କରିଛି ଯାହା ସୁରକ୍ଷା, ଆରାମ ଏବଂ ସୁବିଧାକୁ ପୁନଃପରିଭାଷିତ କରିବ। ଏହା ଗ୍ରାହକ-କେନ୍ଦ୍ରିକ ନବସୃଜନ ପ୍ରତି ଟୟୋଟାର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି।

ଭାରତର ପ୍ରଥମ ସେଲ୍ଫ-ଚାର୍ଜିଂ ଷ୍ଟ୍ରଙ୍ଗ ହାଇବ୍ରିଡ୍ ଇଲେକ୍ଟ୍ରିକ୍ ଏସୟୁଭି ଭାବରେ ଅଧିକ ବିକ୍ରି ହୋଇଥିବା, ଅର୍ବାନ୍ କ୍ରୁଜର ହାଇରାଇଡର ପୂର୍ବରୁ ୧ ଲକ୍ଷ ବିକ୍ରୟର ମାଇଲଖୁଂଟ ଅତିକ୍ରମ କରିସାରିଛି। ଏହାର ଅଭିନବ ପ୍ରଯୁକ୍ତିବିଦ୍ୟା, ଅସାଧାରଣ ଇନ୍ଧନ ଅର୍ଥନୀତି, ଗତିଶୀଳ କାର୍ଯ୍ୟଦକ୍ଷତା ଏବଂ ପ୍ରିମିୟମ୍ ଡ୍ରାଇଭିଂ ଅଭିଜ୍ଞତା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଉନ୍ନତ ସୁରକ୍ଷା ପାଇଁ ସମସ୍ତ ଭାରିଆଂଟରେ ସଂରଚନାତ୍ମକ ଉନ୍ନତି ପ୍ରଚଳନ କରାଯାଇଛି। ସମସ୍ତ ଭାରିଆଂଟରେ ୬ଟି ଏୟାରବ୍ୟାଗ୍ ବର୍ତ୍ତମାନ ମାନକ, ଉନ୍ନତ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରୁଛି। ଅତିରିକ୍ତ ସୁବିଧା ଏବଂ ସୁରକ୍ଷା ପାଇଁ କିଛି ଭାରିଆଂଟରେ ସ୍ୱୟଂଚାଳିତ ଟ୍ରାନ୍ସମିସନରେ ଇଲେକ୍ଟ୍ରୋନିକ୍ ପାର୍କିଂ ବ୍ରେକ୍ (ଇପିବି) ଯୋଡାଯାଇଛି। ନୂତନ ୬-ସ୍ପିଡ୍ ଅଟୋମେଟିକ୍ ଟ୍ରାନ୍ସମିସନ୍ (ର-ଏଟି) ଏଡଭ୍ଲାଡି ଭାରିଆଂଟରେ ପୂର୍ବର ୫-ସ୍ପିଡ୍ ମାନୁଆଲ୍ ଗିଅରବକ୍ସକୁ ବଦଳାଯାଇଛି।

ବ୍ୟକ୍ତିଗତ ଡ୍ରାଇଭିଂ ପୋଜିସନ ପାଇଁ ୮-ୱେ ଆଡଜଷ୍ଟେବଲ୍ ପାୱାର ଡ୍ରାଇଭର ସିଟ୍ ଏବେ ଉଚ୍ଚ ଭାରିଆଂଟରେ ଉପଲବ୍ଧ। ଉନ୍ନତ ଯାତ୍ରୀ ଆରାମ ପାଇଁ ଉଚ୍ଚ ଭାରିଆଂଟରେ ଏକ ପଛ ଡୋର ସନସେଡ୍ ପ୍ରଚଳନ କରାଯାଇଛି। ଉନ୍ନତ ରିଅଲ-ଟାଇମ୍ ଟାୟାର ପ୍ରେସ ମନିଟରିଂ ପାଇଁ ଅଧିକ ଭାରିଆଂଟରେ ଟାୟାର ପ୍ରେସ ମନିଟରିଂ ସିଷ୍ଟମ୍ (ଟିପିଏମଏସ) ପ୍ରଚଳନ କରାଯାଇଛି।

# ମ୍ୟାଚ ହାତଛଡ଼ା କଲା କେକେଆର

## ଲକ୍ଷ୍ନୌଠାରୁ ୪ ରନ୍‌ରେ ପରାସ୍ତ ହେଲା କୋଲକାତା



କୋଲକାତା: ଇଡେନ ଗାର୍ଡେନ୍ସରେ ଖେଳା ଯାଇଥିବା ହାଇ ସ୍କୋରିଂ ମୁକାବିଲାରେ ଲକ୍ଷ୍ନୌ ସୁପର ଜାଏଣ୍ଟସ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୪ ରନରେ ହରାଇଛି। ଆଉ କୋଲକାତା ନାଇଟ୍ ରାଇଡର୍ସ ନିଜ ଘରେ ପରାଜୟର ମୁହଁ ଦେଖିଛି। ପଞ୍ଚମ ମ୍ୟାଚ୍‌ରୁ କେକେଆରର ଏହା ତୃତୀୟ ପରାଜୟ। ଲକ୍ଷ୍ନୌ ଦ୍ୱାରା ଧାର୍ଯ୍ୟ ୨୩୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି କୋଲକାତା ୨୩୪ ରନରେ ପହଞ୍ଚିଥିଲେ ହେଁ, ଶେଷରେ ୪ ରନ ଦୂରରେ ରହି ଯାଇଛି। ବିଜୟ ସହ ଲକ୍ଷ୍ନୌ ୬ ପଏଣ୍ଟ ପାଇ ତାଲିକାରେ ଚତୁର୍ଥ ଉଠିଛି।ପରାଜୟ ସହ କୋଲକାତା ଷଷ୍ଠ ସ୍ଥାନକୁ ଖସି ଆସିଛି।

୨୩୯ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ କ୍ରିଜକୁ ଓହ୍ଲାଇଥିବା କେକେଆରକୁ ୩୭ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। କ୍ୱିଣ୍ଟନ ଡି କକ୍ ୧୫ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ସୁନିଲ ନାରାୟଣ ଓ ଅଧିନାୟକ ଆଜିଙ୍କ୍ୟ ରାହାଣେ ବିସ୍ଫୋରକ ବ୍ୟାଟିଂ କରି ଦଳର ସ୍ଥିତି ମଜବୁତ କରିବା ସହ ବିଜୟ ଆଶା ଉଜ୍ଜିବୀତ ରଖିଥିଲେ ଦୁଇ ବ୍ୟାଟର। ଦ୍ୱିତୀୟ ୱିକେଟ୍‌ରେ ୫୪ ରନ ଯୋଡ଼ି ଦଳର ସ୍କୋରକୁ ୯୧ ରନରେ ପହଞ୍ଚାଇଥିଲେ। ନାରାୟଣ ୧୩ ବଲରୁ ୩୦ ରନ କରି ପାଭିଲିୟନ ଫେରିଥିଲେ।ଏହା ପରେ ରାହାଣେ ଓ ଭେଙ୍କଟେଶ ଆୟର ଚମତ୍କାର ବ୍ୟାଟିଂ କରି ଆବଶ୍ୟକ ରନ ରେଟ୍ ହିସାବରେ ରନ ଯୋଡ଼ିଥିଲେ। ତୃତୀୟ ୱିକେଟ୍‌ରେ ୭୧ ରନ ଯୋଡ଼ି ଦଳର ସ୍କୋରକୁ ୧୩ ଓଭରରେ ୧୬୨ ରନରେ ପହଞ୍ଚାଇଥିଲେ। ରାହାଣେ ୩୫ ବଲରୁ ୮ ଚୌକା ଓ ୨ ଛକା ସହ ୬୧ ରନର ଅଧିନାୟକତ୍ୱ ଇନିଂସ ଖେଳିଥିଲେ। ଏହା ପରେ ଦଳ ନିୟମିତ ୱିକେଟ୍ ହରାଇବାରୁ ଦଳ ଉପରେ ଚାପ ବଢିବାରେ ଲାଗିଥିଲା। ରମଣଦୀପ(୧), ଅଙ୍ଗକ୍ରିଷ ରଘୁବଂଶୀ(୫) ଓ ଆନ୍ଦ୍ରେ ରସେଲ(୭) ଶସ୍ତାରେ ଆଉଟ୍ ହେବାରୁ ଦଳ ବିଜୟଠୁ ଦୂରେଇବାର ଲାଗିଥିଲା। ଶେଷ ଆଡ଼କୁ ରିଙ୍କୁ ସିଂ ୧୫ ବଲରୁ ୩୮ ରନ କରିଥିଲେ ହେଁ ଦଳକୁ ପରାଜୟରୁ ବଞ୍ଚାଇ ପାରି ନ ଥିଲେ କୋଲକାତା ୭ ୱିକେଟ୍ ହରାଇ ୨୩୪ ରନରେ ସୀମିତ ରହିଥିଲା ।

ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା କେକେଆର। ଫଳରେ ପ୍ରଥମେ ବ୍ୟାଟିଂର ଫାଇଦା ଉଠାଇଥିଲା ଏଲଏସଜି। ୨୦ ଓଭରରେ ମାତ୍ର ୩ଟି ୱିକେଟ୍ ହରାଇ କେକେଆରକୁ ୨୩୯ ରନର ବିଶାଳ ଟାର୍ଗେଟ୍ ଦେଇଛି ଦଳ। ଏହା ଆଇପିଏଲ ଇତିହାସରେ ଏଲଏସଜିର ଦ୍ୱିତୀୟ ସର୍ବାଧିକ ସ୍କୋର ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ଦଳ ଏକ ଦୃଢ଼ ଆରମ୍ଭ କରିଥିଲା ମିଚେଲ ମାର୍ଶ ମାତ୍ର ୪୮ ବଲ୍ ରୁ ୮୧ ରନ୍ ଏବଂ ଇଡେନ ମାର୍କରାମ ୨୮ ବଲ୍ ରୁ ୪୭ ରନ୍ ସଂଗ୍ରହ କରି ପ୍ରଥମ ୱିକେଟରେ ୯୯ ରନ୍ ଯୋଡ଼ିଥିଲେ। ୧୧ତମ ଓଭରରେ ମାର୍କରାମଙ୍କୁ ହର୍ଷିତ ରାଣା ବୋଲ୍ଡ କରିଥିଲେ। ଏହାପରେ ନିକୋଲାସ ପୁରନଙ୍କ ବ୍ୟାଟିଂ ବିସ୍ଫୋରଣ ଆରମ୍ଭ ହୋଇଛି। ସେ ମାର୍ସଙ୍କୁ ସାଥି ଦେଇ ମାତ୍ର ୩୬ ବଲରୁ ୮୭ ରନ୍ ଅପରାଜିତ ରହିଥିଲେ। ଏଥିରେ ୭ଟି ଚୌକା ଏବଂ ୮ଟି ଛକା ରହିଛି। କୋଲକାତା ପକ୍ଷରୁ ହର୍ଷିତ ରାଣା ସର୍ବାଧିକ ଦୁଇଟି ୱିକେଟ୍ ନେଇଛନ୍ତି।

### ଆଜିର ମ୍ୟାଚ୍

ଗୁଜୁରାଟ ଟାଇଟନ୍ସ
ବନାମ
ରାଜସ୍ଥାନ ରୟାଲ୍ସ

କ୍ୟାପିଟ

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ | ୦୩ | ୦୩ | ୦୦ | ୦୬ |
| ଗୁଜରାଟ ଟାଇଟନ୍ସ | ୦୪ | ୦୩ | ୦୧ | ୦୬ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୪ | ୦୩ | ୦୧ | ୦୬ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୫ | ୦୩ | ୦୨ | ୦୬ |
| ପଞ୍ଜାବ କିଙ୍ଗ୍ସ | ୦୩ | ୦୨ | ୦୧ | ୦୪ |
| କୋଲକାତା ନାଇଟ୍ ରାଇଡର୍ସ | ୦୫ | ୦୨ | ୦୩ | ୦୪ |
| ରାଜସ୍ଥାନ ରୟାଲ୍ସ | ୦୪ | ୦୨ | ୦୨ | ୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୫ | ୦୧ | ୦୪ | ୦୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୦୪ | ୦୧ | ୦୩ | ୦୨ |
| ସନରାଇଜର୍ସ ହାଇଦ୍ରାବାଦ | ୦୫ | ୦୧ | ୦୪ | ୦୨ |

## ସ୍ୱାମୀଙ୍କଠାରୁ ଅଲଗା ହେଲେ ମେରୀ କମ



ନୂଆଦିଲ୍ଲୀ,୮।୪: ଅଲିମ୍ପିକ୍ ବ୍ରୋଞ୍ଜ ମେଡାଲିଷ୍ଟ ତଥା ବକ୍ସିଂ ଆଇକନ ମେରୀ କମ ତାଙ୍କ ସ୍ୱାମୀ କେ ଅନଲରଙ୍କଠାରୁ ଅଲଗା ହୋଇଯାଇଛନ୍ତି। ଏକ ଜାତୀୟ ଇଂଲିଶ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁସାରେ, ୨୦୨୨ ମଣିପୁର ବିଧାନସଭା ନିର୍ବାଚନରେ ଅନଲରଙ୍କ ପାର୍ଥିପତ୍ର ଦାଖଲ ପରଠାରୁ ଦୁହିଁଙ୍କ ମଧ୍ୟରେ ମନାନ୍ତର ଆରମ୍ଭ ହୋଇଥିଲା। ନିର୍ବାଚନରେ ବିଫଳତା ସତ୍ତ୍ୱେ ସେମାନଙ୍କ ସମ୍ପର୍କରେ ସୁଧାର ଅସି ନ ଥିଲା ପରିବାର। ନିକଟସ୍ଥ ସୂତ୍ରରୁ ଜଣାପଡ଼ିଛି ଯେ, ମେରୀ ୪ ଛୁଆଙ୍କ ସହ ଫରିଦାବାଦ ଶିଫ୍ଟ ହୋଇଯାଇଥିବା ବେଳେ ଅନଲର ତାଙ୍କ ପରିବାର ସଦସ୍ୟଙ୍କ ସହ ଦିଲ୍ଲୀରେ ରହୁଛନ୍ତି। ନିର୍ବାଚନରେ ହୋଇଥିବା ଆର୍ଥିକ କ୍ଷତି ଯୋଗୁ ମେରୀ ଅସନ୍ତୁଷ୍ଟ ଥିଲେ। ଏହି ରିପୋର୍ଟ ମୁତାବକ, ଅନଲର ପ୍ରାରମ୍ଭିକ ଭାବେ ରାଜନୀତିରେ ପ୍ରବେଶ କରିବା ଲାଗି ଇଚ୍ଛୁକ ନ ଥିଲେ। ତାଙ୍କୁ ମେରୀ ବୁଝାଇବା ପରେ ସେ ରାଜି ହୋଇଥିଲେ। କିନ୍ତୁ ନିର୍ବାଚନରେ ପରାଜୟ ଓ ଆର୍ଥିକ କ୍ଷତି ସେମାନଙ୍କ ବିଚ୍ଛେଦ ହେବାର କାରଣ ପାଲଟିଥିଲା।

## ବ୍ରୁକ୍ ନୂଆ ଅଧିନାୟକ

ନୂଆଦିଲ୍ଲୀ: ଗୋଟିଏ ପଟେ ଭାରତରେ ଆଇପିଏଲ ଚାଲିଛି ଏବଂ ସାରା ବିଶ୍ୱର ଖେଳାଳିମାନେ ଏଠାରେ ଖେଳୁଛନ୍ତି, ସେହି ସମୟରେ ଇଂଲଣ୍ଡରେ ଆଉ ଏକ ଘଟଣା ଘଟୁଛି। ଚାମ୍ପିଅନ୍ସ ଟ୍ରଫିରେ ଖରାପ ପ୍ରଦର୍ଶନ ପରେ ଜସ୍ ବଟଲର୍ ହଠାତ ଅଧିନାୟକ ପଦରୁ ଇସ୍ତଫା ଦେବା ପରେ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ ନୂତନ ଅଧିନାୟକ ଖୋଜୁଥିଲା ଏବେ ସେମାନେ ଜୋସ୍ ବଟଲରଙ୍କ ସ୍ଥାନରେ ଆଉ ଜଣେ ଅଧିନାୟକଙ୍କ ନାମ ଘୋଷଣା କରିଛନ୍ତି।

ନୂତନ ଅଧିନାୟକ ଏବେ ଟି-୨୦ ଆନ୍ତର୍ଜାତୀୟ ଏବଂ ଏକଦିବସୀୟରେ ଦଳର ଦାୟିତ୍ୱ ନେବେ। ଏହି ଦାୟିତ୍ୱ ହ୍ୟାରି ବ୍ରୁକଙ୍କୁ ଦିଆଯାଇଛି। ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ ହ୍ୟାରି ବ୍ରୁକଙ୍କୁ ଟି-୨୦ ଅନ୍ତର୍ଜାତୀୟ ଏବଂ ଏକଦିବସୀୟ ଦଳର ନୂତନ ଅଧିନାୟକ ଭାବରେ ଘୋଷଣା କରିଛି ତଥାପି, ବେନ୍ ଷ୍ଟୋକ୍ସ ପୂର୍ବପରି ଟେଷ୍ଟ କ୍ରିକେଟର ଅଧିନାୟକ ରହିବେ ପୂର୍ବରୁ, ଜସ୍ ବଟଲର୍ ଟି-୨୦ ଅନ୍ତର୍ଜାତୀୟ ଏବଂ ଏକଦିବସୀୟ ଦଳର ଅଧିନାୟକ ଥିଲେ ପ୍ରାୟ ୨୬ ବର୍ଷ ବୟସ୍କ ହ୍ୟାରି ବ୍ରୁକ୍ ୨୦୨୨ ମସିହାରେ ଡେବ୍ୟୁ କରିଥିଲେ, ସେବେଠାରୁ କିଛି ମ୍ୟାଚ୍ ବ୍ୟତୀତ ସେ ନିରନ୍ତର ଖେଳୁଛନ୍ତି।

## ମୁମ୍ବାଇକୁ ହରାଇଲା ଆରସିବି

ମୁମ୍ବାଇ,୮।୪:୪-ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ରୋମାଞ୍ଚକ ବିଜୟ ହାସଲ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)।



ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଆରସିବି ୧୨ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି ଆରସିବି ୨୦ ଓଭରରେ ୫ ଉଇକେଟ ହରାଇ ୨୨୧ ରନ କରିଥିଲା ଘରୋଇ ପିଚ୍‌ରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ମୁମ୍ବାଇ ଇନିଂସ ୨୦ ଓଭରରେ ୨୦୯/୯ରେ ସୀମିତ ହୋଇ ଯାଇଥିଲା ।ତିଳକ ବର୍ମା ୫୬ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ୪୨ ରନକରି ମୁମ୍ବାଇକୁ ବିଜୟର ନିକଟତର କରିଥିଲେ ହେଁ ଆସିବି ବୋଲରମାନେ ଠିକ୍ ସମୟରେ ଧୈର୍ଯ୍ୟ ଦେଖାଇ ବାଜି ମାରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ୧୯ ରନ ଆବଶ୍ୟକ ହେଉଥିବାବେଳେ କୃନାଲ ପାଣ୍ଡ୍ୟା ମାତ୍ର ୬ ରନ ଦେଇ ୩ଟି ଉଇକେଟ ନେବା ସହ ନିଜ ଭାଇ ହାର୍ଦ୍ଦିକଙ୍କୁ ପରାଜୟ ସ୍ୱାଦ ଚଖାଇଥିଲେ। ୧୦ ବର୍ଷ ପରେ ୱାଙ୍ଖେଡେରେ ଏହାଥିଲା ଆରସିବିର ପ୍ରଥମ ବିଜୟ। ଆରସିବି ୪ ମ୍ୟାଚରୁ ୩ୟ ବିଜୟ ହାସଲ କରିଥିବାବେଳେ ମୁମ୍ବାଇ ୫ ମ୍ୟାଚରୁ ୪ର୍ଥ ପରାଜୟ ବରଣ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ମାତ୍ର ୪ ରନରେ ଫିଲିପ୍ ସଲ୍ଟଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ତେବେ ବିରାଟ କୋହଲି ଓ ଦେବଦତ୍ତ ପଡିକଲ ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ ।ଦୁହେଁ ୫୨ ବଲ୍‌ରୁ ୯୧ ରନ ଯୋଗ କରିବାପରେ ପଡିକଲଙ୍କୁ ଆଉଟ କରି ମୁମ୍ବାଇକୁ ବ୍ରେକ୍ ଥ୍ରୁ ଦେଇଥିଲେ ଭିଗ୍ନେଶ ପୁଥୁର ପଡିକଲ ୨୨ ବଲ୍‌ରୁ ୩୭ (୨ ଚୌକା, ୩ ଛକା) ରନ କରିଥିଲେ। କୋହଲି କିନ୍ତୁ ଅର୍ଦ୍ଧଶତକ ହାସଲ କରିବା ସହ ପ୍ରଥମ ଭାରତୀୟ ଭାବେ ଟି୨୦ କ୍ରିକେଟରେ ୧୩,୦୦୦ ରନ ପୂରଣ କରିଥିଲେ। ସେ ୪୨ ବଲ୍‌ରୁ ୬୭ (୮ ଚୌକା, ୨ ଛକା) ରନ କରିଥିଲେ ।୧୫ତମ ଓଭରରେ କୋହଲି ଓ ଲିଆମ ଲିଭିଂଷ୍ଟୋନଙ୍କୁ ଆଉଟ କରି ହାର୍ଦ୍ଦିକ ଟି୨୦ କ୍ରିକେଟରେ ୨୦୦ ଉଇକେଟ ପୂରଣ ସହ ମୋମେଣ୍ଟମକୁ ମୁମ୍ବାଇ ଆଡ଼କୁ ନେବାକୁ ଚେଷ୍ଟା କରିଥିଲେ ।ମାତ୍ର ଅଧିନାୟକ ରଜତ ପଟିଦାର ଓ ଜୀତେଶ ଶର୍ମା ତାହା ହେବାକୁ ଦେଇ ନ ଥିଲେ। ଦୁହେଁ ଦ୍ରୁତ ହାରରେ ରନ ସଂଗ୍ରହ କରି ଆରସିବି ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ ୫ମ ଉଇକେଟରେ ମାତ୍ର ୨୭ ବଲ୍‌ରୁ ୬୯ ରନର ଭାଗୀଦାରି ହେବାପରେ ପଟିଦାର ୧୯ତମ ଓଭରର ଶେଷ ବଲ୍‌ରେ ଆଉଟ ହୋଇଥିଲେ। ସେ ୩୨ ବଲ୍‌ରୁ ୫ ଚୌକା ଓ ୪ ଛକା ସହାୟତାରେ ୬୪ ରନ କରିଥିଲେ ଜୀତେଶ ମାତ୍ର ୧୯ ବଲ୍‌ରୁ ୪୦ (୨ଚୌକା, ୪ଛକା) ରନରେ ଅପରାଜିତ ରହିବାରୁ ଆରସିବି ସ୍କୋର ୨୨୧ରେ ପହଞ୍ଚିଲା ମୁମ୍ବାଇ ବୋଲରଙ୍କ ମଧ୍ୟରେ ଟ୍ରେଣ୍ଟ ବୋଲ୍ଟ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଏବଂ ଭିଗ୍ନେଶ ପୁଥୁର ଗୋଟିଏ ଉଇକେଟ ନେଇଥିଲେ ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଯଶପ୍ରୀତ୍ ବୁମ୍ରା ଭଲ ବୋଲିଂ କରିଥିଲେ ହେଁ ଉଇକେଟ ପାଇ ନ ଥିଲେ।

## ବିଜେପିରେ କ୍ରିକେଟର କେଦାର ଯାଦବ



ନୂଆଦିଲ୍ଲୀ,୮।୪: ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଖେଳାଳି କେଦାର ଯାଦବ ମଙ୍ଗଳବାର ଭାରତୀୟ ଜନତା ପାର୍ଟି (ଭାଜପା)ରେ ସାମିଲ ହୋଇଛନ୍ତି ।ସେ ମୁମ୍ବାଇରେ ମହାରାଷ୍ଟ୍ରର ମନ୍ତ୍ରୀ ଏବଂ ରାଜ୍ୟ ଭାଜପା ମୁଖ୍ୟ ଚନ୍ଦ୍ରଶେଖର ବାଙ୍କୁଲେ, ଅଶୋକ ଚୌହ୍ୱାନ ଏବଂ ଅନ୍ୟାନ୍ୟ ନେତାଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଛନ୍ତି ।ଭାଜପାରେ ଯୋଗଦେବା ପୂର୍ବରୁ କେଦାର ଜାଦବ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ଏବଂ ରବିନ୍ଦ୍ର ଚୌହ୍ୱାନଙ୍କୁ ଭେଟିଥିଲେ। ଏହା ପରେ ସେ ମୁମ୍ବାଇ କ୍ରିକେଟ ଆସୋସିଏଶନର ପୂର୍ବତନ ସଭାପତି ଏବଂ ଭାଜପାନେତା ଆଶିଷ ଶେଲାରଙ୍କୁ ଭେଟିଥିବା ଜଣାପଡ଼ିଛି। ଭାଜପାରେ ଯୋଗ ଦେବା ପରେ କେଦାର ଜାଦବ ପ୍ରଧାନମନ୍ତ୍ରୀ ମୋଦିଙ୍କ ବହୁତ ପ୍ରଶଂସା କରିଛନ୍ତି ।ସେ କହିଛନ୍ତି ଯେ ୨୦୧୪ ମସିହାରୁ, ଯେତେବେଳେ କେନ୍ଦ୍ରରେ ଭାଜପା ସରକାର କ୍ଷମତାକୁ ଆସିଲା, ସେମାନଙ୍କୁ ଯେଉଁ ପ୍ରକାରର ପ୍ରେମ ଏବଂ ସମର୍ଥନ ମିଳିଛି ଏବଂ ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ଯେଉଁ ପ୍ରକାରର ସଫଳତା ହାସଲ କରିଛନ୍ତି, ତାହା ମୋତେ ବହୁତ ପ୍ରେରଣା ଦେଇଛି ।ସେ କହିଛନ୍ତି, ମୋର ଲକ୍ଷ୍ୟ ହେଉଛି ତାଙ୍କ ପଦାଙ୍କ ଅନୁସରଣ କରିବା ଏବଂ ଭାଜପାକୁ ମୁଁ ଯାହା ଦେଇପାରିବି ତାହା ଯୋଗଦାନ ଦେବା ମୁଁ ନିଶ୍ଚିତ ଯେ ମୋତେ ଯେକୌଣସି ଦାୟିତ୍ୱ ମିଳିଲେ, ମୁଁ ତାହାକୁ ସମ୍ପୂର୍ଣ୍ଣ ସଚ୍ଚୋଟତାର ସହିତ ପାଳନ କରିବାକୁ ଚେଷ୍ଟା କରିବି। ଭାରତୀୟ କ୍ରିକେଟ ଦଳ ପାଇଁ ୭୩ଟି ଦିନକିଆ। ଖେଳିଥିବା କେଦାର ପୁଣେର ବାସିନ୍ଦା ତାଙ୍କୁ ୯ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ସୁଯୋଗ ମିଳିଛି। ଜଣେ ଅଲରାଉଣ୍ଡର ଭାବରେ ଖେଳି ସେ ୭୩ଟି ଦିନକିଆରେ ୧୩୮୯ ରନ କରିଛନ୍ତି ଏବଂ ୨୭ଟି ଉଇକେଟ ମଧ୍ୟ ନେଇଛନ୍ତି। ତଥାପି, ସେ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ୍‌ରେ ଗୋଟିଏ ବି ବଲ ପକାଇ ନଥିଲେ।

## ଚାମ୍ପିଅନ୍ସ ଟ୍ରଫି ୨୦୨୫ ଅଭ୍ୟାସ ସେସନ୍ ପରେ କାନ୍ଦିଥିଲେ ଶ୍ରେୟସ

ନୂଆଦିଲ୍ଲୀ,୮।୪: ପଞ୍ଜାବ କିଙ୍ଗସର ଅଧିନାୟକ ଶ୍ରେୟସ ଆୟର ୨୦୨୫ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଟିମ୍ ଇଣ୍ଡିଆର ପ୍ରଥମ ଅଭ୍ୟାସ ସେସନ୍ ପରେ କାନ୍ଦିଥିଲେ। ନିକଟରେ ଏକ ସାକ୍ଷାତକାରରେ ସେ ଏହା ପ୍ରକାଶ କରିଛନ୍ତି ।ଏହି ଟୁର୍ନାମେଣ୍ଟରେ ସେ ଭାରତର ସର୍ବାଧିକ ସ୍କୋରର ଭାବରେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଅଭିଯାନ ଶେଷ କରିଥିଲେ।

ଶେଷ ଥର ପାଇଁ ମୁଁ ୨୦୨୫ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ଅଭ୍ୟାସ ସେସନ୍ ସମୟରେ କାନ୍ଦିଥିଲି। ଯେପରି ମୁଁ ପ୍ରକୃତରେ କାନ୍ଦିଥିଲି କାରଣ ମୁଁ ନେଟ୍ସରେ ବ୍ୟାଟିଂ କରୁଥିଲି ଏବଂ ଠିକ୍ ଭାବରେ ବ୍ୟାଟିଂ କରିପାରୁ ନଥିଲି। ମୁଁ ନିଜ ଉପରେ ଏତେ ରାଗିଗଲି ଯେ ମୁଁ କାନ୍ଦିବାକୁ ଲାଗିଲି ଏବଂ ମୁଁ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲି। କାରଣ ମୁଁ ସହଜରେ କାନ୍ଦି ନଥାଏ, ଅଭିନେତ୍ରୀ ସାହିବା ବାଲିଙ୍କ ଦ୍ୱାରା ସେ ଶେଷ ଥର କେବେ କାନ୍ଦିଥିଲେ ? ପଚାରିବାରୁ ଆୟର ଏହା ପ୍ରକାଶ କରିଥିଲେ।

ମୁଁ ଇଂଲଣ୍ଡ ବିପକ୍ଷ ସିରିଜରେ ଭଲ ପ୍ରଦର୍ଶନ କରିଥିଲି, ତେଣୁ ଭାବିଥିଲି ଯେ ଏଠାରେ ମଧ୍ୟ ସମାନ ପ୍ରଦର୍ଶନ କରିବି, କିନ୍ତୁ କେଟ୍ ଭିନ୍ନ ଥିଲା ଏବଂ ପ୍ରଥମ ଦିନରେ ନିଜକୁ ଖାପ ଖୁଆଇବା ଏକ କଷ୍ଟକର କାମ ଥିଲା, ତେଣୁ ଅଭ୍ୟାସ ଶେଷ ହେବା ପରେ, ଟିକେ ଅଧିକ ଅଭ୍ୟାସ କରିବାକୁ ଚାହୁଁଥିଲି ଏବଂ ଏହା କରିବାର ସୁଯୋଗ ନ ପାଇବାରୁ ମୁଁ ରାଗିଗଲି, ସେ ଆହୁରି ମଧ୍ୟ କହିଛନ୍ତି।

ଆୟାର ୫ଟି ମ୍ୟାଚ୍‌ରେ ୨୪୩ ରନ୍ କରି ପ୍ରତିଯୋଗିତାରେ ଭାରତର ସର୍ବାଧିକ ରନ୍ ସ୍କୋରର ଭାବରେ ଶେଷ ହୋଇଥିଲେ, ଯେଉଁଥିରେ ଗ୍ରୁପ୍ ପର୍ଯ୍ୟାୟରେ ପାକିସ୍ତାନ ଏବଂ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ କ୍ରମାଗତ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ଥିଲା। ସେ ଫାଇନାଲରେ ୪୮ ରନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ଏହି ପ୍ରଦର୍ଶନ ସହିତ ସେ ବିରାଟ କୋହଲି, କେଏଲ ରାହୁଲ, ମହମ୍ମଦ ଶାମି ଏବଂ ବରୁଣ ଚକ୍ରବର୍ତ୍ତିଙ୍କ ସହିତ ଚାମ୍ପିଅନ୍ସ ଟ୍ରଫିର ଟୁର୍ଣ୍ଣାମେଣ୍ଟର ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟରେ ମଧ୍ୟ ସ୍ଥାନ ପାଇଥିଲେ।

ପଞ୍ଜାବ କିଙ୍ଗସ୍ ୨୦୨୫ ଅଭିଯାନରେ ଏକ ଚମତ୍କାର ଆରମ୍ଭ କରିଥିଲା, ରାଜସ୍ଥାନ ରୟାଲ୍ସ ବିପକ୍ଷରେ ପ୍ରଥମ ପରାଜୟର ସମ୍ମୁଖୀନ ହେବା ପୂର୍ବରୁ ଗୁଜରାଟ ଟାଇଟାନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଉପରେ ଦୃଢ଼ ବିଜୟ ହାସଲ କରିଥିଲା। ତେବେ ଆୟର ବିଜୟୀ ଆରମ୍ଭ କରିବାର ଗୁରୁତ୍ୱ ଏବଂ ଅଭିଯାନରେ ନମ୍ର ରହିବାର ଆବଶ୍ୟକତା ବିଷୟରେ ମଧ୍ୟ କହିଥିଲେ।

## ପଟିଦାରଙ୍କ ଅଧିନାୟକତ୍ୱରେ ଆରସିବିର ରେକର୍ଡ



ନୂଆଦିଲ୍ଲୀ,୮।୪: ଆଇପିଏଲ ୨୦୨୫ରେ ଆରସିବି ଦମଦାର ପ୍ରଦର୍ଶନ କରି ଚାଲିଛି। ବିଜୟରୁ ଆଇପିଏଲର ୧୮ତମ ସଂସ୍କରଣ ଆରମ୍ଭ କରିଥିଲା ଆରସିବି ଇସ ବାର କମ ନାମ ଦେ ନାରା ଦେଇ ୧୮ତମ ସଂସ୍କରଣ ଖେଳୁଥିବା ଆରସିବି ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ ବା କେକେଆରକୁ ହରାଇଥିଲା। ଏହାପରେ ଚେନ୍ନାଇ ଓ ୪ର୍ଥ ମ୍ୟାଚ୍‌ରେ ମୁମ୍ବାଇକୁ ହରାଇଛି। ୪ଟି ମ୍ୟାଚ୍‌ରୁ ଦଳ ୩ଟିରେ ଜିତିଛି ଓ ଏକମାତ୍ର ମ୍ୟାଚ୍ ଗୁଜରାଟ ଠାରୁ ହାରିଛି।

ଚଳିତ ଆଇପିଏଲରେ ଦଳ ନୂଆ ଅଧିନାୟକ ରଜତ ପାଟିଦାରଙ୍କ ନେତୃତ୍ୱରେ ଖେଳୁଛି। ସେହିପରି ଦଳ କେବଳ କିଛି ଖେଳାଳିଙ୍କ ଉପରେ ନିର୍ଭର କରୁନାହିଁ ସମସ୍ତେ ଦଳ ପ୍ରତି ସେମାନଙ୍କ ଯୋଗଦାନ ଦେଉଛନ୍ତି ।ପୂର୍ବରୁ କେବଳ କିଛି ହାତ ଗଣତି ଖେଳାଳି ଆରସିବିକୁ ଆଗକୁ ନେଉଥିଲେ ହେଲେ ୨୦୨୫ରେ ଏଥିରେ ପାର୍ଥକ୍ୟ ଦେଖା ଯାଇଛି।

ଆଇପିଏଲର ପ୍ରଥମ ୪ଟି ମ୍ୟାଚ୍ ଭିତରେ ଦଳ କେକେଆର, ଚେନ୍ନାଇ ଓ ମୁମ୍ବାଇକୁ ସେମାନଙ୍କ ଗଡ଼ରେ ପରାସ୍ତ କରିଛି। ଆଇପିଏଲ ଇତିହାସରେ ଆରସିବିର କୌଣସି ଅଧିନାୟକ ଏପରି କୀର୍ତ୍ତିମାନ ହାସଲ କରି ପାରି ନଥିଲେ। ହେଲେ ରଜତ ପାଟିଦାରଙ୍କ ନେତୃତ୍ୱରେ ଆରସିବି ଏପରି ରେକର୍ଡ କରିଛି।

ଆଇପିଏଲ ଇତିହାସରେ କେବଳ ଦୁଇଟି ଟିମ କେକେଆରକୁ ଇଡେନ ଗାର୍ଡେନ୍ସରେ, ଚେନ୍ନାଇକୁ ଚେପକରେ ଓ ମୁମ୍ବାଇ ଇଣ୍ଡିଆନ୍ସକୁ ୱାଙ୍ଖଡେ ଷ୍ଟାଡିୟମରେ କୌଣସି ଗୋଟିଏ ସଂସ୍କରଣରେ ହରାଇ ପାରିଛନ୍ତି। ପଞ୍ଜାବ କିଙ୍ଗସ(ପୂର୍ବରୁ କିଙ୍ଗସ ଏକାଦଶ ପଞ୍ଜାବ) ଏପରି କୀର୍ତ୍ତିମାନ ୨୦୧୨ରେ କରି ପାରିଥିଲା। କିନ୍ତୁ ଭିନ୍ନଭିନ୍ନ କ୍ୟାପ୍ଟେନଙ୍କ ଅଧୀନରେ ଏପରି ବିଜୟ ମିଳିଥିଲା।

ପଞ୍ଜାବ ପ୍ରଥମେ ଆଡାମ ଗିଲକ୍ରିଷ୍ଟଙ୍କ ନେତୃରେ କେକେଆରକୁ ଇଡେନରେ ହରାଇଥିଲା ।ଏହାପରେ ଡାଭିଡ ହସିଙ୍କ ନେତୃରେ ମୁମ୍ବାଇକୁ ୱାଙ୍ଖଡେରେ ଓ ଚେନ୍ନାଇକୁ ଚେପକରେ ହରାଇବାକୁ ସକ୍ଷମ ହୋଇଥିଲା। ଏବେ ଆରସିବି ମଧ୍ୟ ଆଇପିଏଲର ଗୋଟିଏ ସଂସ୍କରଣରେ ୩ ଦଳକୁ ସେମାନଙ୍କ ହୋମ ଗ୍ରାଉଣ୍ଡରେ ହରାଇଛି।

ତେବେ ପଞ୍ଜାବ ଭଳି ଆରସିବିର କ୍ୟାପ୍ଟେନ ବଦଳି ନାହାନ୍ତି ରଜତ କ୍ୟାପ୍ଟେନ ପ୍ରଥମ କ୍ୟାପ୍ଟେନ ଭାବେ ଆଇପିଏଲ ଇତିହାସର ଗୋଟିଏ ସଂସ୍କରଣରେ ୩ ଦଳକୁ ସେମାନଙ୍କ ଗଡ଼ରେ ମାତ ଦେବାର ରେକର୍ଡ ନିଜ ନାଁରେ କରିଛନ୍ତି ସୋମବାର ଆରିସିବି ।ଙ୍ଖଡେରେ ମୁମ୍ବାଇକୁ ହରାଇବା ପରେ ରଜତ ଏପରି କୀର୍ତ୍ତିମାନ ହାସଲ କରିଛନ୍ତି।

ମୁମ୍ବାଇ ବିପକ୍ଷ ମ୍ୟାଚ୍‌ରେ ୩୨ ବଲରେ ୬୪ ରନ କରି ପାଟିଦାର ମଧ୍ୟ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ତେବେ ସେ ଶ୍ରେଷ୍ଠ ଖେଳାଳି ପୁରସ୍କାରକୁ ସେ ଦଳର ବୋଲରମାନଙ୍କୁ ଉତ୍ସର୍ଗୀକୃତ କରିଛନ୍ତି। ବିରାଟ କୋହଲି ଆରସିବିର ଅଧିନାୟକ ସବୁଠାରୁ ଅଧିକ ସମୟ ଧରି ରହିଥିଲେ ତାଙ୍କ ନେତୃରେ ଦଳ ୨୦୧୩ରୁ ୨୦୨୧ ଯାଏ ଖେଳିଥିଲା ।ସେ ମଧ୍ୟ ଆରସିବି ପାଇଁ ୨୦୦୮ରୁ ଖେଳୁଛନ୍ତି ।କିନ୍ତୁ ଏଭଳି କୀର୍ତ୍ତିମାନ ସେ କେବେ ହାସଲ କରି ପାରି ନଥିଲେ। ହେଲେ ପାଟିଦାର ପ୍ରଥମ ସଂସ୍କରଣରେ ନୂଆ। ରେକର୍ଡ କରିଛନ୍ତି।

## ଗ୍ୟାଙ୍ଗଷ୍ଟର ହୋଇଥାନ୍ତେ ସାଜିଦ

ନୂଆଦିଲ୍ଲୀ,୮।୪(ଏଜେନ୍ସି): ପାକିସ୍ତାନ କ୍ରିକେଟ ଦଳର ସ୍ପିନ୍ ବୋଲର ସାଜିଦ ଖାନ ଗତ କିଛି ମାସ



ମଧ୍ୟରେ ପାକିସ୍ତାନର ଟେଷ୍ଟ ଦଳର ଶ୍ରେଷ୍ଠ ଖେଳାଳିମାନଙ୍କ ମଧ୍ୟରୁ ଜଣେ, ସେ ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ୍ ଖେଳି ୫୯ଟି ୱିକେଟ୍ ନେଇଛନ୍ତି। ନିକଟରେ ଏକ ଗଣମାଧ୍ୟମ ସାକ୍ଷାତକାରରେ ସେ କହିଥିଲେ ଯେ ଯଦି ସେ ଜଣେ କ୍ରିକେଟର ହୋଇନଥାନ୍ତେ, ତେବେ ସେ ହୁଏତ ଜଣେ ଗ୍ୟାଙ୍ଗଷ୍ଟର ହୋଇଥାନ୍ତେ। ତେବେ ଗ୍ୟାଙ୍ଗଷ୍ଟର ହେବାକୁ ଇଚ୍ଛା କାହିଁକି ହୋଇଥିଲା ବୋଲି ଯେତେବେଳେ ପଚରାଯାଇଥିଲା, ଏନେଇ ସେ କିଛି ଜବାବ ଦେଇନଥିଲେ।

## ପୂର୍ବତନ ଫୁଟବଲ ଖେଳାଳିଙ୍କ ପରଲୋକ

ଖୋର୍ଦ୍ଧା,୮।୪: ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ପୂର୍ବତନ ଫୁଟବଲ ଖେଳାଳି ମୁବଶିର ଅହମଦ ଖାଁ(ଟୁନା ଭାଇ) ପିତା ସ୍ୱର୍ଗତ ମୁବାରକ ଅହମଦ ଖାଁଙ୍କ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ରୋଗରେ ପିଡୀତ ଥାଇ ଘରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ସୋମବାର ଦିନ ୫୮ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କ ପରଲୋକରେ ସମଗ୍ର କେରଙ୍ଗ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ପାଇ ସମସ୍ତ ବନ୍ଧୁବାନ୍ଧବ, ଫୁଟବଲ ଖେଳାଳି, ପୋଲିସ ସହପାଠୀ ସହ ଶତାଧିକ ମାନ୍ୟଗଣ୍ୟ ଲୋକ ତାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ତାଙ୍କ ମରଶରୀରକୁ କେରଙ୍ଗ ସ୍ଥିତ ବାଘଟାଙ୍ଗି କବରସ୍ତାନକୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା।



ସେ ଜଣେ ସୁଦକ୍ଷ ଫୁଟବଲ ଖଳାଳି ଓ କୋଚ୍ ଥିଲେ। କେରଙ୍ଗ ସିନିଅର ଓ ଜୁନିଅର ଫୁଟବଲ ଟିମ ପାଇଁ ତାଙ୍କର ବହୁତ ବଡ ଅବଦାନ ରହିଛି । ବିଶେଷ କରି କେରଙ୍ଗ ଆଦିବାସୀ ଓ ହରିଜନ ତଥା ଗରିବ ଶ୍ରେଣୀର ପିଲାମାନଙ୍କୁ ଖେଳ ମଇଦାନରେ ଆଗକୁ ବଢିବା, ଉନ୍ନତି କରିବା ପ୍ରତିଭାକୁ ଉଜାଗର କରିବା ପାଇଁ ସେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପ୍ରାଣ ପଣେ ଚେଷ୍ଟା କରିଥିଲେ। ସେ ଜଣେ ପୋଲିସ ଚାକିରିଆ। ଥିଲେ। ଓଡିଶା ପୋଲିସରେ ସେ ୧୯୮୬ ମସିହାରେ ଯୋଗ ଦେଇଥିଲେ। ଆଉ ଦୁଇ ବର୍ଷ ପରେ ଅବସର ନେଇଥାନ୍ତେ। ସେ ଢେଙ୍କାନାଳ ଜିଲ୍ଲା ପୋଲିସ ବିଭାଗର ଫୁଟବଲ ଦଳରେ ୧୦ ବର୍ଷ କ୍ୟାପଟେନ ରହିଥିଲେ। ଓଡିଶା ଷ୍ଟେଟ ଦଳରେ ବି ୧୦ ବର୍ଷ ଖେଳିଥିଲେ। ଦୁଇଥର ସନ୍ତୋଷ ଟ୍ରଫି ମ୍ୟାଚରେ ମଧ୍ୟ ଖେଳିବାର ସୌଭାଗ୍ୟ ପାଇଥିଲେ ଖେଳ ପ୍ରତି ତାଙ୍କର ବହୁତ ରୁଚି ଥିଲା । ସେ ଅହମଦୀୟା ମୁସଲିମ ଧାର୍ମିକ ସଂଗଠନ ସହ ଜଡିତ ରହି ସର୍ବଦା ସଂଗଠନ କାମରେ ମଧ୍ୟ ଆଗ ଧାଡିରେ ରହୁଥିଲେ ତାଙ୍କୁ ଦଳର ନେତୃତ୍ୱ ନେବା ସହ ଦାୟିତ୍ୱକୁ ଭଲ ଭାବେ ସମ୍ପାଦନ କରିବାର ବେଶ ଦକ୍ଷତା ହାସଲ ଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ